

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୦୬ ଜୁଲାଇ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 06 July 2024

Vol.No. 35 ■ No.180 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ବ୍ରିଟେନରେ ସରିଲା ସୁନକ ସରକାର

## ◆ ୧୪ବର୍ଷ ପରେ କ୍ଷମତାକୁ ଫେରିଲା ଲେବର ପାର୍ଟି
## ◆ କିର ଷ୍ଟାର୍ମର ହୋଇପାରନ୍ତି ନୂଆ ପ୍ରଧାନମନ୍ତ୍ରୀ




ନୂଆଦିଲ୍ଲୀ, ୦୫/୭ : ବିଟ୍ରେନରେ ସରିଲା ସୁନକ ରାଜ । ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେବା ନେଇ ଘୋଷଣା କରିଛନ୍ତି ଋଷି ସୁନକ। କଞ୍ଜରଭେଟିଭ ପାର୍ଟିକୁ ମାତ୍ ଦେଇ ବ୍ରିଟେନରେ ବିଜୟ ଧ୍ୱଜା ଉଡାଇଛି ଲେବର ପାର୍ଟି । ଏହାସହ ଲେବର ପାର୍ଟିର ନେତା କେୟର ଷ୍ଟାରମରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ଋଷି ସୁନକ । ପରାଜୟ ପାଇଁ ନିଜକୁ ଦାୟୀ କଲେ ଋଷି ସୁନକ । ଗତକାଲି ହାଉସ ଅଫ୍ କମନସ ପାଇଁ ମତଦାନ ହୋଇଥିଲା। ୬୫୦ ଆସନ ପାଇଁ ୪୦ ହଜାରରୁ ଅଧିକ ବୁଥରେ ମତଦାନ ହୋଇଛି । ସରକାର ଗଠନ ପାଇଁ ମ୍ୟାଜିକ ନମ୍ବର ୩୨୬ ଥିଲା । ୪୦୦ ପାର ସହ ଏହାକୁ ସହଜରେ ଅତିକ୍ରମ କରିସାରିଛି ଲେବର ପାର୍ଟି । ଲେବର ପାର୍ଟିର ନେତା କେୟର ଷ୍ଟାରମର କହିଛନ୍ତି, ମତଦାତା ମାନେ ନିଜର ନିଷ୍ପତ୍ତି ଜଣାଇଛନ୍ତି ଏବଂ ପରିବର୍ତ୍ତନ ସପକ୍ଷରେ ଭୋଟ ଦେଇଛନ୍ତି । ଲେବର ପାର୍ଟି ତରଫରୁ କେୟର ଷ୍ଟାରମର ବ୍ରିଟେନର ନୂଆ ପ୍ରଧାନମନ୍ତ୍ରୀ ହେବେ । ଅନୁପ୍ରବେଶକାରୀଙ୍କୁ ରୋକିବାରେ ବିଫଳ, କରୋନାକୁ ସଠିକ ଭାବେ ପରିଚାଳନା ନକରିପାରିବା, ବ୍ରେକଜିଟ୍ ପାଇଁ ଘରୋଇ ବ୍ୟବସାୟୀ ପ୍ରଭାବିତ ହେବା ଭଳି କାରଣ ପାଇଁ ସୁନକଙ୍କ ପାଇଁ ସୁନକଙ୍କ ବିରୋଧରେ ଜନାଦେଶ ଯାଇଥିବା କୁହାଯାଉଛି । ଏବେ ବ୍ରିଟେନରେ ସରକାର ପରିବର୍ତ୍ତନ ପରେ, ଭାରତ ଓ ବ୍ରିଟେନ ସଂପର୍କରେ ପ୍ରଭାବ ପଡ଼ିପାରେ। ଭାରତର ଜ୍ୱାଇଁ ଋଷି ସୁନକ ପ୍ରଧାନମନ୍ତ୍ରୀ ଥିବା ସମୟରେ ଦୁଇ ଦେଶର ସମ୍ପର୍କ ମଜବୁତ ହୋଇଥିଲା। ଭାରତୀୟଙ୍କ ପାଇଁ ଭିସା କଟକଣା ହଟାଇବା ପରି ନିଷ୍ପତ୍ତି ହେଉ ଅବା ମୁକ୍ତ ବାଣିଜ୍ୟ ନେଇ ଆଲୋଚନା । ସବୁଥିରେ ଦ୍ୱିପାକ୍ଷିକ ଆଲୋଚନା ଲଗାତାର ହେଉଥିଲା । ଋଷି ସୁନକ ପ୍ରଧାନମନ୍ତ୍ରୀ ଥିବା ସମୟରେ ଅନେକ ଥର ଭାରତ ଗସ୍ତ କରିଛନ୍ତି । ଏବେ ଯଦି ସରକାର ପରିବର୍ତନ ହୋଇଛି ତେଣୁ ଦୁଇ ଦେଶ ମଧ୍ୟରେ ଯେଉଁ ମୁକ୍ତ ବାଣିଜ୍ୟ ପାଇଁ ଦୁଇ ବର୍ଷ ହେଲା କଥାବାର୍ତ୍ତା ଚାଲିଛି। ଏହା ବାଧାପ୍ରାପ୍ତ ହେବା ନେଇ ଆଶଙ୍କା ଦେଖାଦେଇଛି।

# ସବୁ ରାଜନୀତିକ ନିଯୁକ୍ତିକୁ ରଦ୍ଦ କଲେ ସରକାର: ସମସ୍ତ ଉନ୍ନୟନ ପ୍ରାଧିକରଣର ଅଧକ୍ଷ ହେଲେ ମନ୍ତ୍ରୀ




ଭୁବନେଶ୍ୱର, ୦୫/୭ (ନି.ପ୍ର): ରାଜ୍ୟର ପ୍ରଥମ ବିଜେପି ସରକାର କ୍ଷମତାକୁ ଆସିବା ପରେ ନବୀନ ପଟ୍ଟନାୟକଙ୍କ ସରକାର ସମୟର ସମସ୍ତ ରାଜନୀତିକ ନିଯୁକ୍ତିକୁ ରଦ୍ଦ କରିଦେଇଛନ୍ତି। ଏହାସହିତ ଆଜି ରାଜ୍ୟ ସରକାର ଭୁବନେଶ୍ୱର, କଟକ ସମେତ ଅନ୍ୟ ୭ଟି ଉନ୍ନୟନ ପ୍ରାଧିକରଣର ଅଧକ୍ଷଙ୍କୁ ହଟାଇ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ସମସ୍ତ ଉନ୍ନୟନ ପ୍ରାଧିକରଣର ଅଧକ୍ଷ ଭାବେ ନିଯୁକ୍ତି ଦେଇଛନ୍ତି। ରାଜ୍ୟ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସୁରେନ୍ଦ୍ର କୁମାର ସମସ୍ତ ବିଭାଗୀୟ ସଚିବ, ଜିଲ୍ଲାପାଳ ଓ ବିଧାନସଭା ସଚିବଙ୍କୁ ଚିଠିଲେଖି ବିଭିନ୍ନ ସରକାରୀ ସଂସ୍ଥା, ଉଦ୍ୟୋଗ, ନିଗମ ଓ ବିଭାଗରେ ରାଜନୀତିକ ନିଯୁକ୍ତିକୁ ତତ୍କାଳ ପ୍ରଭାବରୁ ରଦ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ଅବଗତ କରିଛନ୍ତି । ସମସ୍ତ ରାଜନୀତିକ ନିଯୁକ୍ତିକୁ ରଦ୍ଦ କରାଗଲା । କିନ୍ତୁ ବୈଧାନିକ ପ୍ରାବଧାନ ଅନ୍ତର୍ଗତ ରାଜ୍ୟ ସରକାରଙ୍କ ନିର୍ଦ୍ଧାରିତ ପ୍ରକ୍ରିୟା ମଧ୍ୟରେ ଦିଆଯାଇଥିବା ନିଯୁକ୍ତିଗୁଡ଼ିକ ଏହି ନିର୍ଦ୍ଦେଶ ଦ୍ୱାରା ପ୍ରଭାବିତ ହେବେ ନାହିଁ ବୋଲି ବିଭାଗ ସୂଚନା ଦେଇଛି । ତେବେ ରାଜ୍ୟ ମହିଳା ଆୟୋଗ ଓ ଶିଶୁ ସୁରକ୍ଷା ଅଧିକାର ଆୟୋଗରେ ରାଜନୀତିକ ▶▶ପୃଷ୍ଠା ୭

# ବିଶ୍ୱବିଦ୍ୟାଳୟ ଅଚଳ: କାହିଁକି ବାଟ ଫିଟୁନି ?




ଭୁବନେଶ୍ୱର, ୦୫/୭ (ନି.ପ୍ର): ରାଜ୍ୟର ୧୭ଟି ସରକାରୀ ବିଶ୍ୱବିଦ୍ୟାଳୟରେ ଏବେ ୬୦% ପ୍ରଫେସର ଓ ୬୬% ଅଣ-ଶିକ୍ଷକ ପଦ ଖାଲି ପଡ଼ିଛି। ବିଧାନସଭାରେ ଚଳିତ ବର୍ଷ ଫେବ୍ରୁଆରୀ ୭ ତାରିଖରେ ଏକଥା ସ୍ୱୀକାର କରିଥିଲେ ରାଜ୍ୟ ସରକାର। ଉଦାହରଣ ସ୍ୱରୂପ ଉତ୍କଳ ବିଶ୍ୱବିଦ୍ୟାଳୟରେ ବିଭିନ୍ନ ବିଭାଗରେ ଆସିଷ୍ଟାଣ୍ଟ ପ୍ରଫେସର, ଆସୋସିଏଟ୍ ପ୍ରଫେସର ଓ ପ୍ରଫେସରଙ୍କୁ ମିଶାଇ ୨୪୪ଟି ମଞ୍ଜୁରୀପ୍ରାପ୍ତ ପଦ ଥିବାବେଳେ ଏବେ ମାତ୍ର ୧୨୫ ଜଣରେ କାମ ଚାଲିଛି। ଅର୍ଥାତ୍ ପ୍ରାୟ ଅଧା ପ୍ରାଧ୍ୟାପକ ପଦ ଖାଲିପଡ଼ିଛି। ସ୍ଥାୟୀ ପ୍ରାଧ୍ୟାପକ ପଦ ଖାଲିପଡ଼ିବାରୁ ୟୁଜିସି ଅନୁଦାନରେ ପରିଚାଳିତ ଅନେକ ବିଭାଗରେ ଆଡଭାନ୍ସ ସେଣ୍ଟର ମଧ୍ୟ ବନ୍ଦ ହୋଇଯାଇଛି। ଏହି କେନ୍ଦ୍ରଗୁଡ଼ିକ ପାଇଁ ପ୍ରଫେସର ନଥିବାରୁ ଦୁଇ ବର୍ଷ ହେଲା ରିସର୍ଚ୍ଚ ଫେଲେ ନିଯୁକ୍ତି ମଧ୍ୟ ବନ୍ଦ ହୋଇଯାଇଛି। ପାଠପଢ଼ା ଓ ଗବେଷଣା କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏହି ଅବସରରେ ଦେଢ଼ ବର୍ଷେ ତଳେ ମହାବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟରେ ରୂପାନ୍ତରିତ ହୋଇଥିବା କୋରାପୁଟର ବିକ୍ରମଦେବ ▶▶ପୃଷ୍ଠା ୭

# କାଗଜ କଲମ ଧରି ଥାନାରେ ପହଞ୍ଚିଲେ ବିଧାୟକ



ଜଗତସିଂହପୁର, ୦୫/୭ (ନି.ପ୍ର): ଏଫ୍ଆଇଆର ଲେଖିବା ପାଇଁ ଥାନାରେ କାଗଜ କଲମ୍ କାଗଜ ମିଳୁନି। ଅଭିଯୋଗ କରିବା ପାଇଁ ଆସୁଥିବା ଲୋକଙ୍କୁ ଦୁର୍ବ୍ୟବହାର କରାଯାଉଛି। ତେଣୁ ଲୋକମାନେ ଥାନାକୁ ଯିବା ପାଇଁ ଭୟ କରୁଛନ୍ତି। ଆଜି ଏପରି ସଙ୍ଗୀନ ଅଭିଯୋଗ ଆଣି ଜଗତସିଂହପୁର ଥାନାରେ ପହଞ୍ଚିଛନ୍ତି ବିଧାୟକ ଅମରେନ୍ଦ୍ର ଦାସ। ଆଉ ଏଫ୍ଆଇଆର ଲେଖାଇବା ପାଇଁ ଥାନାକୁ କାଗଜ ଓ କଲମ ଦେଇଛନ୍ତି। ଲୋକଙ୍କ ସରକାରରେ ଏପରି ଖବରକୁ ନେଇ ଆଜି ଜଗତସିଂହପୁର ଜିଲ୍ଲାରେ ଚର୍ଚ୍ଚା ଚାଲିଛି। ବିଧାୟକ ଅମରେନ୍ଦ୍ର ଦାସ ନିର୍ବାଚନ ସମୟରେ ସରେଣ୍ଡର କରିଥିବା ନିଜର ବନ୍ଧୁକ ଆଣିବା ପାଇଁ ଗୁରୁବାର ସନ୍ଧ୍ୟାରେ ଜଗତସିଂହପୁର ଥାନାକୁ ଯାଇଥିଲେ। ▶▶ପୃଷ୍ଠା ୭

# ଭିଜିଲାନ୍ସ ଜାଲରେ ତହସିଲଦାର



ରାୟଗଡ଼ା, ୦୫/୭ (ନି.ପ୍ର): ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକ୍ ତହସିଲଦାର ବିଚିତ୍ରାନନ୍ଦ ନାୟକଙ୍କୁ ଗିରଫ କରିଛି ଭିଜିଲାନ୍ସ। ଜଣେ ହିତାଧିକାରୀଙ୍କ ଠାରୁ ଲାଞ୍ଚ ନେଇ ଖସି ପଳାଉଥିବା ବେଳେ ତାଙ୍କୁ ଗିରଫ କରିଛି ରାୟଗଡ଼ା ଭିଜିଲାନ୍ସ ଟିମ୍। ତାଙ୍କୁ ଗିରଫ କରିବା ପୂର୍ବରୁ ସେ ଭିଜିଲାନ୍ସ କର୍ମଚାରୀଙ୍କ ଉପରେ ଗାଡ଼ି ମଡ଼ାଇ ଦେବାକୁ ଉଦ୍ୟମ କରିଥିଲେ ଓ ୩ ଜଣ ଭିଜିଲାନ୍ସ କର୍ମଚାରୀ ନିଶ୍ଚିତ ମୃତ୍ୟୁମୁଖରୁ ବର୍ତ୍ତି ଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ପ୍ରାୟ ୪ ଦିନ ତଳେ ତହସିଲଦାର ବିଚିତ୍ରାନନ୍ଦ ନାୟକ ଜଣେ ହିତାଧିକାରୀଙ୍କୁ ଲକ୍ଷେ ୧୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏକ ଜମିର ପଟ୍ଟା କରି ଦେବା ପାଇଁ ସେ ଏହି ▶▶ପୃଷ୍ଠା ୭

# ରତ୍ନଭଣ୍ଡାର ଯାଞ୍ଚ: ପୁରୁଣା କମିଟି ଭାଙ୍ଗିଲା, ଜଷ୍ଟିସ ବିଶ୍ୱନାଥ ରଥଙ୍କ ଅଧକ୍ଷତାରେ ନୂଆ କମିଟି



ଭୁବନେଶ୍ୱର, ୦୫/୭ (ନି.ପ୍ର): ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିରର ରତ୍ନଭଣ୍ଡାର ଖୋଲିବାକୁ ନେଇ ଚର୍ଚ୍ଚା ଲାଗି ରହିଥିବାବେଳେ ରାଜ୍ୟ ସରକାର ଗତକାଲି ପୁରୁଣା କମିଟିକୁ ଭାଙ୍ଗି ଦେଇଛନ୍ତି । ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ରତ୍ନଭଣ୍ଡାର ଯାଞ୍ଚ ସହ ଅଳଙ୍କାର ଗଣନା ପାଇଁ ନବୀନ ପଟ୍ଟନାୟକ ସରକାର ଗଢ଼ିଥିବା କମିଟିକୁ ଭଙ୍ଗ କରି ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ବିଶ୍ୱନାଥ ରଥଙ୍କ ଅଧକ୍ଷତାରେ ୧୬ଜଣିଆ କମିଟି ଗଠନ କରିଛନ୍ତି ରାଜ୍ୟର ମୋହନ ମାଝୀ ସରକାର । ରତ୍ନଭଣ୍ଡାର ଯାଞ୍ଚ ପାଇଁ ଆଜି ହେବାକୁ ଥିବା ବୈଠକରେ ଯୋଗ ଦେବାକୁ ଓଡ଼ିଶା ଆସିଛନ୍ତି ରତ୍ନଭଣ୍ଡାର ଯାଞ୍ଚ କମିଟି ଅଧକ୍ଷ ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ଅରଜିତ୍ ପଶାୟତ । ମାତ୍ର ଏହାପୂର୍ବରୁ ସରକାର ଏହି କମିଟିକୁ ଭଙ୍ଗ କରିଦେଇଛନ୍ତି। ଆଇନ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ, ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ରତ୍ନଭଣ୍ଡାରର ଅଳଙ୍କାର ଗଣନାର ତଦାରଖ ପାଇଁ ୨୦୨୪ ମାର୍ଚ୍ଚ ୨ତାରିଖରେ ଗଠିତ ଉଚ୍ଚସ୍ତରୀୟ କମିଟିକୁ ରାଜ୍ୟ ସରକାର ଭାଙ୍ଗି ଦେଇଛନ୍ତି । ଏହି କମିଟି ପରିବର୍ତ୍ତେ ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ବିଶ୍ୱନାଥ ରଥଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ ପାଇଁ ନିଷ୍ପତ୍ତି ନିଆଯାଇଛି । ଏହି କମିଟି ଶ୍ରୀମନ୍ଦିର ପରିଚାଳନା କମିଟି ଦ୍ୱାରା ହେବାକୁ ଥିବା ରତ୍ନଭଣ୍ଡାରର ଗଣନା ଆଦିର ତଦାରଖ କରିବେ । ନୂଆ କମିଟିରେ ସଦସ୍ୟ ଭାବେ ଡାକ୍ତର ସିବିକେ ମହାନ୍ତି, ଚାଟାର୍ଡ ଆକାଉଣ୍ଟାଣ୍ଟ ରାଜୀବ ସାହୁ, ଅବସରପ୍ରାପ୍ତ ଆଇଏଏସ୍ ଜଗଦୀଶ ମହାନ୍ତି, ଅବସରପ୍ରାପ୍ତ ଆଇପିଏସ୍ ପ୍ରକାଶ ମିଶ୍ର, ସ୍ୱାମୀ ପ୍ରଜ୍ଞାନନ୍ଦ ଜୀ, ହରିହର ହୋତା, ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ଗଜପତି ମହାରାଜାଙ୍କ ପ୍ରତିନିଧି, ପ୍ରତ୍ନତତ୍ତ୍ୱ ବିଭାଗର ପ୍ରତିନିଧି, ମଧୁସୂଦନ ସିଂଘାରୀ, ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର, ଜଗନ୍ନାଥଦାସ ▶▶ପୃଷ୍ଠା ୭

# ରଥଯାତ୍ରାରେ ଶ୍ରୀକ୍ଷେତ୍ରରେ ପ୍ରବଳ ବର୍ଷା !

ପୁରୀ, ୦୫/୭ (ନି.ପ୍ର): ବର୍ଷାରେ ଭିଜିବେ ମହାପ୍ରଭୁ ଶ୍ରୀଜୀଉ ! ରଥଯାତ୍ରାରେ ଶ୍ରୀକ୍ଷେତ୍ରରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଶ୍ରୀକ୍ଷେତ୍ର ପରି ରାଜ୍ୟର ଅନେକ ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ଆଉ କିଛି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ଏଥିସହ ବଜ୍ରପାତ ଓ ଘଡ଼ଘଡ଼ି ହେବାର ସମ୍ଭାବନା ରହିଛି। ସେଥିପାଇଁ ସତର୍କ ସୂଚନା ଜାରି କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ଡକ୍ଟର ମନୋରମା ମହାନ୍ତିଙ୍କ କହିବା ଅନୁସାରେ ୬ ତାରିଖରେ ମୟୂରଭଞ୍ଜ, କେନ୍ଦୁଝର, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ କେତେକ ସ୍ଥାନରେ ପ୍ରବଳ ▶▶ପୃଷ୍ଠା ୭

# ଦାରିଙ୍ଗବାଡ଼ିର ଶୋଭା ବଢ଼ାଇବ ଚେରୀ ବ୍ଲସମ୍

ଦାରିଙ୍ଗବାଡ଼ି, ୦୫/୭ (ନି.ପ୍ର): ଦାରିଙ୍ଗବାଡ଼ିର ଶୋଭା ବଢ଼ାଇବ ଚେରୀ ବ୍ଲସମ୍। ବନ ବିଭାଗ ପକ୍ଷରୁ ପ୍ରଥମ ଥର ପାଇଁ ରାଜ୍ୟରେ ଚେରୀ ବ୍ଲସମ୍ ଗଛ ଲଗାଯିବ। ଓଡ଼ିଶାର କାଶ୍ମୀର ଭାବେ ପରିଚିତ ଦାରିଙ୍ଗବାଡ଼ିରେ ଏହି ଚାଷ ହେବାକୁ ଯାଉଛି। ରାଜ୍ୟସ୍ତରୀୟ ବନ ମହୋତ୍ସବ ପାଳନ ଅବସରରେ ଏ ନେଇ ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ସେହିପରି ଚଳିତ ବର୍ଷ ରାଜ୍ୟରେ ଲାଗିବ ୫ କୋଟି ଗଛ। ରାଜ୍ୟ ସରକାର ଲଗାଇବେ ୨ କୋଟି ୨୦ ଲକ୍ଷ ଗଛ। ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ସଂଗଠନ ଜରିଆରେ ଆଉ ୨ କୋଟି ୮୦ ଲକ୍ଷ ବୃକ୍ଷରୋପଣ କରାଯିବ। ବଜ୍ରପାତଜନିତ ମୃତ୍ୟୁ ରୋକିବାକୁ ରାଜ୍ୟରେ ୧୯ ଲକ୍ଷ ତାଳ ଗଛ ଲଗାଇବାର କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକ୍ରମେ 'ଏକ ପେଡ୍ ମାଆ କେ ନାମ୍' କାର୍ଯ୍ୟକ୍ରମ ଜରିଆରେ ଓଡ଼ିଶାରେ ୧ ଲକ୍ଷ ୪୫ ହଜାର ଲୋକେ ଗଛ ଲଗାଇ ଫଟୋ ପଠାଇଛନ୍ତି। ଏହାସହ ବୃକ୍ଷରୋପଣରେ ଓଡ଼ିଶା ଦେଶରେ ଏକ ନମ୍ବର ସ୍ଥାନରେ ରହିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

# ଓଡ଼ିଶା ଆସିବେ ୫ ମହାବଳ ବାଘ



ଭୁବନେଶ୍ୱର, ୦୫/୭ (ନି.ପ୍ର): ଓଡ଼ିଶାରେ ବାଘବଂଶ ବୃଦ୍ଧି ଯୋଜନା। ଅକ୍ଟୋବର ଶେଷ ସୁଦ୍ଧା ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ରରୁ ୪ ବାଘୁଣୀ ସହ ରାଜ୍ୟକୁ ଆସିବେ ୫ ମହାବଳ। ରାଜ୍ୟ ମୁଖ୍ୟ ବନ ସଂରକ୍ଷକଙ୍କ ପକ୍ଷରୁ ଆଜି ଏନେଇ ସୂଚନା ଦିଆଯାଇଛି। ଏହି ଯୋଜନାରେ ଡେବ୍ରିଗଡ଼ ଅଭୟାରଣ୍ୟ ପାଇଁ ୨ଟି ବାଘୁଣୀ ସହ ଗୋଟିଏ ମହାବଳ ଏବଂ ଶିମିଳିପାଳ ଲାଗି କେବଳ ଦୁଇଟି ବାଘୁଣୀ ଅଣାଯାଉଥିବା ସୂଚନା ମିଳିଛି। ଅଗଷ୍ଟ ସୁଦ୍ଧା ଡେବ୍ରିଗଡ଼ ଓ ଅକ୍ଟୋବର ଶେଷ ସୁଦ୍ଧା ଶିମିଳିପାଳକୁ ଏଇ ୫ ନୂଆ ▶▶ପୃଷ୍ଠା ୭

# କୁଚିଣ୍ଡା ସମେତ ସମ୍ବଲପୁରରେ ବିଭିନ୍ନ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



କୁଚିଣ୍ଡା/ସମ୍ବଲପୁର, ୦୫/୭ (ନି.ପ୍ର): କୁଚିଣ୍ଡାବାସୀଙ୍କ ଅଧିକାର ପୂରା କରିବା ପାଇଁ ଦାୟିତ୍ୱ ନେବା । ଲୋକକଲ୍ୟାଣରେ ନିଜକୁ ଉତ୍ସର୍ଗ କରିବା । ପ୍ରଧାନମନ୍ତ୍ରୀ ଏବଂ ବିଜେପି ପ୍ରତି ଥିବା ଆସ୍ଥାକୁ ବଜାୟ ରଖିବା ପାଇଁ ଶୁକ୍ରବାର କୁଚିଣ୍ଡାରେ ଆୟୋଜିତ 'ବିଜୟ ସମ୍ବର୍ଦ୍ଧନା ଉତ୍ସବ'ରେ ଯୋଗଦେବା ଅବସରରେ କାର୍ଯ୍ୟକର୍ତ୍ତାଙ୍କୁ ପରାମର୍ଶ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ଅବସରରେ ସେ କହିଛନ୍ତି ଯେ ଓଡ଼ିଶାରେ ବିଜେପିକୁ ଆଶୀର୍ବାଦ କରିଥିବାରୁ କୁଚିଣ୍ଡାର ଜନସାଧାରଣ ବିଶେଷତଃ ମାତୃଶକ୍ତି ଏବଂ ଯୁବଶକ୍ତିଙ୍କୁ ଧନ୍ୟବାଦ ଜଣାଉଛି । ସ୍ୱାଧୀନତା ପରେ କୁଚିଣ୍ଡା ଅଞ୍ଚଳର ଜନପ୍ରତିନିଧି ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ମନ୍ତ୍ରୀ ଭାବେ ଲୋକଙ୍କ ସେବା କରିବାର ଦାୟିତ୍ୱ ନେଇଛନ୍ତି, ଯାହା ଅଞ୍ଚଳ ପାଇଁ ଗୌରବର ବିଷୟ । ସେ ଆହୁରି କହିଛନ୍ତି ଯେ କୁଚିଣ୍ଡା ହେଉଛି ଏକ କୃଷି ପ୍ରାଧାନ୍ୟ ଅଞ୍ଚଳ । ଏହି ଅଞ୍ଚଳରେ ପାଣି ଅଭାବ ନାହିଁ । ଉର୍ବର ଜମିର ଅଭାବ ନାହିଁ । ଏଠାରେ ଧାନ, ବିଭିନ୍ନ ରକମର ପନିପରିବା, ଜଙ୍ଗଜାତ ଦ୍ରବ୍ୟ ଉତ୍ପାଦିତ ହେଉଛି । ଏଠାରେ ଉତ୍ପାଦିତ ହେଉଥିବା ଲଙ୍କାର ବିଶେଷ ଚାହିଦା ରହିଛି । ଏହାକୁ ବିଶ୍ୱ ବଜାରକୁ ନେବାକୁ ହେବ । କୃଷି ଶିଳ୍ପ ଭିତ୍ତିକ ଏକ କ୍ଲଷ୍ଟର କରିବାର ଯୋଜନା କରିବା । କୁଚିଣ୍ଡା ▶▶ପୃଷ୍ଠା ୭

# ହାଥରସ ଦଳାଚକଟା ଘଟଣା: ମୃତକ ଓ ପୀଡିତଙ୍କ ପରିବାରକୁ ଭେଟିଲେ ରାହୁଲ ଗାନ୍ଧି



ନୂଆଦିଲ୍ଲୀ, ୦୫/୭ : ଉତ୍ତର ପ୍ରଦେଶର ହାଥରସ ଦଳାଚକଟା ଘଟଣାରେ ୧୨୧ ଜଣଙ୍କ ମୃତ୍ୟୁ ସମଗ୍ର ଦେଶରେ ଶୋକର ଛାୟା ଖେଳାଇ ଦେଇଛି। ଯେଉଁଠି ଦେଖିଲେ, ସେଇଠି ଶବ ପଡ଼ିଛି। ସତସଙ୍ଗରେ ଯୋଗଦେବାକୁ ଯାଇ ଜୀବନ ଏପରି ଅଣନିଶ୍ୱାସୀ ହୋଇ ଚାଲିଯିବ, କେବେ କେହି ଭାବି ନଥିବେ। ଏହି ଦୁଃଖଦ ସମୟରେ କଂଗ୍ରେସ ସାଂସଦ ତଥା ବିରୋଧୀ ଦଳ ନେତା ମୃତକଙ୍କ ପରିବାର ବର୍ଗଙ୍କୁ ଭେଟିଛନ୍ତି। ରାହୁଲ ଗାନ୍ଧି ହାଥରସ ଓ ଆଲିଗଡ଼ ଗସ୍ତ କରି ମୃତକଙ୍କ ପରିବାରକୁ ଭେଟି ସମବେଦନା ▶▶ପୃଷ୍ଠା ୭




ବିଜୟଲକ୍ଷ୍ମୀ ଭୂୟାଁ

## ସର୍ବଧର୍ମର ସମନ୍ୱୟ ରଥଯାତ୍ରା ଓ ରଥଯାତ୍ରାର ଭିନ୍ନ ଭିନ୍ନ ନାମ

ରଥଯାତ୍ରାର ଭିନ୍ନ ଭିନ୍ନ ନାମ ରହିଛି। ଏହାକୁ ଘୋଷ ଯାତ୍ରା କୁହାଯାଏ। ଘୋଷ ଯାତ୍ରା ଅର୍ଥାତ୍ ନନ୍ଦିଘୋଷରେ ବିରାଜମାନ କରି ଶ୍ରୀଜଗନ୍ନାଥ ଯାତ୍ରା କରୁଥିବାରୁ ବା ଏହି ଯାତ୍ରା ମାଧ୍ୟମରେ ବିଶ୍ୱର ମଙ୍ଗଳ ଘୋଷଣା କରାଯାଉଥିବାରୁ ଏହାକୁ ଘୋଷଯାତ୍ରା କୁହାଯାଏ। ସେହିପରି ଏହାକୁ ଆଡ଼ପ ମଣ୍ଡପ ଯାତ୍ରା ମଧ୍ୟ କୁହାଯାଏ। ଆଡ଼ପ ମଣ୍ଡପ ଯାତ୍ରା ହେଉଛି ଗୁଣ୍ଡିଚା ମନ୍ଦିରରେ ଥିବା ଆଡ଼ପ ମଣ୍ଡପରେ ତିନି ଠାକୁର ବିଜେ କରିଥାନ୍ତି। ଫଳରେ ଏହାକୁ ଆଡ଼ପ ମଣ୍ଡପ ଯାତ୍ରା କୁହାଯାଏ। ସେହିପରି ଜନ୍ମବେଦୀ ବା ଅନ୍ତର୍ବେଦୀ ଯାତ୍ରା ବୋଲି କୁହାଯାଏ। କାରଣ ଆଡ଼ପ ମଣ୍ଡପକୁ ପ୍ରଭୁଙ୍କ ଜନ୍ମବେଦୀ କୁହାଯାଏ। ଏଠାରେ ବିଗ୍ରହ ନିର୍ମାଣ କରାଯାଇଥିବାରୁ କିମ୍ବଦନ୍ତୀ ରହିଛି। ତେଣୁ ଏହାକୁ ଜନ୍ମବେଦୀ ବା ଅନ୍ତର୍ବେଦୀ ଯାତ୍ରା କୁହାଯାଏ। ଦଶାବତାର ଯାତ୍ରା ଭାବେ ଏହାକୁ ବିବେଚିତ କରାଯାଉଥିବାବେଳେ ଗୁଣ୍ଡିଚା ଘରେ ଦଶ ଅବତାର ବେଶ ହେଉଥିବାରୁ ଏହାକୁ ଦଶାବତାର ଯାତ୍ରା କୁହାଯାଏ। ସେହିପରି ପତିତପାବନ ଯାତ୍ରା ଭାବେ ଏହାକୁ ମଧ୍ୟ କୁହାଯାଏ। ଅର୍ଥାତ୍ ପତିତମାନଙ୍କୁ ଉଦ୍ଧାର କରିବା ଲାଗି ଶ୍ରୀଜଗନ୍ନାଥ ବଡ଼ ଦେଉଳରୁ ବଡ଼ଦାଣ୍ଡକୁ ଓହ୍ଲାଇ ଆସନ୍ତି। ଭକ୍ତଙ୍କ ଗହଣରେ ନିଜକୁ ସମ୍ମିଳିତ କରିଦିଅନ୍ତି। ତାଙ୍କୁ ପ୍ରତ୍ୟକ୍ଷ ଭାବେ ଦର୍ଶନ କରି ପତିତମାନେ ଉଦ୍ଧାର ପାଇଥାନ୍ତି। ତେଣୁ ଏହାକୁ ପତିତପାବନ ଯାତ୍ରା କୁହାଯାଏ। ଆହୁରି ଏହାକୁ ନବଦିନାତ୍ମକ ଯାତ୍ରା ଭାବେ କୁହାଯାଏ କାରଣ ଗୁଣ୍ଡିଚା ଠାରୁ ବାହୁଡ଼ା ପର୍ଯ୍ୟନ୍ତ ନଅ ଦିନ ଧରି ଏହା ଚାଲୁଥିବାରୁ ଏହାକୁ ନବଦିନାତ୍ମକ ଯାତ୍ରା କୁହାଯାଏ। ସେହିପରି ଗୁଣ୍ଡିଚା ଯାତ୍ରା ଭାବେ ଏହାକୁ ବିବେଚନା କରାଯାଏ କାରଣ ଗୁଣ୍ଡିଚା ଘରକୁ ତିନି ଠାକୁର ଯାତ୍ରା କରୁଥିବାରୁ ଏହାକୁ ଗୁଣ୍ଡିଚା ଯାତ୍ରା କୁହାଯାଏ।

ଆମ ଆଦିମ ଅଧିବାସୀ ଶବର ସଂପ୍ରଦାୟଙ୍କ ଦ୍ୱାରା ପୂଜିତ ଦାରୁଦେବତା ପ୍ରଭୁ ନୀଳମାଧବ କାଳକ୍ରମେ ଜଗନ୍ନାଥ ରୂପ ବିଗ୍ରହ ଧାରଣ କରି ପୂଜିତ ହୋଇ ଚାଲିଛନ୍ତି ବୋଲି ଶ୍ରୁତି ରହିଛି। ସେ ବ୍ରହ୍ମ, ସେ ବିଷ୍ଣୁ, ସେ ହିଁ ନାରାୟଣ। 'ଓଁ କ୍ଲୀଂ କୃଷ୍ଣାୟେ, ଗୋବିନ୍ଦାୟେ, ଗୋପୀକାଜନବଲ୍ଲଭେ ନମଃ'ର ମାନ୍ତ୍ରିକ ଉଚ୍ଚାରଣରେ ପୂଜିତ ହେଉଥିବା ଶ୍ରୀଜଗନ୍ନାଥ ଶ୍ରୀକୃଷ୍ଣଙ୍କର ପ୍ରତିରୂପ ବୋଲି ମଧ୍ୟ ବିଚାର କରାଯାଏ। ଲୋକକଥା ମଧ୍ୟ ରହିଛି ଯେ ଶ୍ରୀକୃଷ୍ଣଙ୍କର ମର୍ତ୍ତ୍ୟଲୀଳାର ପରିସମାପ୍ତି ପରେ ପରେ ସେ ପୂର୍ବ ଭାରତର ଏହି ପୁଣ୍ୟପୀଠରେ ଶ୍ରୀଜଗନ୍ନାଥ ରୂପେ ଆବିର୍ଭୂତ ହେଲେ। ଏଣୁ ସକଳ ବୈଷ୍ଣବ ସଂପ୍ରଦାୟଙ୍କର ସେ ମଧ୍ୟ ଆରାଧ୍ୟ ଦେବତା ଯାହା ଶ୍ରୀଚୈତନ୍ୟଙ୍କ ଦ୍ୱାରା ଅଧିକ ସଂପ୍ରସାରିତ ଓ ଗୃହୀତ ହୋଇଆସିଛି। ବୈଷ୍ଣବ ମତାନୁସାରେ ସେ ହେଉଛନ୍ତି ଶ୍ରୀକୃଷ୍ଣ, ତାଙ୍କର ଜ୍ୟେଷ୍ଠ ଭ୍ରାତା ବଳରାମଙ୍କ ସହିତ ଭଉଣୀ ସୁଭଦ୍ରାଙ୍କର ସମାବେଶରେ ସେ ବିରାଜିତ। ଏହି ଯଶୋଦା କନ୍ୟା ସୁଭଦ୍ରା ଭାଇ ଦୁଇ ଜଣଙ୍କୁ ମହାପ୍ରତାପୀ କଂସଙ୍କ କବଳରୁ ବଞ୍ଚାଇଥିବାରୁ ସେ ତାଙ୍କର ଅତି ଆଦରର। ଅଦ୍ୱୈତବାଦାନୁସାରେ ଏହି ମହାଦେବୀ ସୁଭଦ୍ରା ଯୋଗମାୟା ଓ ଯୋଗନିଦ୍ରା ଭାବେ ମଧ୍ୟ ପରିଚିତା। ସେ ପୁଣି ଅଖଣ୍ଡ, କାଳ ବା ସମୟଚକ୍ରର ସ୍ରଷ୍ଟାଦେବୀ। ସୁଦର୍ଶନ ହେଉଛନ୍ତି ମହାଭାରତର କିମ୍ବଦନ୍ତୀ ଅନୁସାରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କର ସମ୍ମିଳିତ ରୂପ ଯାହାଙ୍କୁ ନାରଦ ପ୍ରତ୍ୟକ୍ଷ କରି କଳିଯୁଗରେ ଆବିର୍ଭାବ ହେବା ପାଇଁ ପ୍ରଭୁଙ୍କୁ ବିନମ୍ର ପ୍ରାର୍ଥନା କରିଥିଲେ। ଆମ ଭାରତୀୟ ପରମ୍ପରାରେ ଭଉଣୀ ସହିତ ପ୍ରଭୁ ପୂଜିତ ହେବାର ସ୍ୱତନ୍ତ୍ରତା ରହିଛି। ଅନ୍ୟପକ୍ଷରେ ବୌଦ୍ଧ ଧର୍ମର ବୁଦ୍ଧ, ଧମ୍ମ ଓ ସଂଘର ମହତ୍ତ୍ୱ ରତ୍ନସିଂହାସନରେ ଉପବିଷ୍ଟ ଏହି ଚତୁର୍ଦ୍ଧାମୂର୍ତ୍ତିରେ ସମାବିଷ୍ଟ ବୋଲି ବୌଦ୍ଧ ଧର୍ମର



ଲୋକମାନଙ୍କର ବିଶ୍ୱାସ ମଧ୍ୟ ରହିଛି। ଏହି ଧମ୍ମ ସଦାବେଳେ ନାରୀର ପ୍ରତିନିଧିତ୍ୱ କରିଥାଏ ବୋଲି ତହିଁରେ କୁହାଯାଇଛି। ଆଉ ରତ୍ନବେଦୀ ଐଶ୍ୱର୍ଯ୍ୟର ଭଣ୍ଡାର ବୋଲି ବିଶ୍ୱାସ ରହିଛି। ମୋଟ ଉପରେ କୁହାଯାଇପାରେ ଯେ ପ୍ରଭୁ ପୁରୁଷୋତ୍ତମଙ୍କର ଏହି ଆସ୍ଥାନରେ ରହିଛି ବିଷ୍ଣୁ, ଶୈବ, ବୈଷ୍ଣବ ଓ ବୌଦ୍ଧ ବିଶ୍ୱାସୀଙ୍କର ପରମ ଆସ୍ଥା ଏବଂ ଅନାବିଳ ବିଶ୍ୱାସ। ଏହି ଚତୁର୍ଦ୍ଧା ମୂର୍ତ୍ତିର ପରିକଳ୍ପନା ସ୍ୱୟଂ ପ୍ରଭୁଙ୍କର ବୋଲି ଆମେ ବିଶ୍ୱାସ କରିଆସିଛୁ, କାରଣ ଏହାର ତତ୍ତ୍ୱକୁ ଯେତେ ବିଶ୍ଳେଷଣ କଲେ ମଧ୍ୟ ଏହା ଅଲୌକିକରେ ଲୌକିକ ଓ ରହସ୍ୟରେ ପରମ ଅଖଣ୍ଡ ବିଶ୍ୱାସରେ ଅଧିଷ୍ଠିତ। ଗୋଲାକାର ଦାରୁ ବିଗ୍ରହର ଅନୁପମ ରୂପ ଓ ମହିମା ଚିରକାଳ ଆମକୁ ବାନ୍ଧି ରଖିଆସିଛି। ଜଗତର ସବୁ ରଙ୍ଗ ତାଙ୍କଠି ଠୁଳ। ବିସ୍ଫାରିତ ପଲକବିହୀନ ନେତ୍ର ଯୁଗଳରେ ସେହି ପରମ କାରୁଣିକ ଅହୋରାତ୍ର ତାଙ୍କର ସୃଷ୍ଟି ଜଗତକୁ ଚାହିଁ ରହିଛନ୍ତି। ସକଳ ପ୍ରାଣୀଙ୍କୁ ନିରୀକ୍ଷଣ କରିଚାଲିଛନ୍ତି। ସଂସାରରେ କିଛି ହିଁ କିଛି ତାଙ୍କ ଅଗୋଚରରେ ରହେ ନାହିଁ। ଯୁଗଯୁଗ ଧରି ବହୁ ପ୍ରାଜ୍ଞ ପଣ୍ଡିତ ତାଙ୍କରି ମହିମା ବର୍ଣ୍ଣନା କରି ମଧ୍ୟ ତାହା ଅସରନ୍ତି ରହିଛି। ସେହି ପୁରୁଷୋତ୍ତମଙ୍କ ମହିମା ବର୍ଣ୍ଣିବା ପାଇଁ ଭାଷା ବି କାହିଁ। ତାଙ୍କରି ବଡ଼ ଦେଉଳ ପାଖରେ ସମସ୍ତେ ଶରଣାଗତ; ତାଙ୍କରି ବଡ଼ଦାଣ୍ଡର ଧୂଳିରେ ସବୁ ଗର୍ବ ଅହଂକାର ଝରିପଡ଼ି ଭୂପତିତ ହୋଇଯାଏ। ତାଙ୍କରି କରୁଣା ଟିକିଏ ପାଇଁ ସମସ୍ତେ ଊର୍ଦ୍ଧ୍ୱବାହୁ ହୋଇ ପ୍ରାର୍ଥନା କରନ୍ତି। ସବୁ ଯାଚନା, ଆକୁତି ଓ ପ୍ରାର୍ଥନା ତାଙ୍କରି ଆଶିଷ ପାଇଁ, ଶ୍ରଦ୍ଧାର ବାଲିକଣାଟିଏ ପାଇଁ। ସେହି ମହାପ୍ରଭୁ ଆଜି ତାଙ୍କର ଅଗଣିତ ଭକ୍ତଙ୍କ ସମ୍ମୁଖରେ ଉଭା। ସବୁରି କଣ୍ଠରେ ଯେପରି ଧନ ମାଗୁନାହିଁ, ଜନ ମାଗୁନାହିଁ, ମାଗୁଛି ଶରଧା ବାଲିରୁ ହାତେ। ମହାପ୍ରଭୁଙ୍କର ଏହି ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ଆଜି ଏକାଠି ସମବେତ ଲକ୍ଷ ଲକ୍ଷ ଜନତା। ସମସ୍ତ ପ୍ରକାରର ସୁବ୍ୟବସ୍ଥା କରାଯାଇଛି ଶୃଙ୍ଖଳା, ଶାନ୍ତି ଓ ସଦ୍‌ଭାବନା ପାଇଁ। ପ୍ରଭୁ ଆଶିଷ ଦିଅନ୍ତୁ ତାଙ୍କର ଏହି ଦିବ୍ୟ ଯାତ୍ରା ନିର୍ବିଘ୍ନରେ, ତାଙ୍କରି କରୁଣାରେ ସମାପନ ହେଉ ଜଗତବାସୀଙ୍କର ମଙ୍ଗଳ କାମନା କରି ସେହି ଜଗନ୍ନାଥଙ୍କୁ ଏଇ ବିନମ୍ର ପ୍ରାର୍ଥନା। ଆମରି ପରମ୍ପରାନୁକ୍ରମେ ଅଗଣିତ ଭକ୍ତ କବିଙ୍କ କଣ୍ଠରୁ ଝରି ଆସିଛି ପ୍ରଭୁଙ୍କ ମହିମା ବର୍ଣ୍ଣିତ କେତେ କେତେ ପ୍ରାର୍ଥନାର ସ୍ତବ, ଭଜନ ଓ କବିତା। ଆଜି ତାଙ୍କରି ଏହି ପବିତ୍ର ଉତ୍ସବରେ ତାଙ୍କରି ଶ୍ରୀରଙ୍ଗା ଚରଣ ତଳେ ଅର୍ପଣ କରୁଛୁ ଆମରି ସେହି ପ୍ରଣମ୍ୟ କବିଗଣଙ୍କର କିଛି ଗୀତ ଓ କବିତା। ଆଶା କରୁଛୁ ଆମରି ସୁଧୀ ପାଠକେ ଏହାକୁ ସାଦରେ ଗ୍ରହଣ କରିବେ।


ଶିକ୍ଷାବିତ୍, ସେକ୍ଟର-୬, ସିଡିଏ,
କଟକ,
ମୋ : ୯୮୬୧୩୫୫୬୨୮


## ନବଦିନାତ୍ମକ ରଥଯାତ୍ରା



ଅଜୟ କୁମାର ବେହେରା



'ମର୍ତ୍ତ୍ୟ ମଣ୍ଡଳେ ଦେହ ବହି, ଦେବତା ହେଲେ ବି ମରଇ' ଏହି ଉକ୍ତିକୁ ସାର୍ଥକ କରିବାକୁ ମହାପ୍ରଭୁ ଜଗନ୍ନାଥ ଶ୍ରୀକ୍ଷେତ୍ରରେ ବିରାଜମାନ କରିଛନ୍ତି । ଏହି ଦେବତା ଯେଉଁ ବର୍ଷ ଆଷାଢ଼ ମାସ ମାଳ ମାସ ପଡ଼େ, ସେ ବର୍ଷ ଶରୀର ତ୍ୟାଗ କରି ନୂତନ ଶରୀର ଧାରଣ କରନ୍ତି । କୋଟି କୋଟି ଲୋକଙ୍କର ଗୁହାରି ଶୁଣିବାକୁ ଏହି ଠାକୁର ଭାଇ, ଭଉଣୀଙ୍କ ସହ ତିନି ରଥରେ ବିରାଜମାନ କରନ୍ତି । ରଥରେ ଜଗନ୍ନାଥଙ୍କୁ ଦର୍ଶନ କଲେ ପୁନର୍ଜନ୍ମ ହୁଏ ନାହିଁ । ତତ୍ତ୍ୱଦର୍ଶୀମାନେ ରଥକୁ ମନୁଷ୍ୟ ଶରୀର ଭାବେ କଳ୍ପନା କରି ଏହି ଶରୀରରେ ଭଗବାନଙ୍କ ଅସ୍ତିତ୍ୱ ଉପଲବ୍ଧ କରିବାକୁ ପରାମର୍ଶ ଦିଅନ୍ତି । କଠୋପନିଷଦ ଅନୁସାରେ ଶରୀରକୁ ରଥଜ୍ଞାନ କରି ଆତ୍ମାକୁ ଏଥିରେ ସଂସ୍ଥାପିତ କରି ବୁଦ୍ଧିକୁ ସାରଥୀ, ମନକୁ ଲଗାମ ଓ ଇନ୍ଦ୍ରିୟମାନଙ୍କୁ ଅଶ୍ୱଜ୍ଞାନ କରିବା ଆବଶ୍ୟକ । ଯେଉଁ ବ୍ୟକ୍ତି ମନ ଦ୍ୱାରା ଇନ୍ଦ୍ରିୟକୁ ବଶୀଭୂତ କରେ ସେ ହିଁ ଶୁଚିବାନ । ତେଣୁ ଶରୀର ରୂପକ ରଥରେ ଆତ୍ମା ରୂପକ ରଥୀପୁରୁଷ ଆରୋହଣ କରି ବୁଦ୍ଧି ରୂପକ ସାରଥୀ ଦ୍ୱାରା ପରିଚାଳିତ ହେବା ଦରକାର । ଏହି ମହାନ ତତ୍ତ୍ୱର ପ୍ରସାର କରିବା ଓ ପତିତପାବନ ନାମ ସାର୍ଥକ କରିବାକୁ ମହାପ୍ରଭୁ ରତ୍ନସିଂହାସନରୁ ଓହ୍ଲାଇ ଆସନ୍ତି।

ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ପ୍ରଭୁ ଜଗନ୍ନାଥ ଭାଇ ବଳଭଦ୍ର, ଭଉଣୀ ସୁଭଦ୍ରାଙ୍କ ସହ ନଅ ଦିନ ପାଇଁ ମାଉସୀ ଘରକୁ ବାହାରନ୍ତି। ସେ ବଡ଼ଦାଣ୍ଡକୁ ଓହ୍ଲାଇ ଆସି ଭକ୍ତଙ୍କ ଭିଡ଼ରେ ସମ୍ମିଳିତ ହୁଅନ୍ତି। ପ୍ରଭୁ ବଡ଼ଦାଣ୍ଡରେ ପହଞ୍ଚିଲା ମାତ୍ରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତ ଭକ୍ତ ତାଙ୍କ କୃପା ଲାଭ କରିବାର ସୁଯୋଗ ପାଇଥାନ୍ତା। ଶ୍ରୀଗୁଣ୍ଡିଚା ଠାରୁ ବାହୁଡ଼ା ପର୍ଯ୍ୟନ୍ତ ୯ଦିନ ଧରି ଚାଲୁଥିବାରୁ ଏହାକୁ ନବଦିନାତ୍ମକ ଯାତ୍ରା ବୋଲି ମଧ୍ୟ କୁହାଯାଏ। ରଥଯାତ୍ରା ଅବସରରେ ତିନିଦିଅଁ ସେମାନଙ୍କ (ଶ୍ରୀଜଗନ୍ନାଥଙ୍କ ରଥ, ଉଚ୍ଚତା ୧୩.୫ ମିଟର, ଏହାର ରକ୍ଷକ ଗରୁଡ଼ ଓ ରଥ ଉପରେ ତ୍ରୈଲୋକ୍ୟମୋହିନୀଙ୍କ ବାନା ଲାଗିଥାଏ), ତାଳଧ୍ୱଜ (ପ୍ରଭୁ ବଳଦେବଙ୍କ ରଥ, ଉଚ୍ଚତା ୧୩.୨ ମିଟର, ଏହାର ରକ୍ଷକ ବସୁଦେବ ଓ ରଥ ଉପରେ ଉନ୍ନାନୀଙ୍କ ବାନା ଲାଗିଥାଏ) ଏବଂ ଦର୍ପଦଳନ ଅଥବା ପଦ୍ମଧ୍ୱଜ (ଦେବୀ ସୁଭଦ୍ରାଙ୍କ ରଥ, ଉଚ୍ଚତା ୧୨.୯ ମିଟର, ରକ୍ଷକ ଅର୍ଜ୍ଜୁନ ଓ ରଥ ଉପରେ ନାଦମ୍ବିକାଙ୍କ ବାନା ଲାଗିଥାଏ)ରେ ଚଢ଼ି ବଡ଼ଦାଣ୍ଡରେ ଯାତ୍ରା କରିଥାନ୍ତି। ଗୁଣ୍ଡିଚା ମନ୍ଦିରକୁ ବିଜେ କରିବା ପରେ ସେମାନଙ୍କୁ ଆଡ଼ପ ମଣ୍ଡପରେ ଅବସ୍ଥାପନ କରାଯାଇଥାଏ। ଗୁଣ୍ଡିଚା ମନ୍ଦିରରେ ଅବସ୍ଥାନ କାଳରେ ଗୁଣ୍ଡିଚା ରୋଷଶାଳାରେ ପ୍ରସ୍ତୁତ ମହାପ୍ରସାଦ ଭକ୍ତମାନଙ୍କୁ ମିଳିଥାଏ।

ଶ୍ରୀମନ୍ଦିର ଭିତରେ ଶ୍ରୀଜିଉଙ୍କୁ ଦର୍ଶନ କରିବା ଲାଗି କେବଳ ହିନ୍ଦୁ ମାନଙ୍କୁ ଅନୁମତି ମିଳିଥାଏ। ଅନ୍ୟ ସମ୍ପ୍ରଦାୟର ଲୋକମାନେ ମନ୍ଦିର ଭିତରକୁ ପ୍ରବେଶ କରିପାରିନଥାନ୍ତି। ଏହି କାରଣରୁ ଭଗବାନ ଜଗନ୍ନାଥ ନିଜ ସବୁ ଭକ୍ତଙ୍କୁ ଦର୍ଶନ ଦେବା ଲାଗି ରଥଯାତ୍ରାରେ ବଡ଼ଦାଣ୍ଡକୁ ଓହ୍ଲାଇଥାନ୍ତି। ଲକ୍ଷ ଲକ୍ଷ ଭକ୍ତଙ୍କ ଭିଡ଼ରେ ସମ୍ମିଳିତ ହୋଇ ପହଣ୍ଡି ବିଜେ କରି ପ୍ରଭୁ ରଥ ଚଢ଼ି ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାଇଥାନ୍ତି। ଶ୍ରୀଗୁଣ୍ଡିଚା ଘରେ ତାଙ୍କର ଭିନ୍ନ ଭିନ୍ନ ବେଶ ଅନୁଷ୍ଠିତ ହୋଇଥାଏ। ରଥାରୂଢ଼ ହେବା ପୂର୍ବରୁ ତିନି ଠାକୁରଙ୍କ ପହଣ୍ଡି ବିଜେ ହୋଇଥାଏ। ଏହି ପରମ୍ପରା ଅତି ପ୍ରାଚୀନ। ଶ୍ରୀଜିଉମାନେ ପାହୁଣ୍ଡ ପାହୁଣ୍ଡ ହୋଇ ଚାଲୁଥିବାରୁ ଏହାର ନାମ ପହଣ୍ଡି ବିଜେ ଦିଆଯାଇଛି ବୋଲି ଜଣାଯାଏ। ରଥରେ ଗଜପତି ମହାରାଜା ଛେରାପହଁରା କରିବା ହେଉଛି ରଥଯାତ୍ରାର ଅନ୍ୟତମ ଆକର୍ଷଣୀୟ ତଥା ଶ୍ରେଷ୍ଠ ପରମ୍ପରା। ଏହାପରେ ରଥ ଟଣା ଆରମ୍ଭ ହୋଇଥାଏ। ରଥଯାତ୍ରାରେ ଶ୍ରୀକ୍ଷେତ୍ରରେ ଥିବା ବିଭିନ୍ନ ମଠର ଗୁରୁତ୍ୱପୂର୍ଣ୍ଣ ଭୂମିକା ତଥା ଦାୟିତ୍ୱ ରହିଥାଏ। ଶ୍ରୀଗୁଣ୍ଡିଚା ଦିନ ପ୍ରତ୍ୟୁଷରୁ ଠାକୁରମାନଙ୍କର ମଙ୍ଗଳ ଆଳତୀ, ମଇଲମ, ଅବକାଶ, ରୋଷହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ବେଶ ଇତ୍ୟାଦି ନୀତି ଉକ୍ତ ଦିନର ପାଳିଆ ସେବକଙ୍କ ଦ୍ୱାରା ସମାପିତ ହୋଇଥାଏ। ଏହାପରେ ଏକାଠି ଗୋପାଳ ବଲ୍ଲଭ ଓ ସକାଳ ଧୂପ ପୂଜା ଅନୁଷ୍ଠିତ ହୋଇଥାଏ। ଏହି ସମୟରେ ଶ୍ରୀମନ୍ଦିର ପୁରୋହିତ ଏବଂ ଅନ୍ୟାନ୍ୟ ଶ୍ରୋତ୍ରୀୟ ବ୍ରାହ୍ମଣମାନଙ୍କ ଦ୍ୱାରା ରଥ ପ୍ରତିଷ୍ଠା କାର୍ଯ୍ୟ ହୋଇଥାଏ। ତତ୍ପରେ ଠାକୁରମାନଙ୍କ ମନୋମୁଗ୍ଧକର ପହଣ୍ଡି ନୀତି ଅନୁଷ୍ଠିତ ହେବା ପୂର୍ବରୁ ବିଜେ କାହାଳୀ ବାଜି ମଙ୍ଗଳାର୍ପଣ ନୀତି ବଢ଼ିଥାଏ।


+ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ,
ମୋ: ୯୪୩୭୦୩୧୨୫୩




ତପନ କୁମାର ପାଳ

## ଜଗନ୍ନାଥ ମହାମନ୍ତ୍ରର ମହାତ୍ମ୍ୟ

ମୃତ୍ୟୁ ଜୀବନ ଚକ୍ରର ଏକ ଅଭିନ୍ନ ଅଙ୍ଗ। ଦିନରାତି ପରି ଜୀବନ ମୃତ୍ୟୁ ପରସ୍ପର ପରିପୂରକ। ସାରାଦିନ ଅକ୍ଳାନ୍ତ ପରିଶ୍ରମ କରି ଥକି ପଡ଼ିଥିବା ଶରୀର ଓ ଅବଶ୍ୟ ମନ ରାତ୍ରିର ସୁନିଦ୍ରା ଦ୍ୱାରା ହୋଇ ଉଠେ ସତେଜ। ଦେହ, ମନ ଓ ପ୍ରାଣରେ ଭରିଯାଏ ନୂତନ ଉର୍ଜା, ଉତ୍ସାହ ଓ ଉଦ୍ଦୀପନା। ଦିବସର ଆଲୋକ, କର୍ମ ଓ ଚଳଚଞ୍ଚଳ ପରିବେଶ ଯେତିକି ଆବଶ୍ୟକ ରାତ୍ରିର ଅନ୍ଧକାର, ନିସ୍ତବ୍ଧତା ଓ ବିଶ୍ରାମର ରହିଛି ସମାନ ମହତ୍ୱ। ଭଗବତ୍ ଗୀତାରେ କୁହାଯାଇଛି - ବାସାଂସି ଜୀର୍ଣ୍ଣାନି ଯଥା ବିହାୟ, ନବାନି ଗୃହଣାତି ନରୋପରାଣି। ତଥା ଶରୀରାଣି ବିହାୟ ଜୀର୍ଣ୍ଣା, ନ ନ୍ୟାନି ସଂଜାତି ନବାନି ଦେହି। ବସ୍ତ୍ର କିମ୍ବା ଘର ପୁରୁଣା କିମ୍ବା ଜୀର୍ଣ୍ଣଶୀର୍ଣ୍ଣ ହେଲେ ତାକୁ ବଦଳାଇ ମନୁଷ୍ୟ ନୂତନ



ପୋଷାକ ଓ ଗୃହ ବ୍ୟବହାର କରେ। ସେହିଭଳି କାର୍ଯ୍ୟକାରିତା ପୂରଣ ହେଲେ ଆତ୍ମା ଧାରଣ କରେ ନୂତନ ଦେହ। ସଂସାର ଅନିତ୍ୟ ବ୍ରହ୍ମ ସତ୍ୟ। ଶରୀର କ୍ଷୟଶୀଳ ଆତ୍ମା ଅକ୍ଷୟ। ଏହି ମହାନ ସତ୍ୟକୁ ସଂସାରରେ ପ୍ରତିପାଦନ କରିବା ପାଇଁ ପ୍ରଭୁଙ୍କର ନବକଳେବର ଲୀଳା। ଅବ୍ୟକ୍ତ ବ୍ରହ୍ମ ଜଗତର କଲ୍ୟାଣ ପାଇଁ ଦାରୁବ୍ରହ୍ମ ରୂପରେ ଧରାପୃଷ୍ଠରେ ଅବତରଣ କରିଛନ୍ତି। ଶ୍ରୀଜଗନ୍ନାଥ ହେଉଛନ୍ତି ଅବତାରୀ ପୁରୁଷ। ସମସ୍ତ ଦିବ୍ୟ ଅବତାର ମାନଙ୍କର ମୂଳ ଉତ୍ସ। ସେ ପୁଣି ନବମ ଅବତାର ବୁଦ୍ଧ। ଏବଂ ଭବିଷ୍ୟତରେ ଧାରଣ କରିବେ କଳ୍କୀ ରୂପ। ଦୀର୍ଘ ୧୯ ବର୍ଷର ଲୀଳାଖେଳା ସାରି ଚତୁର୍ଦ୍ଧା ମୂର୍ତ୍ତି କରିଛନ୍ତି ଘଟ ପରିବର୍ତ୍ତନ। ଦିବ୍ୟବ୍ରହ୍ମ ପୁରୁଣା ବିଗ୍ରହରୁ ସ୍ଥାନାନ୍ତରିତ ହୋଇ ନୂତନ ବିଗ୍ରହରେ ସଂସ୍ଥାପିତ। ବ୍ରହ୍ମ ବିହୀନ ଶ୍ରୀ ଅଙ୍ଗ କରିଛନ୍ତି ପାତାଳୀ ଲୀଳା। ବ୍ରହ୍ମ ସଂସ୍ଥାପିତ ନୂତନ କଳେବର ମହାଅଣସର ଗୃହରେ ବିଦ୍ୟମାନ। ଏହି କାଳଖଣ୍ଡ ବହନକରେ ଅନନ୍ୟ ମହତ୍ୱ। ଅଣବସର ଲୀଳା କରୁଥିବାରୁ ଶ୍ରୀବିଗ୍ରହ ମାନଙ୍କର ସାଧାରଣ ଦର୍ଶନ, ପୂଜାର୍ଚ୍ଚନା ଇତ୍ୟାଦି ମନା। ତେଣୁ ଜଗନ୍ନାଥ ନାମ ହିଁ ବିଭୁ ଉପାସନାର ଏକମାତ୍ର ଉପାୟ।

ଜଗନ୍ନାଥ ମହାମନ୍ତ୍ର ଜୟ ଜୟ ଜଗନ୍ନାଥ ଜଗନ୍ନାଥ ହରେ ହରେ, ଜଗନ୍ନାଥ ଜଗନ୍ନାଥ ଜଗନ୍ନାଥ ହରେ ହରେ। କଳିଯୁଗରେ ଜଗନ୍ନାଥଙ୍କ ନାମ ଜପ ଓ କୀର୍ତ୍ତନ ବ୍ରହ୍ମ ଉପାସନାର ସହଜ ଓ ସରଳ ମାର୍ଗ। ଜପକୀର୍ତ୍ତନ ସ୍ୱରୂପ ନାମ ଯଜ୍ଞ ଅନନ୍ତ କୋଟି ଜନ୍ମର ପାପ କ୍ଷୟ କରେ। ଏହି ମହାମନ୍ତ୍ରକୁ ସ୍ମରଣ ଓ ମନନ କରିବା ବ୍ରହ୍ମଙ୍କୁ ନିତ୍ୟ ହୃଦୟରେ ଧାରଣ କରବା ସହ ସମାନ। ଦାରୁବ୍ରହ୍ମ ଜଗତର ନାଥ ଜଗନ୍ନାଥ ସମସ୍ତ ଜାଗତିକ ବିଭବର ଅଧିକାରୀ। ଧନ, ଐଶ୍ୱର୍ଯ୍ୟର ଅଧିକାରିଣୀ ମା'ଲକ୍ଷ୍ମୀ, ବିଦ୍ୟାଦାତ୍ରୀ ମା'ସରସ୍ୱତୀ ଓ ଶକ୍ତି ସ୍ୱରୂପ ଶ୍ରୀସୁଦର୍ଶନଙ୍କର ସେ ଇଷ୍ଟ। ଜଗନ୍ନାଥ ନାମ ବା ମହାମନ୍ତ୍ର ଜପ ଦ୍ୱାରା ଭକ୍ତର ସମସ୍ତ ମନବାଞ୍ଛା ପୂରଣ ହୁଏ। ଦାରିଦ୍ର୍ୟ, ଦୁଃଖ, ଶୋକ ଜୀବନରୁ ଦୂରେଇ ଯାଏ। ଧନଧାନ୍ୟ ଗୋପଲକ୍ଷ୍ମୀରେ ଘର ପୂରି ଉଠେ। ମନୁଷ୍ୟ ଜୀବନ ଆନନ୍ଦମୟ ହେବା ସହ ଯଶକୀର୍ତ୍ତି ବଢ଼େ। ଜୀବ ଉଦ୍ଧାରକାରୀ ଶ୍ରୀଜଗନ୍ନାଥ ମହାମନ୍ତ୍ରକୁ ସର୍ବଦା ଜପ କରିବା ସହ କୋଟି ହୃଦୟର ମଉଡମଣୀ ପ୍ରାଣପ୍ରିୟ ଠାକୁରଙ୍କ ନାମ ପ୍ରଚାର ଓ ପ୍ରସାରରେ ସାମିଲ ହୋଇ ମାନବଜନ୍ମ ସାର୍ଥକ କରନ୍ତୁ।


+ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ,
ଦେଉଳ ସାହି, ତୁଳସୀପୁର,
କଟକ,
ମୋ: ୯୯୩୭୬୫୮୩୬୨
/ ୭୯୭୮୭୯୬୬୩୩


## ଜଗନ୍ନାଥ ନାମେ ଦିଅଁ

ତାରାପ୍ରସାଦ ଜେନା

ଦାରୁ ମୂର୍ତ୍ତି ଏବେ ରଥେ ଉଠିଗଲେ
ଜଗନ୍ନାଥ ନାମେ ଦିଅଁ
ବରଷକେ ଥରେ ଘୋଷଯାତ୍ରା ଆସେ
ରଥ ଟାଣି ଟାଣି ଧାଅ ?
ଦାରୁ ମୂର୍ତ୍ତି ଏବେ ରଥେ ଉଠିଗଲେ....।
ଖୋଳ କରତାଳ ଘଣ୍ଟ ଘଣ୍ଟା ମାଡ଼େ
ଦୁଲୁକୁଛି ବଡ଼ ଦାଣ୍ଡ
ପତିତର ବନ୍ଧୁ ଉଭା ଦୁଃଖ କାଳେ
ପରାଣର ସତେ ପିଣ୍ଡ,
ଶଙ୍ଖ କ୍ଷେତ୍ରେ ଆସି ପୁଣ୍ୟ କମେଇଛ
ମନ ଖୁସି ଟିକେ ଡିଅଁ
ଦାରୁ ମୂର୍ତ୍ତି ଏବେ ରଥେ ଉଠିଗଲେ.... ।
ଆଖି ପୂରାଇକି ଠାକୁରଙ୍କୁ ଦେଖି
ଦୁଃଖ ଦେଲ ସବୁ କହି
ସବୁ ଜାଣିଛନ୍ତି ଛଳ କରୁଛନ୍ତି
ସେହି ପରା ଭାବଗ୍ରାହୀ,
ଆତ୍ମା ପରମାତ୍ମା ନିଜଠାରୁ ବଳି
ମନ ଖୋଲି ଟିକେ ଛୁଅଁ
ଦାରୁ ମୂର୍ତ୍ତି ଏବେ ରଥେ ଉଠିଗଲେ....।
ଦେବତା ଗନ୍ଧର୍ବ କିନ୍ନର ସମସ୍ତେ
ଅଧା ସ୍ୱର୍ଗେ ଛନ୍ତି ମିଳି
ଦିବ୍ୟ ଦେବତାଙ୍କୁ ପୁଷ୍ପ ବୃଷ୍ଟି କରି
ହସୁଛନ୍ତି ଭାବ ଭାଳି,
ନର ନାରୀ ଆସ ଯୋଡ଼ହସ୍ତ ହୋଇ
ଭକତିରେ ମଥା ନୁଅଁ
ଦାରୁ ମୂର୍ତ୍ତି ଏବେ ରଥେ ଉଠିଗଲେ....।


+ ରଣପୁର,(ଗୋଡ଼ି ପାଟଣା ସାହି),
ରାଜ ରଣପୁର, ଜିଲ୍ଲା-ନୟାଗଡ଼,
ପିନ୍-୭୫୨୦୨୬, ଓଡ଼ିଶା
ଦୂରଭାଷ-୯୩୪୮୦୫୪୩୦୦


## ତୋ ସାଥିରେ ଦେଖା ହୋଇଥିଲା ଜଗା

ସୁହଂସ ଭୋଇ

ତୋ ସାଥିରେ ଦେଖା ହୋଇଥିଲା ଜଗା
ଏହି ନୀଳାଚଳ ଧାମରେ
ନ ଚିହ୍ନିଲା ପରି ହେଉଛୁ କାହିଁକି
ଭୁଲିଗଲୁ କିବା ସତରେ
ମୁଁ ପରା ସିଏ ଟାଣୁଥିଲା ଯିଏ
ତୋ ରଥ ଦଉଡ଼ି ଭିଡରେ।
ନନ୍ଦିଘୋଷେ ବସି ହେଉଥିଲୁ ଖୁସି
ହସ ଖେଳୁଥିଲା ଅଧରେ
ଚନ୍ଦନ ତୁଳସୀ ସଜ ହେଇଥିଲୁ
ମଣିମାଳ ଫୁଲ ଅଙ୍ଗରେ
ମୁଁ ପରା ସିଏ ଭୁଜଟେକି ଯିଏ
ନାଚୁଥିଲି ବଡଦାଣ୍ଡରେ ।
ଦୀପଟିଏ ଜାଳିଥିଲି ଭକତିରେ
କେତେ ଆଶା ରଖି ମନରେ
ହାତ ଯୋଡି କହିଥିଲି ବିନୟରେ
ଅଛି ବୋଲି ବଡ ଦୁଃଖରେ
ନ ପାଇଲି କରୁଣାରୁ କାଣିଚାଏ
ଆଶା ରହିଗଲା ଆଶାରେ।
ତୋ ନିକଟେ ପୁଣି ଆସିଛିରେ ଧାଇଁ
ଛାଡ଼ି ମାୟା ମୋହ ପଛରେ
ଦେଖିଦେଲେ ଥରେ ରଥର ଉପରେ
ଭରିଯିବ ଆଖି ଲୁହରେ
ଏଥରକ ଯଦି କରିବୁ ନିରାଶ
ଆସିବିନି ଆଉ ସତରେ


+ପହଣ୍ଡି,ବରଗଡ଼
ମୋ: ୯୪୩୮୫୨୨୪୫୫



## ଜଗନ୍ନାଥ ହେ....




ଅଭୟ କୁମାର ଦାସ


ମହାପ୍ରଭୁ ଶ୍ରୀଜଗନ୍ନାଥ ପୂର୍ଣ୍ଣବ୍ରହ୍ମ। ଆସୁଛି ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ସାଧାରଣ ମଣିଷଟିଏ ପରି ପୁରୁଷୋତ୍ତମ ମହାପ୍ରଭୁଙ୍କର ଏଇ ଲୌକିକ ଲୀଳା ସତରେ ମର୍ତ୍ତ୍ୟ ମଣ୍ଡଳେ ଦେହ ବହି ଦେବତା ହେଲେ ବି ମରଇ। ଏକ ଅଲୌକିକ ରହସ୍ୟମୟ ମହାସତ୍ତା କେତେ ସସୀମବର୍ତ୍ତୀ ହୋଇଯାଏ ଏଇ ଉତ୍କଣ୍ଠିତ ସାଧାରଣ ମଣିଷଙ୍କ ମେଳ ଭିତରେ। ଅପୂର୍ବ ଛନ୍ଦରେ, ଠାଣିରେ, ପରମ୍ପରାରେ ସେ ତାଙ୍କର ଯାତ୍ରା ଆରମ୍ଭ କରନ୍ତି। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ବିହ୍ୱଳିତ ଓ ବିମୋହିତ ହୋଇଯାଏ ତାଙ୍କର ଆରାଧ୍ୟ ଦେବତାଙ୍କୁ ସାମ୍ନାରେ ପାଇ।

ଆମ ଆଦିମ ଅଧିବାସୀ ଶବର ସଂପ୍ରଦାୟଙ୍କ ଦ୍ୱାରା ପୂଜିତ ଦାରୁଦେବତା ପ୍ରଭୁ ନୀଳମାଧବ କାଳକ୍ରମେ ଜଗନ୍ନାଥ ରୂପ ବିଗ୍ରହ ଧାରଣ କରି ପୂଜିତ ହୋଇ ଚାଲିଛନ୍ତି ବୋଲି ଶ୍ରୁତି ରହିଛି। ସେ ବ୍ରହ୍ମ, ସେ ବିଷ୍ଣୁ, ସେ ହିଁ ନାରାୟଣ। 'ଓଁ କ୍ଲୀଂ କୃଷ୍ଣାୟେ, ଗୋବିନ୍ଦାୟେ, ଗୋପୀକାଜନବଲ୍ଲଭେ ନମଃ'ର ମାନ୍ତ୍ରିକ ଉଚ୍ଚାରଣରେ ପୂଜିତ ହେଉଥିବା ଶ୍ରୀଜଗନ୍ନାଥ ଶ୍ରୀକୃଷ୍ଣଙ୍କର ପ୍ରତିରୂପ ବୋଲି ମଧ୍ୟ ବିଚାର କରାଯାଏ। ଲୋକକଥା ମଧ୍ୟ ରହିଛି ଯେ ଶ୍ରୀକୃଷ୍ଣଙ୍କର ମର୍ତ୍ତ୍ୟଲୀଳାର ପରିସମାପ୍ତି ପରେ ପରେ ସେ ପୂର୍ବ ଭାରତର ଏହି ପୁଣ୍ୟପୀଠରେ ଶ୍ରୀଜଗନ୍ନାଥ ରୂପେ ଆବିର୍ଭୂତ ହେଲେ। ଏଣୁ ସକଳ ବୈଷ୍ଣବ ସଂପ୍ରଦାୟଙ୍କର ସେ ମଧ୍ୟ ଆରାଧ୍ୟ ଦେବତା ଯାହା ଶ୍ରୀଚୈତନ୍ୟଙ୍କ ଦ୍ୱାରା ଅଧବକ ସଂପ୍ରସାରିତ ଓ ଗୃହୀତ ହୋଇଆସିଛି। ବୈଷ୍ଣବ ମତାନୁସାରେ ସେ ହେଉଛନ୍ତି ଶ୍ରୀକୃଷ୍ଣ, ତାଙ୍କର ଜ୍ୟେଷ୍ଠ ଭ୍ରାତା ବଳରାମଙ୍କ ସହିତ ଭଉଣୀ ସୁଭଦ୍ରାଙ୍କର ସମାବେଶରେ ସେ ବିରାଜିତ। ଏହି ଯଶୋଦା କନ୍ୟା ସୁଭଦ୍ରା ଭାଇ ଦୁଇ ଜଣଙ୍କୁ ମହାପ୍ରତାପୀ କଂସଙ୍କ କବଳରୁ ବଞ୍ଚାଇଥିବାରୁ ସେ ତାଙ୍କର ଅତି ଆଦରର। ଅଦ୍ୱୈତବାଦାନୁସାରେ ଏହି ମହାଦେବୀ ସୁଭଦ୍ରା ଯୋଗମାୟା ଓ ଯୋଗନିଦ୍ରା ଭାବେ ମଧ୍ୟ ପରିଚିତା। ସେ ପୁଣି ଅଖଣ୍ଡ, କାଳ ବା ସମୟଚକ୍ରର ସ୍ରଷ୍ଟାଦେବୀ। ସୁଦର୍ଶନ ହେଉଛନ୍ତି ମହାଭାରତର କିମ୍ବଦନ୍ତୀ ଅନୁସାରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କର ସମ୍ମିଳିତ ରୂପ ଯାହାଙ୍କୁ ନାରଦ ପ୍ରତ୍ୟକ୍ଷ କରି କଳିଯୁଗରେ ଆବିର୍ଭାବ ହେବା ପାଇଁ ପ୍ରଭୁଙ୍କୁ ବିନମ୍ର ପ୍ରାର୍ଥନା କରିଥିଲେ। ଆମ ଭାରତୀୟ ପରମ୍ପରାରେ ଭଉଣୀ ସହିତ ପ୍ରଭୁ ପୂଜିତ ହେବାର ସ୍ୱତନ୍ତ୍ରତା ରହିଛି। ଅନ୍ୟପକ୍ଷରେ ବୌଦ୍ଧ ଧର୍ମର ବୁଦ୍ଧ, ଧମ୍ମ ଓ ସଂଘର ମହତ୍ତ୍ୱ ରତ୍ନସିଂହାସନରେ ଉପବିଷ୍ଟ ଏହି ଚତୁର୍ଦ୍ଧାମୂର୍ତ୍ତିରେ ସମାବିଷ୍ଟ ବୋଲି ବୌଦ୍ଧ ଧର୍ମର ଲୋକମାନଙ୍କର ବିଶ୍ୱାସ ମଧ୍ୟ ରହିଛି। ଏହି ଧମ୍ମ ସଦାବେଳେ ନାରୀର ପ୍ରତିନିଧିତ୍ୱ କରିଥାଏ ବୋଲି ତହିଁରେ କୁହାଯାଇଛି। ଆଉ ରତ୍ନବେଦୀ ଐଶ୍ୱର୍ଯ୍ୟର ଭଣ୍ଡାର ବୋଲି ବିଶ୍ୱାସ ରହିଛି। ମୋଟ ଉପରେ କୁହାଯାଇପାରେ ଯେ ପ୍ରଭୁ ପୁରୁଷୋତ୍ତମଙ୍କର ଏହି ଆସ୍ଥାନରେ ରହିଛି ବିଷ୍ଣୁ, ଶୈବ, ବୈଷ୍ଣବ ଓ ବୌଦ୍ଧ ବିଶ୍ୱାସୀଙ୍କର ପରମ ଆସ୍ଥା ଏବଂ ଅନାବିଳ ବିଶ୍ୱାସ। ଏହି ଚତୁର୍ଦ୍ଧା ମୂର୍ତ୍ତିର ପରିକଳ୍ପନା ସ୍ୱୟଂ ପ୍ରଭୁଙ୍କର ବୋଲି ଆମେ ବିଶ୍ୱାସ କରିଆସିଛୁ, କାରଣ ଏହାର ତତ୍ତ୍ୱକୁ ଯେତେ ବିଶ୍ଲେଷଣ କଲେ ମଧ୍ୟ ଏହା ଅଲୌକିକରେ ଲୌକିକ ଓ ରହସ୍ୟରେ ପରମ ଅଖଣ୍ଡ ବିଶ୍ୱାସରେ ଅଧିଷ୍ଠିତ। ଗୋଲାକାର ଦାରୁ ବିଗ୍ରହର ଅନୁପମ ରୂପ ଓ ମହିମା ଚିରକାଳ ଆମକୁ ବାନ୍ଧି ରଖିଆସିଛି। ଜଗତର ସବୁ ରଙ୍ଗ ତାଙ୍କଠି ଠୁଳ। ବିସ୍ତାରିତ ପଲକବିହୀନ ନେତ୍ର ଯୁଗଳରେ ସେହି ପରମ କାରୁଣିକ ଅହୋରାତ୍ର ତାଙ୍କର ସୃଷ୍ଟି ଜଗତକୁ ଚାହିଁ ରହିଛନ୍ତି। ସକଳ ପ୍ରାଣୀଙ୍କୁ ନିରୀକ୍ଷଣ କରିଚାଲିଛନ୍ତି।

ସଂସାରରେ କିଛି ହିଁ କିଛି ତାଙ୍କ ଅଗୋଚରରେ ରହେ ନାହିଁ। ଯୁଗଯୁଗ ଧରି ବହୁ ପ୍ରାଜ୍ଞ ପଣ୍ଡିତ ତାଙ୍କରି ମହିମା ବର୍ଣ୍ଣନା କରି ମଧ୍ୟ ତାହା ଅସରନ୍ତି ରହିଛି। ସେହି ପୁରୁଷୋତ୍ତମଙ୍କ ମହିମା ବର୍ଣ୍ଣିବା ପାଇଁ ଭାଷା ବି କାହିଁ। ତାଙ୍କରି ବଡ଼ ଦେଉଳ ପାଖରେ ସମସ୍ତେ ଶରଣାଗତ; ତାଙ୍କରି ବଡ଼ଦାଣ୍ଡର ଧୂଳିରେ ସବୁ ଗର୍ବ ଅହଂକାର ଝରିପଡ଼ି ଭୂପତିତ ହୋଇଯାଏ। ତାଙ୍କରି କରୁଣା ଟିକିଏ ପାଇଁ ସମସ୍ତେ ଊର୍ଦ୍ଧ୍ୱବାହୁ ହୋଇ ପ୍ରାର୍ଥନା କରନ୍ତି। ସବୁ ଯାଚନା, ଆକୁତି ଓ ପ୍ରାର୍ଥନା ତାଙ୍କରି ଆଶିଷ ପାଇଁ, ଶ୍ରଦ୍ଧାର ବାଲିକଣାଟିଏ ପାଇଁ। ସେହି ମହାପ୍ରଭୁ ଆଜି ତାଙ୍କର ଅଗଣିତ ଭକ୍ତଙ୍କ ସମ୍ମୁଖରେ ଉଭା। ସବୁରି କଣ୍ଠରେ ଯେପରି ଧନ ମାଗୁନାହିଁ, ଜନ ମାଗୁନାହିଁ, ମାଗୁଛି ଶରଧା ବାଲିରୁ ହାତେ। ମହାପ୍ରଭୁଙ୍କର ଏହି ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ଆଜି ଏକାଠି ସମବେତ ଲକ୍ଷ ଲକ୍ଷ ଜନତା। ସମସ୍ତ ପ୍ରକାରର ସୁବ୍ୟବସ୍ଥା କରାଯାଇଛି ଶୃଙ୍ଖଳା, ଶାନ୍ତି ଓ ସଦ୍‌ଭାବନା ପାଇଁ। ପ୍ରଭୁ ଆଶିଷ ଦିଅନ୍ତୁ ତାଙ୍କର ଏହି ଦିବ୍ୟ ଯାତ୍ରା ନିର୍ବିଘ୍ନରେ, ତାଙ୍କରି କରୁଣାରେ ସମାପନ ହେଉ ଜଗତବାସୀଙ୍କର ମଙ୍ଗଳ କାମନା କରି ସେହି ଜଗନ୍ନାଥଙ୍କୁ ଏଇ ବିନମ୍ର ପ୍ରାର୍ଥନା।


ଗୋତରା, ମାହାଙ୍ଗା, କଟକ,
ମୋ : ୯୪୩୭୧୪୨୭୧୭


## ଜୀବନ ରଥ : ଶ୍ରୀଜଗନ୍ନାଥ




ଉମେଶ ଚନ୍ଦ୍ର ପାତ୍ର




ବିଶ୍ୱର ବିଭିନ୍ନ ଧର୍ମ-ଚେତନାରେ ଭଗବାନ ଓ ଭକ୍ତ ଦୁଇଟି ସ୍ୱତନ୍ତ୍ର ସତ୍ତା ଭାବେ ପରସ୍ପରଠାରୁ ଅନତିକ୍ରମ ଦୂରରେ ରହିଥିବା ବେଳେ ହିନ୍ଦୁ ଧର୍ମ ଭାବନାରେ ଭଗବାନ ଓ ଦେବଦେବୀମାନେ ସର୍ବଦା ମାନବୀୟ ପ୍ରକୃତି ଓ ଆଚରଣ ପ୍ରଦର୍ଶନ କରି ମଣିଷର ପାଖେ ପାଖେ ରହିଛନ୍ତି। ଦେବ-ମାନବର ଏହି ସମନ୍ୱିତ ଲୀଳାଖେଳାର ମହତ୍ତମ ପ୍ରତୀକ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ସେ ସାଧାରଣ ମଣିଷଟିଏ ପରି ଦୈନନ୍ଦିନ ଓ ଅନ୍ୟାନ୍ୟ ବିଶେଷ କର୍ମମାନ ସମ୍ପାଦନ କରିବା ସହିତ ଜନ୍ମ ଓ ମୃତ୍ୟୁ ମଧ୍ୟ ପ୍ରାପ୍ତ ହୁଅନ୍ତି। ଜନ୍ମ-ଜୀବନ-ମୃତ୍ୟୁ, ମୃତ୍ୟୁ ପରେ ପୁଣି ଜୀବନ ଓ ଜୀବନର ପୁନଶ୍ଚ ମୃତ୍ୟୁ; ସାରା ଜୀବଜଗତ ପାଇଁ ଏହା ଏକ ସ୍ୱାଭାବିକ ପ୍ରବାହ। ମୃତ୍ୟୁକାଳେ ଯେ ଭାବ ଧରି ଶରୀର ଛାଡ଼ି ଜୀବନ ଯାଏ ଜନ୍ମେ ପୁଣି ସେପରି ସ୍ଥାନେ ସହି ଭାବପଥ ଯେବେ ପାଏ। ମାତ୍ର, ଜୀବ-ପରମ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନ ଯେତେବେଳେ ମର୍ତ୍ତ୍ୟ ବୈକୁଣ୍ଠରେ ନିଜକୁ ଏହି ଜନ୍ମ ମୃତ୍ୟୁର ପ୍ରବାହରେ ଭସାଇ ଦିଅନ୍ତି; ତାହା ଭକ୍ତଙ୍କ ପାଇଁ ପାଲଟିଯାଏ ଏକ ଦିବ୍ୟ ଅନୁଭବ। ମହାପ୍ରଭୁ ଏହି ଅନୁପମ ଲୀଳା ମାଧ୍ୟମରେ ସୂଚାଇ ଦିଅନ୍ତି ଯେ ଜନ୍ମ, ଜୀବନ ବା ମୃତ୍ୟୁ; କୌଣସିଟି ସମ୍ପୂର୍ଣ୍ଣ ନୁହେଁ। ସମ୍ପୂର୍ଣ୍ଣର ଏହା ଗୋଟିଏ ଗୋଟିଏ ଅଂଶ କେବଳ। ତେଣୁ, ତାଙ୍କୁ ଅବଲୋକନ କରୁଥିବା ଭକ୍ତଟିର ଜୀବନ ପ୍ରତି ଦୃଷ୍ଟିଭଙ୍ଗୀ ବଦଳିବା ସଙ୍ଗେ ସଙ୍ଗେ ମୃତ୍ୟୁ ଭୟରୁ ମଧ୍ୟ ସେ ମୁକ୍ତି ପାଇଥାଏ। ଭାରତୀୟ ଧର୍ମ ଓ ସଂସ୍କୃତିକୁ ପ୍ରାଥମିକ ରୂପ ଦେଇଥିବା ବେଦାନ୍ତ ଦର୍ଶନ ଯେଉଁ ନିରୁପାଧି ପରଂବ୍ରହ୍ମ ସତ୍ତାର ପରିକଳ୍ପନା କରିଥିଲା ତା'ର ସାକାର ବିଗ୍ରହ ହିଁ ଶ୍ରୀଜଗନ୍ନାଥ। ଶ୍ରୀଜଗନ୍ନାଥଙ୍କ ସ୍ୱରୂପକୁ ନିରୀକ୍ଷଣ କଲେ ସ୍ପଷ୍ଟ ହୁଏ ଯେ ତାହା ଅନ୍ୟ ଦେବତାଙ୍କ ପରି ନୁହେଁ; ଏକ ଭିନ୍ନ ରୂପରେ ସେ ପ୍ରମୂର୍ତ୍ତ। ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କର ପିତାମାତା ଜାନକୀ ନାଥ ବୋଷ ଓ ତାଙ୍କ ସହଧର୍ମିଣୀ ପ୍ରଭାବତୀ ଦେବୀ ପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଦୀକ୍ଷା ଶିଷ୍ୟ ଥିଲେ ଓ ସେମାନଙ୍କର ସନିର୍ବନ୍ଧ ଅନୁରୋଧକ୍ରମେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କ ମାତା ଜନନୀ ମନମୋହିନୀ ଦେବୀ ଓ ଶତାଧିକ ଭକ୍ତଙ୍କ ସହ ସୁଦୂର ବାଂଲାଦେଶର ପାବନା-ହିମାୟିତପୁରରୁ ଆସି ମାସାଧିକ କାଳ ନୀଳାଚଳ ଧାମରେ ଲୀଳାଖେଳ କରିଥିଲେ। ଯୁଗାବତାର ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆଲୋଚନା ପ୍ରସଙ୍ଗରେ ଭକ୍ତ ମାନଙ୍କ ସମ୍ମୁଖରେ କହିଥିଲେ - ଭଗବାନ ଶ୍ରୀକୃଷ୍ଣ ପୁରୀ ନୀଳାଚଳ ଧାମରେ ଶ୍ରୀ ଜଗନ୍ନାଥ ରୂପେ ପ୍ରକଟ, ସାଙ୍ଗରେ ଅଛନ୍ତି ଜ୍ୟେଷ୍ଠଭ୍ରାତା ଶ୍ରୀବଳରାମ ଓ ଭଗ୍ନୀ ମା ସୁଭଦ୍ରା। ଶ୍ରୀ ଜଗନ୍ନାଥଙ୍କର ହାତ ନାହିଁ। ଏହି ତାତ୍ପର୍ଯ୍ୟରେ ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ଶ୍ରୀଜଗନ୍ନାଥଙ୍କର ହାତ ନାହିଁ, ଅର୍ଥାତ୍ ସେ କାହାକୁ ଧରନ୍ତି ନାହିଁ। ତାଙ୍କୁ ଧରିବାକୁ ହୁଏ। ତାଙ୍କୁ ଧରିଲେ, ତାଙ୍କର ଆଦେଶ ପାଳନ କରିଚାଲିଲେ ମନୁଷ୍ୟ ତ୍ରିତାପଜ୍ୱାଳାକୁ ଏଡ଼ାଇବାକୁ ସକ୍ଷମ ହୁଏ। କୃପାମାନେ କରି ପାଇବା। ଶ୍ରୀ ଶ୍ରୀ ଠାକୁର କହିଲେ - ଶ୍ରୀ ଜଗନ୍ନାଥଙ୍କର ହାତ ନାହିଁ ଅର୍ଥ ଧରିବା ଓ କରିବାର ଦାୟିତ୍ୱ ଭକ୍ତ ମାନଙ୍କର, ପ୍ରଭୁଙ୍କର ନୁହେଁ। ଶ୍ରୀଜଗନ୍ନାଥ କହୁଛନ୍ତି - ମୋତେ ଧର, ଜୀବନରେ ଗ୍ରହଣ କର, ମୋର ଅନୁଶାସନ ମାନି ଚାଲ, ମୋତେ ରକ୍ଷା କର, ନ ମେ ଭକ୍ତ ପ୍ରଣଶ୍ୟତି।

ଭକ୍ତମାନେ କୁହନ୍ତି - ଭଗବାନ ଦୟା କରନ୍ତି, କାରଣ ସେ ଅହେତୁକ କୃପାସିନ୍ଧୁ। ସେ ଯେତେବେଳେ କୃପା କରନ୍ତି ମନୁଷ୍ୟ ସେତେବେଳେ ପଥ ପାଏ। ବିପଦରୁ ଉଦ୍ଧାର ହୁଏ। ଶ୍ରୀ ଶ୍ରୀ ଠାକୁର ଚିନ୍ତା ଜଗତରେ ଏହି ଧାରାକୁ ଏକ ବିପ୍ଳବାତ୍ମକ ସିଦ୍ଧାନ୍ତ ନେଇ କହିଛନ୍ତି - ଜଗତରେ ହେତୁ ଛଡ଼ା କିଛି ହୁଏ ନାହିଁ। ଅହେତୁକୀ କୃପା ବୋଲି କିଛି ନାହିଁ। କୃପା ଯେତେବେଳେ ଭକ୍ତ ପାଏ, ତାର ପଶ୍ଚାତରେ ହେତୁ ଅବଶ୍ୟହିଁ ଅଛି। ଏହା ତୁମେ ବୁଝି ପାର ବା ନପାର। ଯଦି ଅହେତୁକୀ କୃପା ତୁମେ ପାଇଛ ବୋଲି ହୃଦ୍‌ବୋଧ କର, ତାହା ହେଲେ ଜାଣି ରଖ ଅହେତୁକୀ ଭକ୍ତି ଏହାର ପଶ୍ଚାତରେ ଅବଶ୍ୟ ହିଁ ରହିଛି। ଅହେତୁକୀ ଭକ୍ତି ଛଡ଼ା ଅହେତୁକୀ କୃପା ମିଳେ ନାହିଁ। ଶ୍ରୀ ଜଗନ୍ନାଥ ମହାପ୍ରଭୁ ହସ୍ତ ବିହୀନ ହୋଇ ଏହି ସତ୍ୟ ହିଁ ପ୍ରକାଶ କରିଛନ୍ତି ଯେ ତୁମେ ତାଙ୍କୁ ଧର, ଭଲପାଅ, ତାଙ୍କର ପ୍ରୀତ୍ୟର୍ଥେ କର୍ମ କର, ପ୍ରତି ମନୁଷ୍ୟ ପାଖରେ ଈଶ୍ୱରଙ୍କର ଏହି ପ୍ରତ୍ୟାଶା। ଶ୍ରୀ ଜଗନ୍ନାଥଙ୍କର ପାଖରେ ଅଛନ୍ତି ଶ୍ରୀ ବଳରାମ, ସେ ଶ୍ରୀକୃଷ୍ଣଙ୍କର ଜ୍ୟେଷ୍ଠ ଭ୍ରାତା, ମହାପରାକ୍ରମୀ, ବଳଶାଳୀ, ଯୁଦ୍ଧବିଦ୍ୟାରେ ପାରଦର୍ଶୀ। କିନ୍ତୁ ସାଧାରଣରେ ଶ୍ରୀବଳରାମଙ୍କର ଚିତ୍ରରେ ଦେଖାଯାଏ ତାଙ୍କର କାନ୍ଧରେ ହଳ (ଲଙ୍ଗଳ) ରହିଛି। ଶ୍ରୀ ଶ୍ରୀ ଠାକୁର କହିଲେ - ଶ୍ରୀବଳରାମ ଥିଲେ ଜଣେ ବଡ଼ କୃଷିବିଜ୍ଞାନୀ, କୃଷିକାର୍ଯ୍ୟ ସମ୍ବନ୍ଧରେ ତତ୍କାଳୀନ ଜଣେ ଅଭିଜ୍ଞ ବ୍ୟକ୍ତି। ତେଣୁ ଏହି ବିଶେଷ ଗୁଣର ପ୍ରତୀକ ହିସାବରେ ଶ୍ରୀବଳରାମଙ୍କର ସ୍କନ୍ଧରେ ଆମେ ହଳ ଦେଖିବାକୁ ପାଉ। ପ୍ରଚଳିତ ଏକ କଥା ଅଛି - ଯିଏ ମୋତେ କରେ ଆଶ, ମୁଁ ତାର କରେ ସର୍ବନାଶ। ଦୟାଲ ଶ୍ରୀ ଶ୍ରୀ ଠାକୁର ଏହି ମତବାଦକୁ ସମର୍ଥନ କରିନାହାନ୍ତି। ପ୍ରଭୁ ଏହି ପଦ୍ୟକୁ ପରିବର୍ତ୍ତନ କରି କହିଛନ୍ତି - ଯିଏ ମୋତେ କରେ ଆଶ, ମୁଁ ତାର କାଟେ ବୃତ୍ତିଫାଶ। ଅର୍ଥାତ୍ ଗୁରୁଗତ ପ୍ରାଣ ହୋଇ ଚାଲିଲେ ମନୁଷ୍ୟ ବୃତ୍ତି ବନ୍ଧନରୁ ମୁକ୍ତ ହୁଏ। ଆଉ ପ୍ରବୃତ୍ତି ବନ୍ଧନରୁ ମୁକ୍ତି ହିଁ ପ୍ରକୃତ ସୁଖ ଓ ଚରମ ଆନନ୍ଦ। ବହୁକାଳରୁ ପ୍ରଚଳିତ ଏହି ଭାବନାର ସ୍ରୋତକୁ ଏକାଥରେ ବିଶେଷ ଦିଗ୍‌ଦର୍ଶନ ଦେଲେ କଳକୀ ବିଗ୍ରହ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦାରୁବ୍ରହ୍ମର ସ୍ୱରୂପ ଓ ଉପାସନା ସବୁ ଧର୍ମ, ସବୁ ଉପାସନା ଚିନ୍ତନ, ସବୁ ସମ୍ପ୍ରଦାୟ ଓ ସବୁ ଆଧାତ୍ମିକ ଚେତନା ଭିତରେ ସ୍ୱୀକୃତ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପତିତପାବନ ଯାତ୍ରାରେ ଏହି ଚିନ୍ତନ ସମସ୍ତଙ୍କୁ ମାର୍ଗ ଦେଖାଉ। ଜୀବନରେ ପ୍ରତ୍ୟେକ ମୁହୂର୍ତ୍ତ ହେଉଛି ଭଗବାନଙ୍କର ଅମୂଲ୍ୟ ଦାନ । ତେଣୁ ଏହାର ସଦ୍‌ବ୍ୟବହାର କରାଯିବା ଆବଶ୍ୟକ । ପୁରୁଷୋତ୍ତମ ଭଗବାନ କଳକୀ ବିଗ୍ରହ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଦୃଢ଼କଣ୍ଠରେ ଉଦ୍‌ଘୋଷଣା କଲେ - ଅର୍ଥ, ମାନ, ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅନାହିଁ, ସାବଧାନ ହୁଅ ଠକିଯିବ; ତୁମର ଠାକୁରତ୍ୱ ଜାଗ୍ରତ ନ ହେଲେ କେହି ତୁମର କେନ୍ଦ୍ର ବି ନୁହଁନ୍ତି, ଠାକୁର ବି ନୁହଁନ୍ତି, ଫାଙ୍କି ଦେଲେ ତାହା ହିଁ ପାଇବ।


ସହପ୍ରତିରତ୍ୱିକ ଓ ପ୍ରଫେସର,
ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର
ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ : ୯୪୩୭୦୫୧୯୫୭


## ପ୍ରତିବର୍ଷ ରଥ ନିର୍ମାଣ କାହିଁକି ?




ନାରାୟଣ ଚନ୍ଦ୍ର ବିଶ୍ୱାଳ




ପ୍ରତିବର୍ଷ ଅନୁଷ୍ଠିତ ହେଉଥିବା ଶ୍ରୀଗୁଣ୍ଡିଚା ରଥଯାତ୍ରା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜନ୍ମସ୍ଥାନ ପୁରୀରେ କେବଳ ସୀମାବଦ୍ଧ ହୋଇ ରହିନାହିଁ । ଏହା ସମଗ୍ର ଭାରତବର୍ଷ, ଏପରିକି ସାରା ପୃଥିବୀରେ ପ୍ରସିଦ୍ଧି ଲାଭ କରି ଅନ୍ତର୍ଜାତୀୟ ମହୋତ୍ସବରେ ପରିଣତ ହେବାକୁ ବସିଲାଣି । ଶ୍ରୀଜଗନ୍ନାଥ, ସୁଭଦ୍ରା, ବଳଭଦ୍ର ଓ ସୁଦର୍ଶନ ଚତୁର୍ଦ୍ଧାମୂର୍ତ୍ତି ପାଇଁ ତିନିଗୋଟି ରଥ ପ୍ରତିବର୍ଷ ନୂତନ କାଠରେ ନିର୍ମାଣ କରାଯାଇଥାଏ । ଏଥିପାଇଁ ପୁରୀ ନିକଟବର୍ତ୍ତୀ ନୟାଗଡ଼ ଓ ଦଶପଲ୍ଲା ଜଙ୍ଗଲରୁ ନୂତନ କାଠ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସଂଗ୍ରହ କରାଯାଇଥାଏ । ଗତବର୍ଷ ଠିକ୍ ସମୟରେ ଉପଯୁକ୍ତ ମାନର କାଠ ନପହଞ୍ଚିବା ଏବଂ ଆବଶ୍ୟକ କାଠର ଅଭାବ ପରିଲକ୍ଷିତ ହେବା; କାର୍ଯ୍ୟରେ ବିଳମ୍ବ ଘଟିବା ଗଣମାଧ୍ୟମରେ ପ୍ରଚାରିତ ହୋଇଥିଲା । ଏସବୁ ସମସ୍ୟାକୁ ଆଖି ଆଗରେ ରଖି ଆସନ୍ତା ବର୍ଷମାନଙ୍କରେ କାଠର ଅଭାବ ନିଶ୍ଚିତ ବୋଲି ଧରିନେବାକୁ ପଡ଼ିବ । ଦୈବ ଓ ମନୁଷ୍ୟକୃତ ଜଙ୍ଗଲ ଧ୍ୱଂସ, ରାଜ୍ୟ ସରକାରଙ୍କ ଦ୍ୱାରା କରାଯାଇଥିବା ଶ୍ରୀଜଗନ୍ନାଥ ବନପ୍ରକଳ୍ପ ବିଶେଷ ଫଳପ୍ରଦ ନହେବା ଇତ୍ୟାଦିରୁ ଭବିଷ୍ୟତର ଚିତ୍ର ସ୍ପଷ୍ଟ ଜଣାପଡୁଛି । ଏପରିକି ଗତ ୬ବର୍ଷ ଭିତରେ ଅସନ, ଫାସି, ଧଉରା ନାମକ ଗଛ ଲାଗିପାରିଲା ନାହିଁ ବୋଲି କେତେକ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ଏ ଅଭାବନୀୟ ପରିସ୍ଥିତିକୁ ନେଇ ଏବଂ ରଥଯାତ୍ରା ବ୍ୟାହତ ହେବାକୁ ନଦେଇ ଚଳି ଆସୁଥିବା ପରମ୍ପରାରେ କିଛିଟା ପରିବର୍ତ୍ତନ ଆଣିବାକୁ ଦେଇଥିବା ସୁଚିନ୍ତିତ ମତ ଗ୍ରହଣୀୟ ବୋଲି ମନେକରେ । ତାହାହେଲା ସମ୍ପୂର୍ଣ୍ଣ ନୂତନ କାଠର ରଥ ନିର୍ମାଣ ନକରି ପୁରାତନ ଓ ନୂତନ କାଠର ମିଶ୍ରଣରେ ରଥ ତିଆରି କରିବା । ପ୍ରତିବର୍ଷ ରଥଯାତ୍ରାର ଶ୍ରୀଚକ ପୂଜା ନିମିତ୍ତ ପ୍ରଦାନ କରାଯିବା ସହ କିଛି ଚକ ଓ ରଥର ଅନ୍ୟାନ୍ୟ ଜିନିଷ ଶ୍ରୀମନ୍ଦିର ପ୍ରଶାସନ ବିକ୍ରି କରି କିଛି ରାଜସ୍ୱ ପାଇଥିବାର ଖବର ପ୍ରକାଶ ପାଇଛି। ଏହା ନିଶ୍ଚିନ୍ତ ଭାବରେ ଏକ ଭଲକଥା କିନ୍ତୁ ତିନି ତିନୋଟି ରଥ ପାଇଁ ଯେଉଁ ପରିମାଣର କାଠ ଦରକାର ତାହାର ସୃଷ୍ଟି ପ୍ରତି ଚିନ୍ତା ସବୁଠାରୁ ବଡ଼କଥା। ତେବେ ପ୍ରତି ନବକଳେବର ବେଳକୁ କେବଳ ନୂତନ କାଠରେ ରଥ ନିର୍ମାଣ କରାଯାଇ ନୂତନ ପରମ୍ପରା ସୃଷ୍ଟି କରାଯାଇ ପାରେ । ଏ ବିଷୟରେ ଜଗନ୍ନାଥ ସଂସ୍କୃତି ବିଶେଷଜ୍ଞ, ପଣ୍ଡିତ ମଣ୍ଡଳୀ, ସେବାୟତ ବୃନ୍ଦ, ମନ୍ଦିର ପ୍ରଶାସନ ଓ ସର୍ବୋପରି ଗଜପତି ମହାରାଜାଙ୍କ ସହିତ ବିଚାରବିମର୍ଶ କରାଯାଇ ଏବେଠାରୁ ଉପଯୁକ୍ତ ପଦକ୍ଷେପ ନେବା ଜରୁରୀ ।

ଆମ ରାଜ୍ୟରେ ପ୍ରତିବର୍ଷ ବନମହୋତ୍ସବ ପାଳିତ ହେଉଅଛି । ଚଳିତବର୍ଷ ମଧ୍ୟ ରାଜ୍ୟରେ ଗ୍ରାମପଞ୍ଚାୟତ, ସ୍କୁଲ, ପ୍ରତିଷ୍ଠାନ ଓ ସହରାଞ୍ଚଳରେ ଚାରାରୋପଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ସ୍ୱାଗତଯୋଗ୍ୟ । ରଥକାର୍ଯ୍ୟରେ ବ୍ୟବହୃତ ହେଉଥିବା କାଠ ସମୂହ, ଯଥା - ଫାସି, ଧାଉରା, ଅସନ ପ୍ରଭୃତି ଗଛର ଚାରା ଯଦି ବହୁଳ ଭାବରେ ରୋପଣ କରାଯାଆନ୍ତା ତା'ହେଲେ ଭବିଷ୍ୟତରେ କାଠର ଅଭାବ ରୁହନ୍ତା ନାହିଁ । ଏହା ଜଗନ୍ନାଥ ସଂସ୍କୃତିର ପ୍ରସାର ସହ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟିରେ ସହାୟକ ହୁଅନ୍ତା । ତେବେ ସବୁଠାରୁ ବଡ଼କଥା ହେଉଛି ଆମପରି ଗୁଣୀଜ୍ଞାନୀ, ଚନ୍ଦ୍ରପୃଷ୍ଠରେ ଜାଗା କିଣି ଘର କରିବାକୁ ଉତ୍କର୍ଷ ପ୍ରଯୁକ୍ତି ଜ୍ଞାନ ରଖିଥିବା ଏହି ମଣିଷମାନେ ଭଲ ଭାବେ ଜାଣିଛନ୍ତି ଶ୍ୱାସପ୍ରଶ୍ୱାସ ଠାରୁ ନିଜ ଖାଦ୍ୟ, ବାସଗୃହ, ବୃତ୍ତି, ପରିପାର୍ଶ୍ୱିକ କ୍ଷେତ୍ର ଠାରୁ ସବୁକ୍ଷେତ୍ରରେ ଗଛର ଅପରିହାର୍ଯ୍ୟ ଭୂମିକା ରହିଛି। କିନ୍ତୁ ଏହାକୁ ଅନ୍ତଃ ମନରେ ଭାବୁଛି କିଏ ? ଏବଂ ଏହାକୁ କାର୍ଯ୍ୟରେ ପରିଣତି କରିବା ପାଇଁ ପ୍ରଚେଷ୍ଟା କରୁଛି ବା କିଏ ? କିଛି ବେସରକାରୀ ଓ ଆଧ୍ୟାତ୍ମିକ ସଂଗଠନମାନେ ଶ୍ରୀମହାପ୍ରଭୁଙ୍କ ରଥ ପାଇଁ ବୃକ୍ଷରୋପଣ ନିମିତ୍ତ ପ୍ରଚେଷ୍ଟା ଆରମ୍ଭ କରିଛନ୍ତି ଯାହାକି ପ୍ରେରଣାଦାୟକ। ଗତ ନବକଳେବର ସମୟରେ ଗଜପତି ମହାରାଜ ଓଡ଼ିଶାବାସୀମାନେ ବିଶେଷକରି ଲିମ୍ବବୃକ୍ଷ ବିପୁଳ ଭାବରେ ବୃକ୍ଷରୋପଣ କରିବାକୁ ଆଧ୍ୟାତ୍ମିକ ପରାମର୍ଶ ଦେଇଥିଲେ ଏହା ନିଶ୍ଚିନ୍ତ ଭାବରେ ଗ୍ରହଣୀୟ। ପ୍ରଥମତଃ କୌଣସି ସୌଭାଗ୍ୟବାନଙ୍କ ଲିମ୍ବ ଦାରୁ ପାଇଁ ମହାପ୍ରଭୁଙ୍କ କୃପା ପାଇପାରେ ଏବଂ ଦ୍ୱିତୀୟ କଥା ହେଉଛି ଏହା ପରିବେଶରେ ଏକ ସ୍ୱାସ୍ଥ୍ୟକାରୀ ବାତାବରଣର ଭାରସାମ୍ୟ ସୃଷ୍ଟି କରିଥାଏ। ରଥ ନିର୍ମାଣ ପ୍ରସଙ୍ଗରେ ଆଲୋଚନାଟି ମଧ୍ୟ ଏହା ଭାରତ ବର୍ଷର ବିଭିନ୍ନ ସ୍ଥାନରେ ଶ୍ରୀଜଗନ୍ନାଥଙ୍କର ହେଉ ବା ଅନ୍ୟ ଦେବତାଙ୍କ ରଥଯାତ୍ରା ପାଇଁ ପ୍ରତିବର୍ଷ ସେଠାରେ ରଥ ନିର୍ମାଣ ହୋଇନଥାଏ। ପୂର୍ବ ରଥକୁ ସେମାନେ ବ୍ୟବସ୍ଥିତ ଭାବରେ ସୁରକ୍ଷିତ କରି ରଖିଥାନ୍ତି ହୁଏତ ଏହା କିଛି ମରାମତି ଆବଶ୍ୟକ କରିଥାଏ। ଯାହାକି ଏକ ବଡ଼ ସମସ୍ୟା ବା ବ୍ୟୟବହୁଳ ପ୍ରସଙ୍ଗ ନୁହେଁ। ଆମର ଶ୍ରୀମନ୍ଦିରରେ ରଥରେ ବ୍ୟବହୃତ କାଠ ପରବର୍ତ୍ତୀ ସମୟରେ ଏହାର କିଛି ଅଂଶ ସେବାୟତମାନେ ଗ୍ରହଣ କରିଥାନ୍ତି ଏବଂ ଆଉ କିଛି ଶ୍ରୀମନ୍ଦିର ରୋଷଘରର ଜାଳେଣୀ ଭାବରେ ବ୍ୟବହୃତ ହୋଇଆସୁଥିଲା ତେବେ ଗତ କିଛି ବର୍ଷ ହେଲା ଏହାର କିଛି ଅଂଶ ନିର୍ମାଣ କରୁଥିବା ବିଶ୍ୱକର୍ମା ସେବାୟତଙ୍କୁ ଦାନ କରାଯାଏ ଓ ଅନ୍ୟ କିଛି ଅଂଶ ନିଲାମ କରାଯିବାର ବ୍ୟବସ୍ଥା ହୋଇଛି। ସ୍ୱୟଂ ରଥ ଦେବତୁଲ୍ୟ ହୋଇଥିବାରୁ ଏହାର ଖଣ୍ଡିଏ ଅଂଶ ବାହାର ସ୍ଥାନରେ ଅସମ୍ମାନିତ ହେଲେ ବା ଅପୂଜ୍ୟ ହୋଇପଡ଼ିଲେ ଏହା ଆମ ମାନଙ୍କ ପାଇଁ କଷ୍ଟକର କଥାନୁହେଁ କି ? ପ୍ରତିବର୍ଷ ରଥ ନିର୍ମାଣ ପାଇଁ ଏହି ଲେଖକର ପ୍ରତିବେଦନ ସହୃଦୟ ପାଠକଙ୍କ ଠାରୁ ମୂଲ୍ୟବାନ ପରାମର୍ଶ ମତାମତର ଆଶା ରଖେ।




ବାକ୍‌ଶ୍ରବଣ ବିଶେଷଜ୍ଞ, ଧ୍ୱନୀ,
କାଠଗୋଲାରୋଡ଼, ମଙ୍ଗଳାବାଗ,
କଟକ,
ମୋ : ୯୪୩୮୨୭୬୭୬୦



## ଆ'ରେ କାଳିଆ ମୋ ଗଳାମାଳିଆ

### ପ୍ରଶାନ୍ତ କୁମାର ଦାଶ

ଛଳ ଛଳ ଆଖି ସେଠି ରହେ ଲାଖି
ମନହୁଏ ଛନ ଛନ
କଳାମଣିମାର ମୁଖ ଶୋଭାପାଏ
ଯେପରି ଆକାଶେ ଘନ ।
ବଡଦାଣ୍ଡେ ଦେଖ ଭକତ ଗହଳି
ବଡଦେଉଳକୁ ଛାଡି
ଟାହିଆ ହଲେଇ ହଲିଝୁଲି ଜଗା
ଆସିବ ରଥକୁ ମାଡି ।
ନନ୍ଦିଘୋଷେ ବସି ଗୁଣ୍ଡିଚା ଘରକୁ
ଯିବେ ଜଗତର ସାଇଁ
ତାର ଯାତଠାରୁ କିଛି ଭଲ ଯାତ
ସାରା ସଂସାରରେ ନାହିଁ ।
ବାଜୁଥିବ ବାଜା ଓଡ଼ିଆର ରାଜା
କରିବେ ରଥରେ ସେବା
ତାଙ୍କଠାରୁ ଶିଖି ସେବା ପରହିତ
ମହତ ମହାନ ହେବା ।
ଭାଇ ଭଉଣୀତ ରଥେ ବସି ଯିବେ
ଗୁଣ୍ଡିଚା ଘରକୁ ହସି
ଆକାଶ ପଥରୁ ବରଷାର ବିନ୍ଦୁ
ତଳେ ପଡୁଥିବ ଖସି ।
ନଅଦିନ ଯାତ ସାରି ସେ ଫେରିବେ
ପୋଡ଼ପିଠା ଖଣ୍ଡେ ଖାଇ
ତାକୁ ଦେଖି ନର ନାରୀ ନାଚୁଥିବେ
ତା ଭଜନ ଗୀତଗାଇ ।
ଆ 'ରେ କାଳିଆ ମୋଗଳା ମାଳିଆ
ରଥ ତ ହେଲାଣି ସଜ
ଭକତ ଦେଖିବେ ମନ୍ଦିର ବାହାରେ
କରୁଥିବୁ କେତେ ଖଞ୍ଜ ।

କୁଞ୍ଜର ସଙ୍ଗଲାଇ
ପିପିଲି ପୁରୀ
ମୋ: ୯୬୬୮୮୨୨୧୯୦

## ରଥ ଯାତରା


### ସିଦ୍ଧେଶ୍ୱର ତ୍ରିପାଠୀ

ଆଷାଢ଼ ମାସ ଶୁକ୍ଳ ପକ୍ଷ
ଦ୍ୱିତୀୟା ତିଥି ହେଲା
ଶିରିକ୍ଷେତର ବଡଦାଣ୍ଡଟି
ଦେଖରେ ଚମକିଲା ।
ତିନି ରଥରେ ଚାରି ଠାକୁର
ପହଣ୍ଡି ବିଜେ ହେଲେ
ଆଦ୍ୟ ସେବକ ଠାକୁର ରାଜା
ଛେରା ପହଁରା କଲେ ।
ରଥରେ ଯୋଚା ହୋଇଲେ ଘୋଡା
ଡାହୁକ ମାରେ ଡାକ
ଦଉଡି ଧରି ଧିରେ ଆଗକୁ
ଟାଣିଲେ ସବୁ ଲୋକ ।
ପବିତ୍ର ଦିନ ଆନନ୍ଦ ମନ
ଚକା ଆଖିକୁ ଚାହିଁ
ସାରା ଜଗତେ ଏମିତି ଯାତ
ନାହିଁ କେଉଁଠି ନାହିଁ ।

କୁଣ୍ଡିଲୋ କେରଙ୍ଗ
ଖୋର୍ଦ୍ଧା

## ଶ୍ରୀ ଜଗନ୍ନାଥ

### ଅଳକା ରାୟ



ହେ 'ଜଗଦୀଶ ହରି '
ହେ 'ମାଧବ ମୁରାରୀ'
ଶ୍ରୀ କ୍ଷେତ୍ରେ ଶ୍ରୀ ଜଗନ୍ନାଥ
ବିରାଜିଲୁ ତୁହି
ହେ ଗୋଲକ ବିହାରୀ।
ଅନନ୍ତ ଚେତନାର ଆଧାର
ଅମିତ ଭାବର ଭଣ୍ଡାର
ସଂହତି ସମନ୍ୱୟର ଠାକୁର
ହେ କାଳିଆ କାହ୍ନୁ।
ତୁଚ୍ଛ କରି ସବୁ,ନେଇଛି ଆଦରି
କାଳିଆ କାହ୍ନୁ ତୋ ପୟର
ଉଦ୍ଧାର କରିବ ଭବ ସାଗରରୁ
ନୀଳାଦ୍ରିନାଥ ବିହାରୀ।
ପୁଷ୍ପ ପରି ତବ ମନଲୋଭା ରୂପ
ଦେଖୁଥାଏ ନିଶି ଦିନ
ମୋ ନେତ୍ର ଯୁଗଳ,
ପାଇ ପରସ ତୁମର
ଧନ୍ୟ ମଣଇ ଗର୍ବ ସହକାରେ।
ନିଜର କରି ନିଅ ହେ ପ୍ରଭୁ
ଯୋଡୁଛି ବେନି ହସ୍ତ ମୋର
ଜାହାକୁ ନିଜର ଭାବୁଛି ସଂସାରେ
ସବୁ ଲାଗୁଛନ୍ତି ପର।
ନାହିଁ ହସ୍ତ ପାଦ
ନାହିଁ ନାସା କର୍ଣ୍ଣ
ନିମ ଦାରୁରେ ଗଠନ
ଜଗତର ନାଥ ଜଗନ୍ନାଥ ହେ
ପତିତ ଉଦ୍ଧାର କର।
ନାମ ସୁମରିଲେ ଦୁଃଖ ଦୂର ହୁଏ
ହେ ଜଗତ ଠାକୁର
ଦାରୁ ବ୍ରହ୍ମ ରୂପ ଦରସନେ
ଜନ୍ମ ଜନ୍ମାନ୍ତର ପାପ ହୁଏ କ୍ଷୟ।
ହୃଦୟେ ମୋହର ଦରସନ ଦିଅ
ଚେତନା କରାଅ ଜାଗ୍ରତ
ତୁମେ ଯେ କର୍ତ୍ତା ଶାନ୍ତିର ବାର୍ତ୍ତା
ଦୁଃଖ ହାରୀ ମୁକ୍ତିଦାତା।
ଅଜ୍ଞାନ ନାଶକ ଜ୍ଞାନ ବିତରକ
ଧର୍ମ ଧ୍ୱଜା ଉଡାଇବ
ଦୁଃଖ ବିନାଶି ସୁଖ ବାଣ୍ଟିବାକୁ
ଯୁଗେ ଯୁଗେ ଆସୁଥିବ।
ଅସମ୍ଭବକୁ ସମ୍ଭବ କରାଅ
ମନ ପ୍ରାଣ ସମର୍ପିଲେ
ପାଖ ନ ପଶିବ ବିପଦ ଆପଦ
ସଂସାର ଯାତ୍ରା ପଥରେ।
ପାଞ୍ଚଜନ୍ୟ ଶଙ୍ଖ ମୁକ୍ତିର ଧ୍ୱନି
ଚକ୍ର ବିପଦ ରକ୍ଷକ
ଅଧର୍ମ ବଢ଼ିଲେ ଧର୍ମ ରକ୍ଷା ପାଇଁ
ଯୁଗେ ଯୁଗେ ଅବତରିବ।
ତୁମେ ମୋର ଚିତ୍ତ
ତୁମେ ମୋ ପ୍ରଦୀପ
ତୁମେ ମୋର ବୁଦ୍ଧି ଜ୍ଞାନ
ତୁମ ଚରଣରେ ସଦା ମୋର ମନ
ରହିଥାଉ ବର୍ଷ ମାସ ଦଣ୍ଡ ଦିନ।

+ ଭୁବନେଶ୍ୱର
ମୋ: ୭୯୭୮୩୩୨୦୬୧

## କାଳିଆ ଆସୁଛି ମାଉସୀ ଘର


### ପୁଷ୍ପାଞ୍ଜଳି ମିଶ୍ର

ଜଗତର ନାଥ ଆହେ ଜଗନ୍ନାଥ
ଆଠ ଦିନ ପାଇଁ ବୁଲି ଆସୁଛି
ଭାଇ ଭଉଣୀ ଙ୍କୁ ସାଙ୍ଗରେ ଧରି
ମାଉସୀ ଘରକୁ ବୁଲି ଆସୁଛି
ଶହ ଶହ ଭକ୍ତ ହୋଇ ଆଗଭର
ଦେଖିବାକୁ ମନ ପୁରି ଯାଉଛି
ନୀଳା ଚଳିଲା ସେ ତ୍ରୀପଣ୍ଡ କାଳିଆ
ନାରାୟଣ ନାମ ବୋହି
ଭକ୍ତର ବନ୍ଧୁ ଆହେ କୃପାସିନ୍ଧୁ
ଲଗାଏ ଭକ୍ତ ଡୋରି
ଦେଖିଦେଲେ ଥରେ ତାର ଚକା
ଆଖି
ସବୁ ଦୁଃଖ ଯାଏ ଧୋଇ
ଦେଖିବାକୁ ମନ ହୁଏ ଛନଛନ
ଦେଖିବା ମନ ଭରି
ଆସ ଯିବା ପୁରୀ ଲାଗିଛି ତା ଡୋରି
କର ନାହିଁ ଯଥା ଡେରି
ଶଙ୍ଖ ଭେରି ତୁରୀ ବଜାଇ ଆସୁଛି
ବଡ଼ ଦାଣ୍ଡ ଦୁଲୁକାଇ
ଫୁଲ ଟାହିଆରେ ସଜାଇ ହୋଇ ସେ
କିଣି ନେଇ ଯାଏ ମନ
ଶହ ଶହ ଭକ୍ତ ରଥ ଟାଣିବାକୁ
ହେଲେଣି ସଜବାଜ
ନକରି ଝଗଡ଼ା ଖାଇବା ଅବଢ଼ା
ଜଗନ୍ନାଥ ତୁଣ୍ଡେ ଧରି
ବଡଦାଣ୍ଡେ ଭିଡ ସାଗରରେ ବୁଡ଼
ହୋଇବ ଜୀବନ ଧନ୍ୟ
ଆସ ହୋ ମାଉସୀ ଆସ ହୋ
ମଉସା
କାଳିଆ ଆସୁଛି ମାଉସୀ ଘର
ହେଲେ ତାର ଦୟା ତୁଟି ଯିବ ମାୟା
ସବୁ ହେବା ଆମେ ପାରି ।

ସୁକିନ୍ଦା କ୍ରୋମାଇଟ ମାଇନ୍ସ
ଯାଜପୁର
ମୋ: ୯୫୫୬୬୪୩୯୨୧

# ରୂପ ଅରୂପ ଜଗନ୍ନାଥ

### ଡ. କିଶୋର ମହାନ୍ତି



ଅପାଣି ପାଦୋଜବନୋ ଗ୍ରହୀତା
ପଶ୍ୟତ୍ୟ ଚକ୍ଷୁତ ସ ଶୃଣୋତ୍ୟ କର୍ଣ୍ଣଃ
ସର୍ବେ ବେଦ୍ୟମନ୍ ଚ ସ୍ୟୋସ୍ତି ବେତ୍ତା
ତମାହୁର ଗ୍ର୍ୟମ ପରୁଷଂ ମହାନ୍ତ ମ
।

ଯଥାର୍ଥରେ ରତ୍ନବେଦୀରେ ଚତୁର୍ଦ୍ଧା ମୂର୍ତ୍ତିକୁ ସଂଦର୍ଶନ କରି ଭକ୍ତ୍ଣ ଭାବାବେଗରେ ଅଧିର ହୋଇଉଠେ । ଧପୂର୍ବ ରୂପ ଲାବଣ୍ୟମୟ ବିଗ୍ରହ ଯେ କେମିତି ପ୍ରତୀକାତ୍ମକ ଭାବରେ ଉଭା ହୋଇ ସମଗ୍ର ଜନ୍ମ ଓ ଜଗତକୁ ମୁହ୍ୟମାନ କରି ଦିଅନ୍ତି ତାହାହିଁ ସୂଚୀତ କରେ ତାଙ୍କର ଅପୂର୍ବ ରୂପକାନ୍ତି । ତେଣୁତ ବର୍ଣ୍ଣନା କରାଯାଇଛି

'ଜଗନ୍ନାଥ ଯେ ଷୋଳ କଳା ତହୁଁ କଳାଏ ନନ୍ଦକଳା
କଳାକୁ ଷୋଳ କଳା କରି ଗୋପେ ବିହତରରେ ହରି'

ସବୁ କଳା ତାଙ୍କଠାରେ ସଂଘଟିତ ହୋଇଛି । କୃଷ୍ଣ ବର୍ଣ୍ଣରେ ଶୋଭିତ ହେଇଥିବା ଅଂଗ ଅବୟବ ଲୋକ ମୁଖରେ ସେ ଆଦୃତ ହୁଅନ୍ତି ତ୍ରିପଣ୍ଡ କଳାସେ ପୁଣି କଳାହାତୀ ଭାବରେ ଚିତ୍ରିତ ହୋଇଥାନ୍ତି ଭକ୍ତ କବିଙ୍କ ଲେଖନୀରେ । ସଭିଏଁ ଡାକନ୍ତି ଜଗାକାଳିଆ ବୋଲି ।

ତାଙ୍କ ରୂପ କାନ୍ତିକୁ ବର୍ଣ୍ଣନା କରାଯାଇଛି ସୁନ୍ଦର ଭାବରେ ସେ ନିରାକାର ସାକାର ରୂପମାତ୍ର । ଭଗବାନ ପୁରୁଷୋତ୍ତମ ଏ ସଂସାରରେ ଯେତେ ପ୍ରକାର ଅବତାର ଗ୍ରହଣ କରି ଦୃଷ୍ଟ ଦଳନ ସନ୍ଥ ପାଳନ ନିମନ୍ତେ ଆସିଛନ୍ତି ଶ୍ରୀଜଗନ୍ନାଥ ସେମାନଙ୍କଠାରୁ ଉର୍ଦ୍ଧ୍ୱରେ କେତେକ ପଣ୍ଡିତ ଓ ଗବେଷକ ଦଶ ଅବତାର ମଧରେ ବର୍ଣ୍ଣନା କରିଛନ୍ତି-

ଅବତାର ଦଶ ଏଇ ଦାରୁ ରୂପ
ଏହି ଦାରୁ ସେ ସେଲୀନ
ଈଶ୍ୱର ସାକ୍ଷାତେ ଲୀଳାର ନିମନ୍ତେ
ବିଜେ ରତ୍ନ ସିଂହାସନ ।

ଓଡ଼ିଆ ଭାଗବତ କାର ଭକ୍ତ ଅତିବଡ଼ି ଜଗନ୍ନାଥଙ୍କର ପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ମହିମାମାନ କହିଛନ୍ତି ଶ୍ରୀଜଗନ୍ନାଥ ହେଉଛନ୍ତି ଅନାଦି ପୁରୁଷ ପୁରୁଷୋତ୍ତମ ସେ ସାରା ସଂସାରକୁ ବ୍ୟାପି ରହିଛନ୍ତି, ସେ ଭିନ୍ନ ଭିନ୍ନ ଅବତାରରେ ଏ ସଂସାରକୁ ଆସିଛନ୍ତି ।

ଜଗନ୍ନାଥ ଦାସ ଲେଖିଛନ୍ତି-
ଛାଡ଼ି ସକଳଦୀବ କ୍ଷେତ୍ର
ନୀଳ କାଳରେ ଜଗନ୍ନାଥ
ମୂର୍ତ୍ତିର ଜଗତକୁ ମୋହି
ତେଣୁ ଆଶ୍ରା କରିଛି ମୁହିଁ
ଏ ଅଂଶ ଥିବା ପରିପନ୍ତେ, ଛାଡ଼ିବି ନାହିଁ କଦାଚିତେ..

ଶ୍ରୀଜଗନ୍ନାଥ ଶୂନ୍ୟମୟ, ସେ ଶୂନ୍ୟବ୍ରହ୍ମ
ଆଜି ହିଁ ଶୂନ୍ୟ ହେବ
ଶୂନ୍ୟରୁ ପାବନ

ତେଣୁ ତ ସେ ଶୂନ୍ୟମୟ, ଅନନ୍ତ, ଅଲେଖ ଅଣାକାର । ସେ ଓଁ କାର ଧ୍ୱନିର ପ୍ରତୀକ ତେଣୁ ତାଙ୍କର କୌଣସି ନିର୍ଦ୍ଦିଷ୍ଟ ଆକାର ନାହିଁ- ସେ ନିରାକାର ନିରଂଜନ, ସର୍ବବ୍ୟାପି ସର୍ବମୟ । ବଡ଼ ବିଚିତ୍ର ସେ ସାମନ୍ତ । ଅଲୌକିକ ତାଙ୍କର ଲୀଳା । ସେ ଯେ ଦାରୁ ଦେବତା ତ୍ରିଭୁବନର ଅଧିପତି । ଅଖିଳ ବ୍ରହ୍ମାଣ୍ଡର ସ୍ରଷ୍ଟା ପାଳକ, ନିରାମକ ଓ ସଂହାର କର୍ତ୍ତା ।

ଦୁଃଖ ନିବାରଣ ସନ୍ଥ ପାଳନ ହେଉଛି ତାଙ୍କର ଉଦ୍ଦେଶ୍ୟ । ଗୀତାର ଭଗବାନଙ୍କର ବାଣୀ ଥିଲା- ମୁଁ ବଡ଼ ସମୂହରୁ ଅତୀତ ଚେତନ ପଦାର୍ଥ ଅପେକ୍ଷା ମଧ ଶ୍ରେଷ୍ଠ । ମୁଁ ବେଦ ପୁରାଣରେ ପୁରୁଷୋତ୍ତମ ନାମରେ

ବିଖ୍ୟାତ-
"କ୍ଷେତ୍ର ତୀର୍ଥ ନାମେ ଭକତ
ଭିନ୍ନ ଭୁବନରେ ବିଦିତ
ସେ ସର୍ବେଜାଣ ବହିଃରଂଗ
ପୁରୁଷୋତ୍ତମ ଅନ୍ତରଂଗ"
ତେଣୁ ତ ସେ କମ୍ଭୁକଟକର ରାଜା ।
ସେ କମ୍ଭୁ କଟକର ରାଜା
ନ ନାମ ଜଗନ୍ନାଥ

ଚାରି ବର୍ଣ୍ଣେ ଚଉବର୍ଗ ଦେବାକୁ ସମର୍ଥ ।

ସଗୁଣ ଓ ନିର୍ଗୁଣର ସମନ୍ୱୟ ମୂର୍ତ୍ତି ଦାରୁବ୍ରହ୍ମ । ଶ୍ରୀ ଜଗନ୍ନାଥ ବିଶ୍ୱ ବ୍ୟାପକ ଓ ସାର୍ବଜନୀନ ଦେବତା ଭାବରେ ଶ୍ରୀକ୍ଷେତ୍ରରେ ଉପାସିତ । ସେ ବିଶ୍ୱପ୍ରେମ ଓ ମୈତ୍ରୀର ପ୍ରତୀକ । ସେ ହେଉଛନ୍ତି କେଶର ପ୍ରଣବ ଅକ୍ଷର ଓଁ ।

ଅର୍ଥାତ୍ ଅଭମ 'ଓଁ' ର ଅ' ହେଉଛି ସୁଭଦ୍ରା ।

ଉ' ହେଉଛି ଜଗନ୍ନାଥ ଓ ମ' ହେଉଛି ବଳଭଦ୍ର ।

ଶ୍ରୀଜଗନ୍ନାଥଙ୍କର ପବିତ୍ର ରଥଯାତ୍ରା ଏକ ଗଣ ମହୋତ୍ସବ

ଜଗତଜନଙ୍କୁ ବଡ଼ ଦାଣ୍ଡରେ ଦର୍ଶନ ଦେଇ ଉଦ୍ଧାର କରିବା ପାଇଁ ଭକ୍ତ ବତ୍ସଳ ଭାବଗ୍ରାହୀ ଓହ୍ଲାଇ ଆସନ୍ତି ରତ୍ନସିଂହାସନରୁ । ଏହି ରଥଯାତ୍ରା ବିଶ୍ୱ ପ୍ରସିଦ୍ଧ । ଏହା ଆଡ଼ପ ମଣ୍ଡପ ଯାତ୍ରା ଯୋଗ ଯାତ୍ରା, ଶ୍ରୀ ଗୁଣ୍ଡିଚା, ବା ଜନ୍ମ ବେଦୀଯାତ୍ରା ଭାବରେ କଥିତ ।



ହୃଦୟରେ ନିରୋଳ ପ୍ରେମ ନାହିଁ ତ ଜଗନ୍ନାଥଙ୍କ କୃପାରୁ ବଂଚିତ ହେବାକୁ ପଡ଼େ- ମନରେ ଶୁଦ୍ଧ ଭକ୍ତି ନାହିଁ ତ ତାଙ୍କର ଅପାର କରୁଣାରୁ କିଞ୍ଚିତ ପ୍ରାୟ ହେବା ଦୁରୂହ ଏବଂ ତାଙ୍କର ସଂପର୍କରେ ତଥା ଶକ୍ତି ସଂପର୍କରେ ବୁଝିବାର କ୍ଷମତା ପ୍ରାପ୍ତି ହେବାର ସମ୍ଭାବନା ନାହିଁ । ପ୍ରେମ, ଭକ୍ତି ଭାବରେ ତାଙ୍କଠାରେ ନିଜକୁ ସମର୍ପଣ କରିଦେଲେ ଏ ଦୁନିଆ ସାରା ଜଗନ୍ନାଥ ମୟ ହୋଇ ଉଠେ । ଶ୍ରୀ ଜଗନ୍ନାଥ ତଥା ତଦୃର୍ଦ୍ଧ୍ୱ ।

ମୂର୍ତ୍ତିଙ୍କୁ ସଂଦର୍ଶନ କଲେ ଆଖି ବିଭୋର ହୋଇ ଉଠେ ଭକ୍ତଟିଏ ଭାବ ଓ ଭକ୍ତିର ସମୁଦ୍ରରେ ଅବଗୋହନ କରେ। ସେ ମହାଭାବମୟ ମହାପ୍ରଭୁ।

ଉତ୍କଳ ମଣି ପଣ୍ଡିତ ଗୋପବଂଧୁ ଦାସ କହିଥିଲେ

ଉତ୍କଳେ ଦେଶର ନାହିଁ ପ୍ରୟୋଜନ
ଉତ୍କଳର ଦେଶର ନିଜେ ନାରାୟଣ
ନାରାୟଣ ପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥ ହିଁ

ପ୍ରକୃତରେ ଏ ଜାତିର ଦେଶ- ଏ ଜାତିର ଇଷ୍ଟ ଦେବତା ଏ ଜାତିର ମୁରବି, ଏ ଜାତିର ପରିଚୟ- ପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିନା ଏ ଜାତିର ପରିଚୟ ବା କଣ ?

ସେ ହେଉଛନ୍ତି କୋଟି କୋଟି ଓଡ଼ିଆଙ୍କର ପ୍ରାଣ । ଓଡ଼ିଆ ଜାତିର ପ୍ରତିଭା ।

ନୀଳଚଳ ନାୟକ ଶ୍ରୀ ଶ୍ରୀଜଗନ୍ନାଥ, ଭଉଣୀ ସୁଭଦ୍ରା ଓ ଭାଉ ବଳଭଦ୍ର ତଥା ସୁଦର୍ଶନଙ୍କ ସହ ଓହ୍ଲାଇ ଆସନ୍ତି ବଡ଼ଦାଣ୍ଡକୁ- ଭକ୍ତ ମାନଙ୍କର ଗହଣରେ କରନ୍ତି ପବିତ୍ର ରଥଯାତ୍ରା । ସେତେବେଳେ ସେ ସମଗ୍ର ବିଶ୍ୱର ଦେବତା ଭାବରେ ପରିଚିତ ଲାଭ କରି ସମଗ୍ର ବିଶ୍ୱରେ ହୋଇ ଥାନ୍ତି ଜନଗଣମନ ଓ ପ୍ରାଣରେ ସଖା ସହୋଦର ଓ ସହୃଦୟ । ସେ ବଡ଼ଦାଣ୍ଡରେ ବିଜେ କରି ଜାତି, ଧର୍ମ, ବର୍ଣ୍ଣ, ସଂପ୍ରଦାୟ ନିର୍ବିଶେଷରେ ବିଶ୍ୱର ସକଳ ଶ୍ରେଣୀର ମାନବକୁ ଦର୍ଶନ କରିବା ପାଇଁ ଅନୁମତି ଦେଇ ମାନବ ବାଦକୁ ପ୍ରୋତ୍ସାହିତ କରିଛନ୍ତି । ତାଙ୍କର ଏହି ବିଶ୍ୱ ବିଦୃତ ରଥଯାତ୍ରା ବିଶ୍ୱ ମୈତ୍ରୀ ଜାତୀୟ ଐକ୍ୟ ଓ ମାନବ ବାଦର ମଙ୍ଗଳମୟ ଯାତ୍ରା ।

# ଶ୍ରୀଜଗନ୍ନାଥ ମନ୍ଦିରର ଇତିହାସ ଓ ମନ୍ଦିର ନିର୍ମାଣ

### ପଣ୍ଡିତ ଦୈତ୍ୟାରି ମହାପାତ୍ର



ନୀଳାଚଳ ନିବାସାୟ ନିତ୍ୟାୟ ପରମାତ୍ମନେ।
ବଳଭଦ୍ର ସୁଭଦ୍ରାଭ୍ୟାଂ ଜଗନ୍ନାଥାୟତେ ନମଃ ॥

ପୁରୀ ଓଡ଼ିଶା ରାଜ୍ୟର ବଙ୍ଗୋପସାଗର (ଯାହାର ପୂର୍ବବର୍ତ୍ତୀ ନାମ ଥିଲା କଳିଙ୍ଗ ସାଗର) କୂଳରେ ଅବସ୍ଥିତ। ଏଠାକାର ଦେଉଳକୁ ବଡ଼ଦେଉଳ, ଦାଣ୍ଡକୁ ବଡ଼ଦାଣ୍ଡ, ପ୍ରସାଦକୁ ମହାପ୍ରସାଦ ମାନ୍ୟତା ଦିଆଯାଇଛି। ଶ୍ରୀଜଗନ୍ନାଥ, ଶ୍ରୀ ବଳଭଦ୍ର, ମା' ସୁଭଦ୍ରା ଏବଂ ସୁଦର୍ଶନ ପ୍ରଭୁ ଚତୁର୍ଦ୍ଧାମୂର୍ତ୍ତି ରୂପେ ସିଂହାସନରେ ପୂଜା ପାଉଛନ୍ତି। ବଡ଼ ଦେଉଳରେ ଉଡୁଥିବା ପତାକାରେ ସ୍ୱୟଂ ହନୁମାନ ବିରାଜମାନ ହୋଇଛନ୍ତି। ପତାକା ତଳେ ଥିବା ଚକ୍ରକୁ "ନୀଳଚକ୍ର" କୁହାଯାଏ। ବାର ମାସରେ ତେର ପର୍ବ ଏଠାରେ ପାଳିତ ହେଉଥିବା ସହିତ ପ୍ରତ୍ୟହ ଛପନ ଭୋଗ ଲାଗି କରାଯାଇଥାଏ। ତେଣୁ ମହାପ୍ରଭୁଙ୍କୁ "ଛପନଭୋଗୀ" କୁହାଯାଏ। ମହାପ୍ରସାଦକୁ ସେବନ କରୁଥିବା ସମୟରେ ଚଣ୍ଡାଳ ଠାରୁ ବ୍ରାହ୍ମଣ ପର୍ଯ୍ୟନ୍ତ ଜାତିଭେଦ ଭୁଲି ପାତର ଅନ୍ତର ନରଖି ଗ୍ରହଣ କରନ୍ତି। ଯେଉଁଠାରେ ମହାପ୍ରସାଦ ମିଳେ ସେ ସ୍ଥାନକୁ "ଆନନ୍ଦ ବଜାର" କୁହାଯାଏ। ବଡ଼ଦେଉଳରେ ଚାରିଦ୍ୱାର ଅଛି, ପୂର୍ବଦ୍ୱାରକୁ ସିଂହଦ୍ୱାର ବା ଧର୍ମଦ୍ୱାର, ପଶ୍ଚିମଦ୍ୱାରକୁ ବ୍ୟାଘ୍ରଦ୍ୱାର ବା କାମଦ୍ୱାର, ଦକ୍ଷିଣ ଦ୍ୱାରକୁ ଅଶ୍ୱଦ୍ୱାର ବା ଅର୍ଥଦ୍ୱାର ଏବଂ ଉତ୍ତର ଦ୍ୱାରକୁ ହସ୍ତୀଦ୍ୱାର ବା ମୋକ୍ଷଦ୍ୱାର କୁହାଯାଏ। ମନ୍ଦିରର ଉଚ୍ଚତା ୨୧୪'୮ ଫୁଟ ଅଟେ। ମନ୍ଦିରର ସମ୍ମୁଖରେ ଥିବା ଅରୁଣ ସ୍ତମ୍ଭର ଉଚ୍ଚତା ୨୫' ୨ ଫୁଟ ଯାହା କ୍ଲୋରାଇଟ୍ ପଥରରେ ନିର୍ମିତ। ବଡ଼ଦାଣ୍ଡର ଲମ୍ବ ୮୩୨୬ ମିଟର।

ସ୍ନାନପୂର୍ଣ୍ଣିମା ଠାରୁ ଏକ ମାସ ପର୍ଯ୍ୟନ୍ତ ଶ୍ରୀ ଜୀଉମାନଙ୍କର ପୂଜାର୍ଚ୍ଚନା ଶବରମାନେ କରିଥାନ୍ତି। ଆଷାଢ଼ ମାସର ଶୁକ୍ଳ ଚତୁର୍ଥୀ ଠାରୁ ଶ୍ରୀଜୀଉ ରଥଯାତ୍ରା ଅବକାଶରେ ପତିତମାନଙ୍କୁ ଦର୍ଶନ ଦେବାଲାଗି ବଡ଼ ଦାଣ୍ଡର ରାଜରାସ୍ତାକୁ ଓହ୍ଲାଇ ଆସନ୍ତି। ନଅଦିନ ପାଇଁ "ମାଉସୀ ମାଆ" ମନ୍ଦିର ଅର୍ଥାତ୍ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାଇ ରହନ୍ତି। ବଳଭଦ୍ରଙ୍କ ରଥକୁ "ତାଳଧ୍ୱଜ" ରଥ କୁହାଯାଏ। ଏହାକୁ ଦେବତାମାନେ ତାଳବନରେ ପ୍ରଦାନ କରିଥିଲେ। ତହାର ଉଚ୍ଚତା ୩୨ ହାତ ୧୦ ଆଙ୍ଗୁଳି। ୭୬୩ ଖଣ୍ଡ କାଠଦ୍ୱାରା ୧୪ ଚକ ବିଶିଷ୍ଟ ଏହି ରଥ ନିର୍ମିତ। ରଥ ରକ୍ଷକ ସ୍ୱୟଂ ବାସୁଦେବ, ଆୟୁଧ ହଳ ଓ ମୂଷଳ। ସୁଭଦ୍ରାଙ୍କ ରଥର ନାମ "ଦର୍ପଦଳନ"। ଏହାକୁ ଦେବତାମାନେ ପ୍ରଦାନ କରିଥିଲେ। ଏହାର ଉଚ୍ଚତା ୩୧ ହାତ ୫୯୩ ଖଣ୍ଡ କାଠ ଦ୍ୱାରା ୧୨ ଚକ ବିଶିଷ୍ଟ ଏହି ରଥ ନିର୍ମିତ। ରଥ ରକ୍ଷକ ଜୟଦୁର୍ଗା, ଆୟୁଧ ପଦ୍ମକହ୍ଲାର। ଶ୍ରୀଜଗନ୍ନାଥଙ୍କର ରଥ ନାମ "ନନ୍ଦିଘୋଷ"। ଏହାକୁ ଦେବରାଜ ଇନ୍ଦ୍ର ପ୍ରଦାନ କରିଥିଲେ। ଏହାର ଉଚ୍ଚତା ୩୩ ହାତ। ଏହି ରଥ ୮୩୨ ଖଣ୍ଡ କାଠ ୧୩ ଚକ ବିଶିଷ୍ଟ ଅଟେ। ରଥରକ୍ଷକ ସ୍ୱୟଂ ଗରୁଡ଼, ଆୟୁଧ ଶଙ୍ଖ ଓ ଚକ୍ର ଅଟେ।

ଜଗତର ନାଥ ଶ୍ରୀଜଗନ୍ନାଥଙ୍କର ଉତ୍ପତ୍ତି ସମ୍ବନ୍ଧରେ ବିଭିନ୍ନ ଗ୍ରନ୍ଥମାନଙ୍କରେ ଅନେକ କଥା ଲେଖାଯାଇଅଛି। ମାତ୍ର ଉକ୍ତ ଗ୍ରନ୍ଥ ତଥା ମାଦଳାପାଞ୍ଜିକୁ ଓଲଟାଇଲେ ଜଣାଯାଏ ଯେ ସତ୍ୟଯୁଗର କଥା, ରାଜା ଇନ୍ଦ୍ରଦ୍ୟୁମ୍ନ ଅବନ୍ତୀ ନଗ୍ରରେ ଶାସକ ଥିଲେ। ସେ ପରମ ବିଷ୍ଣୁ ଭକ୍ତ ଥିଲେ। ବିଷ୍ଣୁ ମୂର୍ତ୍ତି ପ୍ରତିଷ୍ଠା କରି ତାହାକୁ ପୂଜା କରିବାକୁ ଇଚ୍ଛା କଲେ।

ଠିକ୍ ସେହି ସମୟରେ ନୀଳଗିରିରେ ଭଗବାନ ବିଷ୍ଣୁ "ନୀଳମାଧବ" ରୂପରେ ପୂଜା ପାଉଥିଲେ। ବିଶ୍ୱାବସୁ ପ୍ରତିଦିନ ଏକାନ୍ତ ଭକ୍ତି ନିଷ୍ଠା ଓ ଏକାଗ୍ରତାର ସହିତ ନୀଳମାଧବଙ୍କୁ ପୂଜା କରୁଥିଲେ। ଏହି ସମ୍ବାଦ ପାଇ ରାଜା ଇନ୍ଦ୍ରଦ୍ୟୁମ୍ନ ସେହି ମୂର୍ତ୍ତିକୁ ଖୋଜିବା ପାଇଁ ବିଦ୍ୟାପତି ନାମକ ଜଣେ ବ୍ରାହ୍ମଣକୁ ପଠାଇଲେ।

ବ୍ରାହ୍ମଣ ବିଦ୍ୟାପତି ସମଗ୍ର ରାଜ୍ୟରେ ବୁଲିବୁଲି ଯାଇ ପହଞ୍ଚିଲେ ବିଶ୍ୱାବସୁ ନାମକ ସେହି ଶବର ଘରେ। ବିଦ୍ୟାପତି ବିଶ୍ୱାବସୁଙ୍କ ମନରେ ବିଶ୍ୱାସ ଜନ୍ମାଇ ତାଙ୍କ ଘରେ ରହିଲେ ମାତ୍ର ତାଙ୍କର ଲକ୍ଷ୍ୟ ରହିଲା ନୀଳମାଧବଙ୍କୁ ଦର୍ଶନ କରିବା। ବିଶ୍ୱାବସୁ ନୀଳମାଧବଙ୍କୁ କାହାକୁ ଦେଖାଉ ନଥିଲେ। ନୀଳମାଧବଙ୍କୁ ଜଗିଥିଲେ ଦୁଇଟି ମହାବଳ ବ୍ୟାଘ୍ର। ସେଠାକୁ ଯିବାକୁ ହେଲେ ବହୁ କଣ୍ଟକିତ ପଥ ଅତିକ୍ରମ କରିବାକୁ ପଡିବ। ବହୁ ହିଂସ୍ରଜନ୍ତୁମାନଙ୍କୁ ମୁକାବିଲା କରିବାକୁ ପଡ଼ିବ। ଅଗନାଅଗନୀ ବନସ୍ତ ମଧରେ ଏକ ବଟଦ୍ରୁମ ମୂଳରେ ମହାପ୍ରଭୁ ରହିଛନ୍ତି। ମାତ୍ର ବିଶ୍ୱାବସୁର କନ୍ୟା ଲଳିତା ହିଁ ମହାପ୍ରଭୁଙ୍କର ଅବସ୍ଥିତି ଏବଂ ଗୁପ୍ତପଥ, ନୀତିକ୍ରାନ୍ତି କଥା ଜାଣିଥିଲେ।

ଶବର ରାଜା ବିଶ୍ୱାବସୁ ଲଳିତାଙ୍କୁ ନିଜ ଆତ୍ମାଠାରୁ ଅଧିକ ଭଲ ପାଉଥିଲେ। ସେ କନ୍ୟାର କଥାରେ ହିଁ ବିଦ୍ୟାପତିଙ୍କୁ ତାଙ୍କ ଘରେ ଆଶ୍ରୟ ଦେଲେ। କାଳକ୍ରମେ ବିଦ୍ୟାପତି ବିଶ୍ୱାବସୁଙ୍କ କନ୍ୟା ଲଳିତାଙ୍କୁ ପ୍ରେମରେ ଫଶାଇ ଦେଲେ। ଲଳିତା ଠାରୁ ହିଁ ପରବର୍ତ୍ତୀ ମୁହୂର୍ତ୍ତରେ ବିଦ୍ୟାପତି ଜାଣିପାରିଲେ ଯେ ଶବରରାଜା ବିଶ୍ୱାବସୁ ବିଷ୍ଣୁରୂପ ନୀଳମାଧବଙ୍କୁ ପୂଜା କରୁଛନ୍ତି। ଏହା ଜାଣି ସେ ବହୁତ ଖୁସୀ ହେଲେ। ମନେ ମନେ ଭାବିଲେ ସେ ଆସି ଠିକଣା ସ୍ଥାନରେ ପହଞ୍ଚିଛନ୍ତି। ଉଦ୍ଦେଶ୍ୟ ନିଶ୍ଚୟ ସାର୍ଥକ ହେବ।


ବିଦ୍ୟାପତି କିଛିଦିନ ପରେ ବିଶ୍ୱାବସୁଙ୍କ ମନରେ ବିଶ୍ୱାସ ଜନ୍ମାଇ କୌଶଳକ୍ରମେ ଲଳିତା ସାହାଯ୍ୟରେ ଭଗବାନ ନୀଳମାଧବଙ୍କୁ ଦର୍ଶନ କଲେ। ତାପରେ ସେ ମାଳବ ଦେଶ ଫେରି ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ସବୁକଥା ଜଣାଇଲେ।

ବିଦ୍ୟାପତିଙ୍କଠାରୁ ସମସ୍ତ ଶୁଣି ମହାରାଜା ଖୁସୀ ହୋଇ ବହୁ ସୈନ୍ୟସାମନ୍ତ ଧରି ନୀଳମାଧବ ମୂର୍ତ୍ତି ଆଣିବା ପାଇଁ ନୀଳାଚଳରେ ପହଞ୍ଚିଲେ। ମାତ୍ର ଠିକଣା ସ୍ଥାନରେ ନୀଳମାଧବଙ୍କୁ ଦର୍ଶନ ନପାଇ ଦୁଃଖରେ କାତର ହେଲେ। ତେଣେ ଶବର ରାଜା ମଧ ନୀଳମାଧବଙ୍କୁ ଦର୍ଶନ କରି ନପାରି ପାଗଳ ପ୍ରାୟ ଏଣେତେଣେ ଖୋଜିବାକୁ ଲାଗିଲେ।

ମହାରାଜା ଇନ୍ଦ୍ରଦ୍ୟୁମ୍ନ କାତର ହୋଇ ବିଷ୍ଣୁଙ୍କୁ ଧ୍ୟାନ କରୁଥିବା ସମୟରେ ତାଙ୍କୁ ଶୂନ୍ୟବାଣୀ ହେଲା, "ମହାରାଜା ! ସମୁଦ୍ର କୂଳରେ ବାଙ୍କୀ ନଦୀ ମୁହାଣରେ ତୁମେ ପ୍ରଭାତରେ ଏକ ଦାରୁ ଭାସମାନ ଅବସ୍ଥାରେ ଦେଖିବ। ତାହାକୁ ଆଣି ନିଷ୍ଠାର ସହିତ ବିଗ୍ରହ ନିର୍ମାଣ କରିବ। ସେହି ବିଗ୍ରହରେ ମୁଁ ପ୍ରତ୍ୟକ୍ଷ ବିରାଜମାନ ହୋଇ ଜଗତକୁ ଦର୍ଶନ କରିବି। ତୁମେ ଶୀଳ୍ପୀ ଡାକି ସେହି ଦାରୁରୁ ତିନି ବିଗ୍ରହ ନିର୍ମାଣ କରିବ। ମୋର ନାମ "ଜଗନ୍ନାଥ", ଅନ୍ୟ ଏକ ବିଗ୍ରହ (ମୋର ଜ୍ୟେଷ୍ଠଭ୍ରାତା)ର ନାମ "ବଳଭଦ୍ର" ଏବଂ ଅନ୍ୟ ଏକ ବିଗ୍ରହ (ଆମ ଭଉଣୀ) ର ନାମ "ଶୁଭଦ୍ରା" ଦେବୀ। ଆମେ ବ୍ରହ୍ମା ବିଷ୍ଣୁ ମହେଶ୍ୱର। ଏହି ବିଗ୍ରହରେ ତିନି ଭାଇ ଭଉଣୀ ହୋଇ ରହିବୁ। ମାତ୍ର ମନେରଖ ତୁମେ ଏହି ବିଗ୍ରହ ତିଆରି ପାଇଁ ବିଷ୍ଣୁ ପୂଜକ ଶିଳ୍ପୀଦ୍ୱାରା ଏକୋଇଶି ଦିନରେ ସମାପ୍ତ କରିବ। ବିଗ୍ରହ ପୂର୍ଣ୍ଣ ନିର୍ମାଣ ନ ହେବାଯାଏ ଏକଥା କାହାରିକୁ କହିବ ନାହିଁ।"

ସ୍ୱପ୍ନାଦେଶ ପାଇ ରାଜା ଇନ୍ଦ୍ରଦ୍ୟୁମ୍ନ ତା'ପର ଦିନ ପ୍ରଭାତରେ ବାଙ୍କୀ ମୁହାଣକୁ ଯାଇ ଭାସମାନ ଦାରୁକୁ ଦେଖି ଅତ୍ୟନ୍ତ ଖୁସୀ ହେଲେ। ଦୈବୀବାଣୀ ଅନୁଯାଇ ଦାରୁରେ ମୂର୍ତ୍ତି ନିର୍ମାଣ ପାଇଁ ବହୁତ ଶିଳ୍ପୀ ଡକାଇଲେ।ଯେତେ ଶିଳ୍ପୀ ଆସିଲେ କେହି ବିଗ୍ରହ ନିର୍ମାଣ କରିପାରିଲେ ନାହିଁ। ଶେଷରେ କିଛିଦିନ ପରେ ଜଣେ ବୁଢା ଶିଳ୍ପୀ ଆସିଲେ। ସେ ୨୧ ଦିନରେ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଶେଷ କରିବେ ବୋଲି କହିଲେ। କିନ୍ତୁ ସେ ସର୍ତ୍ତ ରଖିଲେ ଯେ ସେ ଏକା ହିଁ ନିର୍ମାଣ କରିବେ। ଏକୋଇଶି ଦିନ ପରେ ରାଜା ଦ୍ୱାର ଖୋଲିବେ। ତା ପୂର୍ବରୁ କେହି ଦ୍ୱାର ଖୋଲିବେ ନାହିଁ। ମୁଁ ଏକୋଇଶ ଦିନ ପର୍ଯ୍ୟନ୍ତ କିଛି ଭୋଜନ କରିବି ନାହିଁ। ରାଜା ତାହାକୁ ବିଶ୍ୱାସ କରି ଏହା ଭଗବାନଙ୍କର ଇଚ୍ଛା ଭାବି ତାଙ୍କ କଥାରେ ସମ୍ମତି ହେଲେ।ତାପରେ ବୁଢ଼ାଶିଳ୍ପୀ ଆବଦ୍ଧ ଗୃହ ମଧରେ ପଶି ଦାରୁରୁ ବିଗ୍ରହ ନିର୍ମାଣ କରିବାରେ ଲାଗିଲେ। ରାଣୀ ଗୁଣ୍ଡିଚା ପ୍ରତିଦିନ କବାଟ ପାଖରେ କାନଡେରି ଶିଳ୍ପୀର ଠକ୍ ଠକ୍ ଶବ୍ଦ ଶୁଣି ଫେରି ଆସୁଥିଲେ। ଏହିପରି ଦିନପରେ ଦିନ ଅତିବାହିତ ହେବାକୁ ଲାଗିଲା। ଚାରିଆଡ଼େ ଆନନ୍ଦର ଲହରୀ ଖେଳି ଯାଇଥାଏ।

ମାତ୍ର ପନ୍ଦରଦିନ ସକାଳେ ରାଣୀ କବାଟ ପାଖରୁ କୌଣସି ଶବ୍ଦ ନ ଶୁଣି ରାଜାଙ୍କୁ ବିକଳ ହୋଇ କାକୁତି ମିନତି କରି କବାଟ ଖୋଲିବାକୁ କୁହନ୍ତେ ତାଙ୍କ କଥାରେ ପଡି ରାଜା ଇନ୍ଦ୍ରଦ୍ୟୁମ୍ନ କବାଟ ଖୋଲିଦେଲେ।



ମାତ୍ର ଏ କି ଆଶ୍ଚର୍ଯ୍ୟ, ସେ ସମୟରେ ସେ ଘରେ ଶିଳ୍ପୀ ନଥିଲେ କିନ୍ତୁ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଏବଂ ଦେବୀ ଶୁଭଦ୍ରା ମୂର୍ତ୍ତିଗୁଡ଼ିକ ଅର୍ଦ୍ଧନିର୍ମିତ ଅବସ୍ଥାରେ ଗଢ଼ା ହୋଇଛନ୍ତି। ଏହା ଦେଖି ମହାରାଜା ଇନ୍ଦ୍ରଦ୍ୟୁମ୍ନ ଦୁଃଖରେ ଅଧୈର୍ଯ୍ୟ ହୋଇ କାନ୍ଦିବାକୁ ଲାଗିଲେ, ମାତ୍ର ଦୈବୀବାଣୀ ହେଲା- "ରାଜା ! ତୁମେ ବ୍ୟସ୍ତ ହୁଅ ନାହିଁ। ମୁଁ ମୋ ଇଚ୍ଛାରେ ହିଁ ଏହା ଭିଆଇଛି। ଏହା ମୋର ଲୀଳା। ସେ ଶିଳ୍ପୀ ଆଉ କେହି ନୁହେଁ, ମୁଁ ସ୍ୱୟଂ ଶିଳ୍ପୀ ରୂପରେ ହିଁ ଆସିଥିଲି। ଏ କଳି ଯୁଗରେ ମୁଁ ଏହି ଦାରୁବ୍ରହ୍ମ ରୂପରେ ହିଁ ପୂଜା ପାଇବି। ଏହା ମୋର ଇଚ୍ଛା। ତୁମେ ଏକ ମନ୍ଦିର କରି ସେଥିରେ ଏହି ବିଗ୍ରହଙ୍କୁ ରଖି ବିଧି ବିଧାନର ସହିତ ପୂଜା ଆୟୋଜନ କର।"

ତାହା ହିଁ ହେଲା। ଦୈବୀବାଣୀ ଅନୁଯାଇ ମହାରାଜା ଆନନ୍ଦିତ ହୋଇ ଏକାନ୍ତ ଭକ୍ତିର ସହିତ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଇଲେ।

ମନ୍ଦିର ନିର୍ମାଣ ପରେ ତିନିମୂର୍ତ୍ତିଙ୍କୁ ସ୍ଥାପନ କରିବା ପାଇଁ ରାଜା ମନସ୍ଥ କଲେ। ଏହି ମନ୍ଦିର ଶଙ୍ଖନାଭି ମଣ୍ଡଳ ଉପରେ ନିର୍ମିତ ହୋଇଥିଲା। ମନ୍ଦିର ପ୍ରତିଷ୍ଠା ପାଇଁ ରାଜା ଇନ୍ଦ୍ରଦ୍ୟୁମ୍ନ ବ୍ରହ୍ମାଙ୍କ ପାଖକୁ ଗଲେ। ଗଲେ ଯେ ଆଉ ଫେରିଲେ ନାହିଁ।

ଏହା ମଧରେ ବହୁତ ବର୍ଷ ବିତିଗଲା। କେତେ ସହସ୍ର ବର୍ଷ ବିତିଯାଇଛି ତାହାର କିଛି ହିସାବ ନାହିଁ। ଏ ରହସ୍ୟ ମଧ ସୁପ୍ତପ୍ରାୟ ହୋଇଗଲା। ସେତେବେଳକୁ ମନ୍ଦିରଟି ସମ୍ପୂର୍ଣ୍ଣ ବାଲି ଭିତରେ ପୋତି ହୋଇ ଯାଇଥାଏ।

ଗାଲମାଧବ ନାମକ ଜଣେ ରାଜା ସମୁଦ୍ର କୂଳରେ ବୁଲୁଥିବା ସମୟରେ ସେଠାରେ ପହଞ୍ଚିଲେ। ଘୋଡ଼ାର ଟାପୁରେ ବାଲିରେ ଥିବା ମନ୍ଦିରର ଅଗ୍ରଭାଗ ଦେଖିବାରୁ ସେ ସୈନ୍ୟସାମନ୍ତ ଲଗାଇ ବାଲିକୁ ଖୋଲି ସ୍ୱର୍ଣ୍ଣ ମନ୍ଦିର ବାହାର କଲେ।ଇନ୍ଦ୍ରଦ୍ୟୁମ୍ନ ରାଜା ଫେରିଲା ବେଳକୁ ଗାଲମାଧବ ସେହି ମନ୍ଦିରର ସର୍ବେସର୍ବା ବୋଲି ଯୁକ୍ତି କଲେ। ପରେ ଦୁଇ ରାଜାଙ୍କ ମଧରେ ଆରମ୍ଭ ହେଲା ବିଦ୍ରୋହ। ଶେଷରେ ଇନ୍ଦ୍ରଦ୍ୟୁମ୍ନ ପୋଖରୀରେ ଥିବା କଇଁଚ ଚତୁର୍ଭୁଜ କାଉଙ୍କୁ ସାକ୍ଷୀରଖି ପଚାରିବାରୁ କଇଁଚ ଏବଂ ସେମାନେ ଇନ୍ଦ୍ରଦ୍ୟୁମ୍ନଙ୍କ ସପକ୍ଷରେ ମତ ଦେଲେ। ଶେଷରେ ମହାରାଜା ଇନ୍ଦ୍ରଦ୍ୟୁମ୍ନ ବ୍ରହ୍ମାଙ୍କ ଦ୍ୱାରା ମନ୍ଦିରରେ ତିନି ବିଗ୍ରହଙ୍କୁ ପ୍ରତିଷ୍ଠା କରାଇଲେ।

ଖ୍ରୀ:ଅ: ନବମ ଶତାବ୍ଦୀରେ ଓଡ଼ିଶାର ସୋମବଂଶୀୟ ରାଜା ଯଯାତି କେଶରୀ ଜଗନ୍ନାଥଙ୍କ ପାଇଁ ଏକ ସୁନ୍ଦର ମନ୍ଦିରଟିଏ ନିର୍ମାଣ କଲେ। ମାତ୍ର ସମୁଦ୍ର କୂଳରେ ତାହା ଅବସ୍ଥିତ ଥିବାରୁ ଲୁଣିପାଣି ପାଇ କିଛି ବର୍ଷ ପରେ ତାହା ପ୍ରାୟତଃ ନଷ୍ଟ ହୋଇଗଲା। କିନ୍ତୁ ଦ୍ୱାଦଶ ଶତାବ୍ଦୀରେ ଓଡ଼ିଶାର ବଙ୍ଗବଂଶୀୟ ରାଜା ଚୋଡ଼ଗଙ୍ଗଦେବ ଏହି ମନ୍ଦିର ନିର୍ମାଣ କରିଥିଲେ। କିମ୍ବଦନ୍ତୀ ଅନୁସାରେ ରାଘବ ଦେବଙ୍କ ତାମ୍ର ଶାସନର କିମ୍ବଦନ୍ତୀରୁ ଏକ ଶ୍ଳୋକରେ ଲେଖାଅଛି-

ପାଦୌ ଯସ୍ୟ ଧରାନ୍ତରୀକ୍ଷମଖିଳଂ ନାଭିର୍ଣ୍ଣେ ସର୍ବାଦିଶଃ।
ଶ୍ରୋତ୍ରେ ନେତ୍ରଯୁଗଂ ରବୀନ୍ଦ୍ରଯୁଗଳଂ ମୂର୍ଦ୍ଧାପି ଚ ଦ୍ୟୌରସୌ ॥
ପ୍ରାସାଦଂ ପୁରୁଷୋତ୍ତମସ୍ୟ ନୃପତିଃ କୋ ନାମ କର୍ତ୍ତୁଂ କ୍ଷମଃ।
ତସ୍ୟୈତ୍ୟାଦିନୃପୈରୁ ପେକ୍ଷିତମୟଂ ଚକ୍ରେଽଥଗଙ୍ଗେଶ୍ୱରଃ ॥

ମହାରାଜା ଚୋଡ଼ଗଙ୍ଗଦେବ ଦଶଲକ୍ଷମାଢ ସୁନା ମୋହର ଦେଇ ଏହି ମନ୍ଦିର ନିର୍ମାଣ କରିଥିବାର ଉକ୍ତି ଅଛି। ଏ ପ୍ରସଙ୍ଗରେ ମାଦଳାପାଞ୍ଜିରେ ଲେଖାଅଛି।

"ଏଥକୁ ଠାକୁରେ (ରାଜା ଚୋଡ଼ଗଙ୍ଗଦେବ) ଆଜ୍ଞା ଦେଲେ, ଏମନ୍ତକୁ ଶିଳ୍ପଶାସ୍ତମାନ ଦେଖ। କେଉଁ ପ୍ରସାଦ ହେଲେ ବିଷ୍ଣୁଯୋଗ୍ୟ, ଏଥକୁ ଭଟ୍ଟ ମିଶ୍ରମାନେ କହିଲେ, ପ୍ରାସାଦ ଯେ ଛତିଶ ପ୍ରକାରେ, ଏଥକୁ କୋଡ଼ିଏ ପ୍ରକାରେ ପ୍ରାସାଦ ଶ୍ରେଷ୍ଠ। ଏଥି ଭିତରୁ ଶ୍ରୀବସ୍ତ୍ର ଖଣ୍ଡଶାଳ ହୋଇ ଯେଉଁ ପ୍ରାସାଦ ସେ ପ୍ରାସାଦ ହରିର ବଡ଼ ପ୍ରିୟ, ଏହା ଶୁଣି ରାଜାଏ ଆଜ୍ଞା ଦେଲେ ଏହି ପ୍ରାସାଦ ଉଚ୍ଚ କରାଇବା। ଏଥକୁ ଦେଉଳ ତୋଳାକୁ ଦେଲେ .... ସୁନା ଦଶ ଲକ୍ଷ ମାଢ।"

ରାଜ୍ୟ ଶିକ୍ଷା ଅଧିକାର ଅଧିକାରୀ,
ସଂସ୍କୃତି ସଂଯୋଜକ, କାର୍ଯ୍ୟନିର୍ବାହୀ ସଦସ୍ୟ,
ଓଡ଼ିଆ ଭାଷା ପ୍ରତିଷ୍ଠାନ,
ଭୁବନେଶ୍ୱର,
ପ୍ରତିଷ୍ଠାତା ସଂପାଦକ "ଫୁଲର ହସ"
ମୁଖ୍ୟସମ୍ପାଦକ- "କଳିଙ୍ଗ ସମାଜ"

# ଓଡ଼ିଶାର ଜଗନ୍ନାଥ କେନ୍ଦ୍ରିକ ଭାଗବତ ଧର୍ମ



**ଦେବରାଜ ପଟ୍ଟନାୟକ**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଅବସରରେ ଓଡ଼ିଶାର ଜଗନ୍ନାଥ କେନ୍ଦ୍ରିକ ଭାଗବତ ଧର୍ମ ଉପରେ ସମ୍ୟକ ଆଲୋଚନା ଉପସ୍ଥାପନ କରୁଛୁ। ଆମେ ଜାଣିଛେ ମଣିଷ ଜ୍ଞାନେନ୍ଦ୍ରିୟ ଦ୍ୱାରା ଜାଣିଥାଏ ଓ କର୍ମେନ୍ଦ୍ରିୟ ଦ୍ୱାରା କର୍ମ ସାଧନ କରିଥାଏ। ସମସ୍ତ ଜାଗତିକ ବସ୍ତୁକୁ ଅନୁଭବରେ ଆଣିବା ପାଇଁ ଜ୍ଞାନେନ୍ଦ୍ରିୟ ଗୁଡ଼ିକୁ ସାଧନ ଭାବରେ ବ୍ୟବହାର କରାଯାଏ। କିନ୍ତୁ ଏପରି କେତେ ଗୁଡ଼ିକ ବସ୍ତୁ ଅଛନ୍ତି, ଯେଉଁ ଗୁଡ଼ିକୁ ଜାଣିବାରେ ଏହି ଇନ୍ଦ୍ରିୟ ଗୁଡ଼ିକ ସହାୟକ ହୋଇପାରନ୍ତି ନାହିଁ। ସେଗୁଡ଼ିକୁ ଜାଣିବା ପାଇଁ ଖାସ ମନର ହିଁ ସହାୟତା ଦରକାର ପଡ଼େ। ତେଣୁ ଇଚ୍ଛା, ଦ୍ୱେଷ ଓ ପ୍ରଯତ୍ନ ଭଳି କେତେ ଗୁଡ଼ିଏ କ୍ରିୟାକଳାପ ଅଛି, ଯାହାକି କେବଳ ଆତ୍ମା ମନ ଦ୍ୱାରା ହିଁ ସଂପାଦିତ କରିବାକୁ ପଡ଼ିଥାଏ। ଅନ୍ୟ ଇନ୍ଦ୍ରିୟଗୁଡ଼ିକ ସେଥିରେ କୌଣସି ଭୂମିକା ଗ୍ରହଣ କରିପାରନ୍ତି ନାହିଁ। ଯେଉଁଠି ମନ କେତେକ ବସ୍ତୁ ଜାଣିବାରେ ସହାୟକତା କରିପାରେ ନାହିଁ ସେଠାରେ ଯୁକ୍ତିତର୍କ ଜରିଆରେ ସେ ବସ୍ତୁଗୁଡ଼ିକ ଜାଣିବାକୁ ହୋଇଥାଏ। ଯୁକ୍ତିତର୍କକୁ ସଫଳତାର ସହିତ ଠିକ ଭାବରେ ସଜାଇବାରେ ବୁଦ୍ଧିର ଭୂମିକା ଅନସ୍ୱୀକାର୍ଯ୍ୟ। ତେଣୁ ସଂସାରର ସବୁ ପ୍ରକାର ବିଷୟ ବସ୍ତୁକୁ ଜାଣିବା ପାଇଁ ଇନ୍ଦ୍ରିୟ, ମନ ଓ ବୁଦ୍ଧିର ଉପାଦେୟତା ଥାଏ।

ଭଗବାନ ମଣିଷକୁ ଯାହା ଯେତେବେଳେ ଦିଅନ୍ତି, ସେଗୁଡ଼ିକ ସବୁ ମଣିଷ ପ୍ରତି ଭଗବାନଙ୍କର ବରଦାନ। ଭଗବାନ ମଣିଷକୁ ଯେତେ ବର ଦିଅନ୍ତି, ସେଗୁଡ଼ିକ ମଧ୍ୟରେ ଭଗବାନଙ୍କ ପ୍ରତି ଅହେତୁକୀ ଭକ୍ତି ଉଦ୍ରେକ କରିବା ପାଇଁ ଯେପରି ଅନୁକୂଳ ହୃଦୟ ଦିଅନ୍ତି ତାହା ସବୁଠାରୁ ବଡ଼ ବରଦାନ। ମଣିଷଠାରେ ହୃଦୟ ଅଛି। ହୃଦୟ ଦ୍ୱାରା ଅନୁଭବ ହୁଏ। କିନ୍ତୁ ସବୁ ପଦାର୍ଥର ଅନୁଭବ ଠାରୁ ଭଗବାନ ବିଷୟକ ଅନୁଭବ ପୃଥକ ତାହା ସ୍ୱାଭାବିକ। ସ୍ୱାନୁଭ୍ଭ ନିମନ୍ତେ ହୃଦୟକୁ ପ୍ରସ୍ତୁତ କରିବାରେ ବ୍ୟକ୍ତିଗତ ଉଦ୍ୟମ ସ୍ୱରୂପ ତ୍ୟାଗ, ତପସ୍ୟା, ଶୁଦ୍ଧପୂତ ଜୀବନଯାପନର ଯେତିକି ଆବଶ୍ୟକତା ରହିଛି ଭଗବତ କୃପାର ସେତିକି ପ୍ରୟୋଜନ ଅଛି। ତ୍ୟାଗ ତପସ୍ୟା ରୂପକ କ୍ରିୟା କଳାପ ଦ୍ୱାରା ଉଦ୍ରେକ ହେଉଥିବା ଆତ୍ମ ନିବେଦନ ଅର୍ଥାତ୍ ଶରଣାଗତି ରୂପକ ପ୍ରପତ୍ତି ଅବସ୍ଥା ଆସିବା ହେଉଛି ତ୍ୟାଗ ଓ ତପସ୍ୟାର ଚରମ ପରିଣତି ଏବଂ ଏହି ଅବସ୍ଥାକୁ ଭଗବାନ କୃପା ପ୍ରଦର୍ଶନ କରି ଆବୋରି ନେବା ହେଉଛି ଅନୁକୂଳ ହୃଦୟର ଉତ୍କୃଷ୍ଟ ଅବତରଣିକା। ଠିକ ଏତିକି ବେଳେ ଭଗବାନଙ୍କ ପ୍ରତି ଯେଉଁ ଅହେତୁକ। ଭକ୍ତି ଆସେ ତାହାଦ୍ୱାରା ଭଗବାନଙ୍କ



ବ୍ୟତୀତ ଭକ୍ତ ଆଉ କାହାକୁ ଶ୍ରେୟ ବୋଲି ଜାଣିପାରେ ନାହିଁ, ଠିକ ସେହି ଅବସ୍ଥା ହେଉଛି ଭଗବତ ପ୍ରାପ୍ତି ଅବସ୍ଥା। ଏହି କ୍ଷେତ୍ରରେ ନିଜେ ଭଗବାନ ଭଗବତ ପ୍ରାପ୍ତିର କାରଣ ଓ କାର୍ଯ୍ୟ ହୋଇଥାନ୍ତି। କାର୍ଯ୍ୟ ଓ କାରଣର ଏକାକାର ଅବସ୍ଥାକୁ ତଦାକାରାକାରିତ ଅବସ୍ଥା ବେଦାନ୍ତ ଦର୍ଶନରେ କୁହାଯାଏ। ଭକ୍ତର ଏତାଦୃଶ ଧର୍ମକୁ ଭାଗବତ ଧର୍ମ କୁହାଯାଏ।

ଭଗବାନଙ୍କ ଠାରେ ଲୀନ ହେବା ଅପେକ୍ଷା ଭଗବତ ସାନ୍ନିଧ ଲାଭ ଅଧିକ ଶ୍ରେୟସ୍କର ହୋଇଥିବାରୁ ସାଯୁଜ୍ୟ ମୁକ୍ତି ଅପେକ୍ଷା ଭକ୍ତିବାଦରେ ସାଲୋକ୍ୟ ମୁକ୍ତିର ପ୍ରାଧାନ୍ୟକୁ ଅଙ୍ଗୀକାର କରାଯାଇଛି। ସାଲୋକ୍ୟ ମୁକ୍ତିଲାଭ କରିଥିବା ଭକ୍ତ ଭଗବାନଙ୍କ ସହିତ ଏକ ସ୍ଥାନରେ ଅବସ୍ଥାନ କରେ। ଜଗନ୍ନାଥଙ୍କୁ ପରମ ପ୍ରେମମୟ ଭଗବାନ ଦୃଷ୍ଟିରେ ଗ୍ରହଣ କରି ତାଙ୍କ ସହିତ ଏକତ୍ର ନିବାସ କରି ରହିବା ପ୍ରତ୍ୟେକ ଜଗନ୍ନାଥ ପ୍ରେମୀଙ୍କର ପରମ ଅଭିଳାଷ। ଭଗବାନ ଯେଉଁଠି ନିତ୍ୟ ନିରନ୍ତର ଅବସ୍ଥାନ କରନ୍ତି ସେ ସ୍ଥାନଟି ଗୋଲକଧାମ ବା ବୈକୁଣ୍ଠଧାମ। ଭଗବାନ ଶ୍ରୀଜଗନ୍ନାଥଙ୍କର ନିତ୍ୟ ଲୀଳାକ୍ଷେତ୍ର ପୁରୁଷୋତ୍ତମ ଧାମକୁ ଏହି ପରିପ୍ରେକ୍ଷୀରେ ମର୍ତ୍ତ୍ୟ ବୈକୁଣ୍ଠ ଭାବରେ ଗ୍ରହଣ କାରାଯାଇଛି। ଏଠାରେ ଅବସ୍ଥାନ କରି ରହିବା ନିମନ୍ତେ ଭକ୍ତ ଜଗନ୍ନାଥଙ୍କ କୃପା ଉପରେ ନିର୍ଭର କରିଥାଏ। ତେଣୁ କୁହାଯାଏ ଜଗନ୍ନାଥ ଇଛା ନକଲେ ପୁରୀରେ ଖଣ୍ଡିଏ ବାସ ମିଳେନାହିଁ। ମର୍ତ୍ତ୍ୟ ବୈକୁଣ୍ଠ ରୂପକ ପୁରୁଷୋତ୍ତମ ଧାମରେ ଅବସ୍ଥାନ କରିବାର ଅର୍ଥ ସାଲୋକ୍ୟ ମୁକ୍ତି ଲାଭ କରିବା। ଏହି ଅଭିଳାଷରେ ପୁରୀରେ ଦେହ ତ୍ୟାଗ କରିବା କେତେ ପୁଣ୍ୟର ଫଳ ବୋଲି ଗଣ୍ୟ କରାଯାଏ। ଏହି ଆଶା ନେଇ କେତେ ଦୂର ଦୂରାନ୍ତରେ ଦେହତ୍ୟାଗ କରିଥିଲେ ମଧ ସ୍ୱର୍ଗଦ୍ୱାରରେ ଅନ୍ତେଷ୍ଟି ସଂସ୍କାର କରିବା ପାଇଁ ଲୋକେ ଧାଇଁ ଆସନ୍ତି। କାରଣ ଏହି ଠାରେ ଦେହତ୍ୟାଗ ଓ ଶବଦାହ ଦ୍ୱାରା ଜୀବର ସାଲୋକ୍ୟ ମୁକ୍ତି ହୁଏ। ଓଡ଼ିଶାରେ ଭାଗବତ ଧର୍ମର ପରମ ପ୍ରତୀକ ଭକ୍ତ ଜଗନ୍ନାଥଙ୍କ ଶରଣାଗତ ହୋଇ ଗାଇଛନ୍ତି - 'ଜଗନ୍ନାଥ ! କିଛି ମାଗୁ ନାହିଁ ତୋତେ। ଧନ ମାଗୁନାହିଁ, ଜନ ମାଗୁନାହିଁ, ମାଗୁଛି ଶରଧା ବାଲିରୁ ହାତେ।'' ଓଡ଼ିଶାରେ ଜଗନ୍ନାଥ କୈନ୍ଦ୍ରିକ ଭାଗବତ ଧର୍ମର ଏହା ଏକ ସଫଳ ନିଦର୍ଶନ କହିଲେ ଅତ୍ୟୁକ୍ତି ହେବନାହିଁ।

ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟ, ମିଶନ ରୋଡ଼, ବକ୍ସି ବଜାର, କଟକ,
ମୋ : ୯୮୬୧୧୮୭୨୧୨

ଯଦ୍‌ଗତ୍ୱା ନନିବର୍ତ୍ତନ୍ତେ ତଦ୍‌ଧାମ ପରମଂ ମମଃ'

# ମାନବୀୟ ଯାତ୍ରାପଥେ ଘୋଷଯାତ୍ରା...





**ଡଃ.ଅରୁନ୍ଧତୀ ଦେବୀ**

'ମୋକ୍ଷଣଂ ସର୍ବପାପାନାଂ ଦାରଣଂ ସକଳାପଦାମ୍। ବିଭୂତିନାଂ ବିସରଣଂ ବରଣଂ ସର୍ବଯୋଗୀନାମ୍।। ଭରଣଂ ସର୍ବଜନ୍ତୁନାଂ ଧରଣଂ ଜଗତାମପି। ଭୀଷଣଂ ସର୍ବ ଭାଷାଣାଂ ଦୂଷଣଂ ସର୍ବଦୁଷ୍ଟତାମ୍।। ଶୋଷଣଂ ସର୍ବପଙ୍କାନାଂ ନୀଳାଦ୍ରି-ଶରଣଂ ହରିମ୍।।' ଜଗନ୍ନାଥ ମହାପ୍ରଭୁଙ୍କର ଘୋଷ ଯାତ୍ରା ଯୋଗୀମାନଙ୍କ ଯାତ୍ରାର ପ୍ରତୀକ ଅଟେ । ମହାପ୍ରଭୁଙ୍କର ଘୋଷଯାତ୍ରାର ଉଦ୍‌ଘୋଷଣ ହେଉଛି ଦୈବୀଲୀଳା ସହିତ ମାନବୀୟ ଅପୂର୍ବଲୀଳାର ସମାବେଶ । ପ୍ରତ୍ୟେକ ଧର୍ମ ସମ୍ପ୍ରଦାୟ ମହାପ୍ରଭୁଙ୍କ ଠାରୁ ନିଜ ଇଚ୍ଛା ମାଫିକ୍ ପ୍ରେରଣାଲାଭ କରନ୍ତି । ସେହିପରି ମହାପ୍ରଭୁଙ୍କର ପ୍ରତିଟି ଲୀଳା ଭିତରେ କିଛିନା କିଛି ଅନ୍ତର୍ନିହିତ ଭାବ ଲୁଚିରହିଥାଏ । ଯେ ପରି ଘୋଷଯାତ୍ରା । ମହାପ୍ରଭୁଙ୍କର ରଥଯାତ୍ରା ସାଧାରଣ ଯାତ୍ରାନୁହେଁ, ଏହା ହେଉଛି ଜୀବନର ଯାତ୍ରା; ଘୋଷଯାତ୍ରା । ଶରୀର ରୂପକ ରଥର ସାରଥି ରୂପରେ ଯାହାଙ୍କୁ ନିର୍ବାଚିତ କଲେ ସେ ନିର୍ବିଘ୍ନରେ ରଥକୁ ଲକ୍ଷସ୍ଥଳରେ ପହଞ୍ଚାଇ ପାରିବେ ତାଙ୍କୁ ହିଁ ପ୍ରକୃତ ସାରଥିରୂପରେ ନିର୍ବାଚିତ କରିବା ଉଚିତ ।

ପ୍ରଥମେ ଜୀବନରେ ଜଣେ ସ୍ଥୂଳ ଶରୀର ଧାରୀ ଗୁରୁଙ୍କୁ ଗ୍ରହଣ କର । ତାଙ୍କ ଆଦେଶରେ ଚଳିବା ପାଇଁ ଦୃଢ଼ ପ୍ରତିଜ୍ଞାବଦ୍ଧ ହୁଅ । ତୁମର ଜୀବନର ଅତୀତ ଘଟଣାବଳୀକୁ ପାଶୋରିଦିଅ । ନୂତନ ଭାବେ ଜୀବନ ଶୈଳୀକୁ ପରିବର୍ତ୍ତନ କରିବାକୁ ଚେଷ୍ଟାକର । ପୁରାତନ ଜୀବନର ଅଭ୍ୟାସକୁ ବଦଳାଇ ଦୈନନ୍ଦିନ ଜୀବନର ତାଲିକା ପ୍ରସ୍ତୁତକର । ଗୁରୁ ନିର୍ଦ୍ଦିଷ୍ଟ ମନ୍ତ୍ରଜପକର, କିଛି ଆସନ, ପ୍ରାଣାୟାମକର । ଏହିପରି କିଛି ଦିନ କରିବାଦ୍ୱାରା ତୁମର ସଂସ୍କାରରେ ପରିବର୍ତ୍ତନ ଆସିବ । ଏହି ସଂସ୍କାର କିଛିଦିନ ପରେ ଚରିତ୍ରରେ ରୂପାୟିତ ହେବ । ଚରିତ୍ର ପୁନର୍ବାର ଅଭ୍ୟସ୍ତହେଲେ ତାହା ଚରିତରେ ପରିଣତ ହେବ । ପ୍ରଥମେ ପ୍ରବର୍ତ୍ତକ ଭାବରେ ଜୀବନଯାପନ କରିବ । ନିୟମାନୁବର୍ତ୍ତୀ ହେବ।

ମହାପ୍ରଭୁ ଶ୍ରୀ ଗୁଣ୍ଡିଚା ମନ୍ଦିରରେ ରତ୍ନସିଂହାସନରେ ବିରାଜମାନ କରନ୍ତି । ସେହିପରି ପ୍ରତ୍ୟେକଙ୍କ ଅନ୍ତରବେଦୀର ମହାପ୍ରଭୁ ବିରାଜିତ । ତାଙ୍କୁ ଭେଟିବା ପାଇଁ ଉପଯୁକ୍ତ ସାଧନାର ଆବଶ୍ୟକତା ରହିଛି । ସିଦ୍ଧାସନ ବା ପଦ୍ମାସନରେ ବସି ଦୁଇ ହାତର ବୃଦ୍ଧାଙ୍ଗୁଳିରେ ଦୁଇ କର୍ଣ୍ଣ ଏବଂ ତର୍ଜନୀରେ ଦୁଇ ଚକ୍ଷୁକୁ ବନ୍ଦକର । ନିଃଶ୍ୱାସ ପ୍ରଶ୍ୱାସର ଗତି ଯେପରି ସମାନ ପୁଡ଼ାରେ ଯାଉଛି ତାକୁ ଲକ୍ଷକର । ଏହିପରି କିଛି ଦିନ କଲାପରେ ତୁମେ ଆଜ୍ଞା ଚକ୍ରରେ ଜ୍ୟୋତି ଦର୍ଶନ କରିବା ସହିତ ଅନାହତ ଧ୍ୱନୀ ଶ୍ରବଣ କରିପାରିବ । ସେ ଜ୍ୟୋତି ଓ ଧ୍ୱନୀ ତୁମ ଭିତରେ ଥିବା ଆତ୍ମା ବା ଅନ୍ତର୍ଯ୍ୟାମୀଙ୍କର ଅଟେ । ଏହିପରି କିଛି ଦିନ ଅଭ୍ୟାସ କଲେ ତୁମେ ତାଙ୍କର ଦର୍ଶନ ଓ ବାଣୀ ଶୁଣିପାରିବ । ସେହି ପ୍ରକୃତରେ ଶରୀରର ମାଲିକ । ସେତେବେଳେ ତୁମର ମନ ଆଜ୍ଞା ଚକ୍ରରେ ସ୍ଥିର ହେଲେ ସପ୍ତର୍ଷି ସଦୃଶ ଦୁଇ ଚକ୍ଷୁ, ଦୁଇ କର୍ଣ୍ଣପୁଟ, ଦୁଇ ନାସାଦ୍ୱାର ଏବଂ ଜିହ୍ୱା, ଅନ୍ତର୍ମୁଖି ହୋଇ ଚକ୍ଷୁ ଜ୍ୟୋତି ଦର୍ଶନ, କର୍ଣ୍ଣ ନାଦଶ୍ରବଣ ନାସା ଦିବ୍ୟଗନ୍ଧ ଆଘ୍ରାଣ, ଓ ଜିହ୍ୱାବ୍ରହ୍ମରନ୍ଧ୍ରରୁ ନିର୍ଗତ ଅମୃତ ଆସ୍ୱାଦନରେ ମଜ୍ଜିଯିବ । ଏଠାରେ ମନ ରାଧା, ଏମାନେ ଗୋପୀସଦୃଶ । ଏହି ଗୋପୀମାନେ ପ୍ରାଣକୃଷ୍ଣଙ୍କ ସହିତ ମନରୂପୀ ରାଧାଙ୍କୁ ନେଇ ମିଳିତ କରି ଆନନ୍ଦରେ ମଜ୍ଜିଯିବେ । ଏହି ରାଧାକୃଷ୍ଣ ଏକ ବାହାରେ ଦୁଇ ସେହି ଏକ ଦୁଇ ଦଳ ହୋଇ ପ୍ରକୃତି ପୁରୁଷ ଭଳି ଜଣାପଡୁଥିଲେ ବର୍ତ୍ତମାନ ଏହି ପ୍ରାଣକୃଷ୍ଣ ତୁମର ଏ ରଥର ସାରଥି ହୋଇଯିବେ । ତାଙ୍କ ଉପରେ ସମ୍ପୂର୍ଣ୍ଣ ନିର୍ଭର କରି ତୁମର ଇଚ୍ଛାକୁ ତାଙ୍କ ଇଚ୍ଛା ସହିତ ମିଳାଇଦେବ । ଏହି ରାଧା-କୃଷ୍ଣ ବାହାରେ ଭିନ୍ନ ଭିନ୍ନ ଲାଗୁଥିଲେ ହେଁ ବାସ୍ତବରେ ଏକ । ମନ ଏଠାରେ ରାଧା । ଇନ୍ଦ୍ରିୟ ସମୂହ ଗୋପୀ । ଏବେ ପ୍ରାଣକୃଷ୍ଣ ମନ ରଥର ସାରଥି ହୋଇଯିବେ । ତାଙ୍କ ଉପରେ ସମ୍ପୂର୍ଣ୍ଣ ଦାୟିତ୍ୱ ଦେଇ ଇହକାଳ ଓ ପରକାଳ କଥା ଚିନ୍ତା କରନାହିଁ । ଯାହା ହେବ ସେ ଭଲକରିବେ ନିଶ୍ଚିତ । ଯେପରି ଗାଡ଼ିରେ ଡ୍ରାଇଭର ପୋଖତ ହୋଇଥିଲେ ବସିଥିବା ଲୋକର କିଛି ଚିନ୍ତା ରହେ ନାହିଁ, ଗାଡ଼ିଟି ଯାଇ ଲକ୍ଷ୍ୟସ୍ଥଳରେ ପହଞ୍ଚିଯାଏ, ସେହିପରି ତାଙ୍କୁ ଶରୀର ରଥରେ ସାରଥି କରିଦେଲେ ଆଉ ମଣିଷକୁ କିଛି ଚିନ୍ତା କରିବାକୁ ହେବନାହିଁ । ସେ ତାକୁ ନିର୍ବିଘ୍ନରେ ନରଜନ୍ମରୁ ଦିବ୍ୟଜୀବନ ଲାଭକରି ଆଉ ମାତୃଗର୍ଭକୁ ଆସିବାକୁ ହେବନାହିଁ । ମହାପ୍ରଭୁ ଏତିକି ସୂଚାଇ ଦିଅନ୍ତି ଯେ ହେ ମଣିଷ ତୋ'ର ଯାତ୍ରା ଶେଷ ଯାତ୍ରା ହେଲେ ମୋ ପାଖକୁ ଫେରିଆସିବୁ । 'ଯଦ୍‌ଗତ୍ୱା ନନିବର୍ତ୍ତନ୍ତେ ତଦ୍‌ଧାମ ପରମଂ ମମଃ' ଅର୍ଥାତ୍ ମୋ ପାଖକୁ ଆସିଲେ ଆଉ ତୋତେ ଜନ୍ମ-ମୃତ୍ୟୁ ଚକ୍ରରେ ପଡ଼ିବାକୁ ହେବନାହିଁ । ସେହିପରି ଜଗନ୍ନାଥଙ୍କ ଘୋଷଯାତ୍ରା ହେଉଛି ମାନବୀୟ ଯାତ୍ରା ଯେଉଁଯାତ୍ରାରେ ମହାପ୍ରଭୁ ନିଜର ଜନ୍ମଭୂମି ବା ଆଦି ଭୂମି ଗୁଣ୍ଡିଚାରେ ଥରେ ବୁଲିଆସନ୍ତି ।

+ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ
ମୋ: ୯୯୩୭୧୭୨୮୧୦

# ବିଶ୍ୱ ବିଖ୍ୟାତ ଦାରୁ ଦେବତା

**ଡକ୍ଟର ଲକ୍ଷ୍ମଣ ସାହୁ**



ଶ୍ରୀକ୍ଷେତ୍ରରେ ବିରାଜିତ ଶ୍ରୀଜଗନ୍ନାଥ ହେଉଛନ୍ତି ବିଶ୍ୱ ପୂଜିତ ଦେବତା । କେବଳ ଓଡ଼ିଆ ଜାତିର ନୁହନ୍ତି, ସେ ହେଉଛନ୍ତି ସମଗ୍ର ଭାରତର ଅସ୍ମିତାର ପ୍ରତୀକ । ସେ ହେଉଛନ୍ତି ଶେଷ ଅବତାର କରୁଣାମୟ ବିଶ୍ୱ ଠାକୁର , ଚର୍ଚ୍ଚିତ ଦାରୁବ୍ରହ୍ମ ଦେବତା । ସେହିଁ କୃଷ୍ଣ, ସେହି ବିଷ୍ଣୁ । ସକଳ ଦେବାଦେବୀଙ୍କ ଗୁଣ ନିହିତ ବ୍ରହ୍ମାଣ୍ଡ ଠାକୁର । ବୈଦିକ, ଅବୈଦିକ, ଜୈନ, ବୌଦ୍ଧ , ଶାକ୍ତ , ଗାଣପତ୍ୟ, ସୌର, ଶୈବ , ନାଥ , ଶାବର , କବୀରପନ୍ଥୀ , ନାନକପନ୍ଥୀ , ଆର୍ଯ୍ୟ , ଅନାର୍ଯ୍ୟ, ମୁସଲମାନ , ଖ୍ରୀଷ୍ଟିଆନ ସମସ୍ତେ ତାଙ୍କର ଶରଣାପନ୍ନ । ତାଙ୍କର ଅପଲକ ଚକାଆଖିରେ ସକଳେ ସମାନ । ନା ତା'ଙ୍କ ନିକଟରେ ନା ଅଛି ସାନ ବଡ଼, ଧନୀ ନିର୍ଦ୍ଧନ , ରୋଗୀ ନିରୋଗ, ଜାତି ଅଜାତି, ଛୁଆଁ ଅଛୁଆଁ , ଭେଦ ଅଭେଦ ଭାବ ପ୍ରତିକ୍ରିୟା । ସେ ଜଣଙ୍କର ନୁହନ୍ତି , ସେ ଗଣଙ୍କର , ଅଖିଳ ବିଶ୍ୱର ଗଣଦେବତା । ସେହି ଦାରୁବ୍ରହ୍ମ ଜଗନ୍ନାଥ ହେଉଛନ୍ତି ପୂର୍ଣ୍ଣବ୍ରହ୍ମ । ଅସୀମ, ଅନିତ୍ୟ , ନିର୍ଗୁଣ । ତାଙ୍କର ଦିବ୍ୟ କୃପା ହେଲେ ତାଙ୍କୁ ଜାଣିବା ଭକ୍ତ ପକ୍ଷେ ସମ୍ଭବ ହୋଇନଥାଏ । ସେ ଚିର ରହସ୍ୟମୟ ଭାବର ଠାକୁର , ସମଗ୍ର ଓଡ଼ିଆ ଜାତିର ପ୍ରାଣବିନ୍ଦୁ । ' ସର୍ବ ରହସ୍ୟଂ ପୁରୁଷୋତ୍ତମସ୍ୟ / ଦେବା ନ ଜାଣନ୍ତି କୃତଃ ମନୁଷ୍ୟ ।୪ ଶ୍ରୀମଭାଗବଦ୍ ଗୀତାର ସେ କ୍ଷର-ଅକ୍ଷର-ପୁରୁଷୋତ୍ତମ । ଅର୍ଥାତ୍ କ୍ଷର ହେଉଛନ୍ତି ପରିଦୃଶ୍ୟମାନା ପ୍ରକୃତି ବା ସୁଭଦ୍ରା । ଅକ୍ଷର ହେଉଛନ୍ତି ବଳଭଦ୍ର ଓ ପୁରୁଷୋତ୍ତମ ହେଉଛନ୍ତି ପରମାତ୍ମା ଜଗତ୍ ପ୍ରଭୁ ଶ୍ରୀଜଗନ୍ନାଥ । ଭକ୍ତ କ୍ଷର ଓ ଅକ୍ଷର ଠାରୁ ସ୍ୱତନ୍ତ୍ର ସେହି ପରମାତ୍ମା ବା ପୁରୁଷୋତ୍ତମ ଜାଣି ପାରିଲେ ଅନ୍ୟ କିଛି ଜାଣିବା ଆବଶ୍ୟକ ନଥାଏ । ପୁରୁଷୋତ୍ତମଙ୍କୁ ଜାଣିବା ହିଁ ତା' ଜନ୍ମର ସାର୍ଥକତା । ତାଙ୍କର ବିଗ୍ରହ ପୂଜା ପାର୍ବଣ ସ୍ୱୟମ୍ଭୁ ମନୁଙ୍କ ପୂର୍ବରୁ ସମାଜରେ ପ୍ରଚଳିତ ଥିବା ଶାସ୍ତ୍ରରେ ଉଲ୍ଲେଖ ରହିଛି । ସେହି ସୃଷ୍ଟିର ଏକମାତ୍ର ଆଦ୍ୟ ଦେବତା ସକଳ ଧର୍ମ ଦର୍ଶନର ପ୍ରତିନିଧିତ୍ୱ କରି ଅବିଚଳିତ ମହିମାରେ ପ୍ରତ୍ୟୟମାନ ହୋଇଆସୁଛନ୍ତି । ସେ ସତ୍- ଚିତ୍-ଆନନ୍ଦ ସଚ୍ଚିଦାନନ୍ଦ । ସେହି ପରମ ପରଂବ୍ରହ୍ମ । ତାଙ୍କ ବିଗ୍ରହ ପରମବ୍ରହ୍ମଙ୍କର ସ୍ମାରକୀ ସ୍ୱରୂପ ପ୍ରତୀକ ।

ତାଙ୍କର କୌଣସି ନିର୍ଦ୍ଦିଷ୍ଟ ରୂପ ନାହିଁ, ସେ ଅରୂପା, ଅଥଚ ସର୍ବରୂପ । 'ଶ୍ୱେତାଶ୍ୱେତ ' ଉପନିଷଦରେ ଉଲ୍ଲେଖ ଅଛି -' ଅପାଣି ପାଦୋ ଜବନ ଗ୍ରହୀତା / ପଶ୍ୟତ୍ୟଚକ୍ଷୁ ସ ଶ୍ରୁଣୋତ୍ୟକର୍ଣ୍ଣଃ/ ସ ବେତ୍ତି ବେଦ୍ୟଂ ନ ଚ ତସ୍ୟ ବେତ୍ତା / ତମାହୁରଗ୍ର୍ୟଂ ପୁରୁଷଂ ମହାନ୍ତମ୍ ।' ଅଥାର୍ଥ ସର୍ବତ୍ର ସେହି ପରଂବ୍ରହ୍ମଙ୍କ ହସ୍ତପଦ , ତାଙ୍କର ଚକ୍ଷୁ, ମସ୍ତକ ଓ ମୁଖ ଓ କର୍ଣ୍ଣ । ସେ ସର୍ବବ୍ୟାପୀ ସଚରାଚର । ସେ ସକଳ ଇନ୍ଦ୍ରିୟର ପ୍ରକାଶକ , ଅଥଚ ସେ ଇନ୍ଦ୍ରିୟ ବିବର୍ଜିତ । ତାଙ୍କର ହସ୍ତ ନଥାଇ ସେ ଗ୍ରହଣ କରନ୍ତି, ସେଭଳି ପଦ ନଥାଇ ସେ ଗମନ କରନ୍ତି, ଚକ୍ଷୁ ନଥାଇ ସେ ସର୍ବଦର୍ଶୀ , କର୍ଣ୍ଣ ନଥାଇ ସବୁ ଶ୍ରବଣ କରନ୍ତି । ଜଗତର ନାଥ ଜଗନ୍ନାଥ ହେଉଛନ୍ତି ସେହି ପରମବ୍ରହ୍ମଙ୍କର ପ୍ରତୀକ । ତେଣୁ ତାଙ୍କର ବିଗ୍ରହ ପୂର୍ବାବଧି ହସ୍ତପଦ ଶୂନ୍ୟ ଓ କର୍ଣ୍ଣ ବିହୀନ ଅବସ୍ଥାରେ ନିର୍ମିତ ହେଉଛନ୍ତି । ବିଶେଷ କରି ତାଙ୍କ ବିଗ୍ରହ ଦାରୁବ୍ରହ୍ମ ଭାବେ ବିରାଜିତ । କହିବାକୁ ଗଲେ ସେ ଅନ୍ୟ ଦେବଦେବୀଙ୍କ ବିଗ୍ରହ ପରି ଧାତବ ବା ପ୍ରସ୍ତରର ବିଗ୍ରହ ନୁହନ୍ତି । ତାଙ୍କର ବିଗ୍ରହ କେବଳ ନିମ୍ବ ଦାରୁରେ ନିର୍ମିତ ହୁଏ । ଦାରୁ ତାଙ୍କ ବିଗ୍ରହକୁ ପ୍ରାଣମୟ କରିଥାଏ । ସେହି ଦାରୁବ୍ରହ୍ମ ଦାରୁଦେବତା ପ୍ରାଣବାନ ଅଟନ୍ତି । କାରଣ ବୃକ୍ଷ ନିର୍ଜୀବ ନୁହେଁ । ତା'ର ପ୍ରାଣ ଅଛି । ତେଣୁ ଆଦିମ ଯୁଗରୁମାନବ ବୃକ୍ଷକୁ ଆଶ୍ରୟ କରି ଜୀବନ ଧାରଣ କରି ଚଳିଛି କେବଳ ନୁହେଁ, ବରଂ ତାକୁ ଅତିଭୌତିକ ଶକ୍ତି ମନେକରି ପୂଜା ଅର୍ଚ୍ଚନା ଉପାସନା କରି ଆସିଛି ।

ଦାରୁ ବିଗ୍ରହ ଉପାସନାର ପରମ୍ପରା ଏକ ପ୍ରାଚୀନ ଉତ୍କଳୀୟ ସଂସ୍କୃତି । ବିଶ୍ୱର ବୈଚିତ୍ର୍ୟମୟ ଦାରୁ ରୂପେ ଜଗନ୍ନାଥ ସେହି ଦାରୁମୂର୍ତ୍ତି ସଂସ୍କୃତିର ଏକାନ୍ତ ପ୍ରତୀକ । ଦାରୁମୂର୍ତ୍ତି ସଂସ୍କୃତିର ଆଦି ସ୍ରଷ୍ଟା ସ୍ୱୟଂ ପ୍ରଭୁ ଜଗନ୍ନାଥ । ତେଣୁ ମାନବ ସଂସ୍କୃତିର ଆଦି ପ୍ରକାଶ ହିଁ କେବଳ ଜଗନ୍ନାଥ ସଂସ୍କୃତିରେ ଘଟିଛି । ପୁରୁଷୋତ୍ତମ ବିହାରୀ ଶ୍ରୀଜଗନ୍ନାଥ ଦାରୁ ଦେବତା । ଆଦି ମାନବ ପ୍ରଥମେ ଦାରୁକୁ ଦେବତା ଭାବେ ପୂଜା କରିଆସିଛି । ସେହି ପୂଜା ପରମ୍ପରା ଅଦ୍ୟାବଧି ଆଦି ମାନବ ସମାଜରେ ବିଦ୍ୟମାନ । ବୈଦିକ ଆର୍ଯ୍ୟ ମାନଙ୍କ ପାଇଁ ମଧ ଦାରୁ ଥିଲେ ଦେବତା । ଆଦି ମାନବ ଦାରୁ ଦେବତା ସଂସ୍କୃତିରୁ କେବେ ବିଚ୍ୟୁତ ନୁହନ୍ତି । ଗୋଟିଏ ମହାନ୍ ଧାରଣାର ଧାରକ ସେମାନେ । ବୃକ୍ଷ ବା ଦାରୁ ହିଁ ପ୍ରକୃତି । ପ୍ରକୃତି ହିଁ ପରମବ୍ରହ୍ମ।

ଶବର ସଭ୍ୟତା ଏପର୍ଯ୍ୟନ୍ତ ଦାରୁର ପ୍ରାଧାନ୍ୟ ନିକଟରେ ନିମଳିତ ନୁହେଁ । ଜନ୍ମ ଠାରୁ ମୃତ୍ୟୁ, ଏନ୍ତୁଡ଼ିଶାଳ ଠାରୁ ଶ୍ମଶାନ ପର୍ଯ୍ୟନ୍ତ ଦାରୁର ଭୂମିକାକୁ ଅସ୍ୱୀକାର କରାଯାଇ ପାରେ ନାହିଁ । ଜୀବଦ୍ଦଶା ମଧ, ଦାରୁ ସର୍ବସ୍ୱ । ଯେତେବେଳେ ଦାରୁ ମାନବର ଜନ୍ମ, ଜୀବନ ଓ ମରଣ ସହିତ ନିବିଡ଼ ଭାବେ ଜଡ଼ିତ, ସେତେବେଳେ ଆଦିମାନବୀୟ ଆଧ୍ୟାତ୍ମିକ ସଂସ୍କୃତି ପ୍ରକୃତିର ପରମ ଉପଜୀବ୍ୟ ଦାରୁ ହିଁ ଦେବତା ରୂପେ ପୂଜିତ ହେବା ଅସମ୍ଭବନୁହେଁ । ସେଥିପାଇଁ ବୃକ୍ଷ ଉପାସନା ରୁ ହିଁ ଦାରୁ ଦେବତା ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପର୍ବର ମର୍ଯ୍ୟାଦା ବିଶ୍ୱ ବିଦିତ ହୋଇ ଆସୁଛି ।

ପ୍ରାଚୀନ କାଳରୁ ଶବରମାନେ ମହୋଦଧି କୂଳରେ ଗୋଟିଏ କୁଟୀର ମଧ୍ୟରେ ବୃକ୍ଷଗଣ୍ଠିକୁ ଅଥାର୍ଥ ଦାରୁକୁ ରଖି ପୂଜା କରି ଆସୁଥିଲେ । ସେହି କୁଟୀରରେ ଦ୍ରାବିଡ଼ ଶବ୍ଦ ଗୁଡିସା ବ୍ୟବହାର କରାଯାଉଥିଲା । ପାରମ୍ପରିକ ରୀତିନୀତିରେ ଶବରମାନେ ବୃକ୍ଷ ଦେବତାଙ୍କୁ ରଥରେ ନେଇ ଅନ୍ୟ କୁଟୀରରେ ରଖିବାର ଯାତ୍ରାକୁ ଗୁଡିସା ଯାତ୍ରା ପରବର୍ତ୍ତୀ ସମୟରେ ଗୁଣ୍ଡିଚା ଯାତ୍ରା ରୂପେ ଖ୍ୟାତ ହୋଇଛି । ଅଦ୍ୟାବଧି ସେହି ଶବରମାନଙ୍କ ବଂଶଜ ଦଇତା ମାନଙ୍କ ଦ୍ୱାରା ଗୁଣ୍ଡିଚା ଯାତ୍ରା ସମାହିତ ହେଉଛି । ଶାବରୀ ଭାଷାରେ କୁନଡିଜା ଅଥାର୍ଥ ସେହି ଗଣ୍ଠି ଅପଭ୍ରଂଶ ହୋଇ ଗୁଣ୍ଡିଚା ନାମରେ ନାମିତ ହୋଇ ଗୁଣ୍ଡିଚା ଯାତ୍ରା ଭାବେ ପରିଗଣିତ ହୋଇଛି । ଶବର ଦେବ୍ତା ଜଗନ୍ନାଥ ବେଦ ପରବର୍ତ୍ତୀ ପୁରାଣ ଯୁଗରେ ଆର୍ଯ୍ୟ ଜାତିର ଉପାସ୍ୟ ହୋଇ ଗୁଣ୍ଡିଚା ଯାତ୍ରା ପରମ୍ପରାରେ ଏବେ ଘୋଷ ପର୍ବ ଭାବେ ପାଳିତ ହେଉଛି ।

ପରମବ୍ରହ୍ମଙ୍କର ବିଗ୍ରହ ନିମ୍ବ ବୃକ୍ଷର ଗଣ୍ଠିକୁ ନିର୍ବାଚନ କରିବାରେ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ରହିଛି । ବିଗ୍ରହ ଶୁଷ୍କ କାଠରେ ନିର୍ମିତ ନହୋଇ ସଦ୍ୟ କର୍ତ୍ତିତ ହୋଇଥିବା ଦାରୁରେ ନିର୍ମିତ ହୁଏ । କାରଣ ଦାରୁ ବୃକ୍ଷ ରସପୂର୍ଣ୍ଣ ରହିଥାଏ । ' ସ୍ଥାବରାଣାମ୍ ରସୋ ପ୍ରାଣଃ ' - ବିଶେଷ କରି ସେହି ରସ, ଦାରୁରେ ବାର ବର୍ଷ ପର୍ଯ୍ୟନ୍ତ ଅଶୁଷ୍କ ଅବସ୍ଥାରେ ରହିଥାଏ । ତେଣୁ ପ୍ରତ୍ୟେକ ବାର ବର୍ଷ ପରେ ଦାରୁବ୍ରହ୍ମଙ୍କୁ ବିସର୍ଜନ କରାଯାଇ ନବକଳେବର କରାଯିବାର ସ୍ୱତନ୍ତ୍ର ବିଧି ରହିଛି । ଏହି ନବକଳେବର ପୁଣି ଦୋ ଆଷାଢି ବର୍ଷରେ କରାଯିବାର ପାରମ୍ପରିକ ବିଧିବିଧାନ ରହିଛି । କାରଣ ଆଷାଢ଼ ମାସରେ ନିମ୍ବ ବୃକ୍ଷ ପୂର୍ଣ୍ଣ ମାତ୍ରାରେ ରସଯୁକ୍ତ ହୋଇଥାଏ । ତେଣୁ ବାର ବର୍ଷ ପରେ ଶୁଷ୍କ ଦାରୁବ୍ରହ୍ମଙ୍କୁ ବିସର୍ଜନ କରାଯାଇ ସେଠାରେ ନୂତନ ବିଗ୍ରହଙ୍କୁ ସ୍ଥାପନ କରାଯାଏ । ସାଧୁ ଚୈତନ୍ୟ ଦାସ ଚାଙ୍କ 'ନିର୍ଗୁଣ ମାହତ୍ମ୍ୟ' ରେ ଉଲ୍ଲେଖ କରିଛନ୍ତି- ' ଶୁଖିଲା କାଠ ଦାରୁବ୍ରହ୍ମ / ତହିଁ ଅଛନ୍ତି ପରଂବ୍ରହ୍ମ ।''

ଯୁଗ ଯୁଗ ଧରି ମହାପ୍ରଭୁ ଜଗନ୍ନାଥଙ୍କ ଏହି ଦାରୁ-ବ୍ରହ୍ମ ବିଗ୍ରହ କେବଳ ମାନବ ଜାତିକୁ ଚେତାଇ ଦେଉଛି ଜନ୍ମ ମୃତ୍ୟୁର ରହସ୍ୟ । ଏ ଶରୀର ଅସ୍ଥାୟୀ , ମରଣଶୀଳ । କିନ୍ତୁ ଶରୀର ମଧ୍ୟରେ ଅଧିଷ୍ଠିତ ପ୍ରାଣ ବା ଆତ୍ମା ସେହି ମହାପ୍ରାଣର ଅଂଶ ବିଶେଷ । ସେହି ଆତ୍ମା ହିଁ ହେଉଛନ୍ତି ପୁରୁଷୋତ୍ତମ ପରମବ୍ରହ୍ମ । ତେଣୁ ଆତ୍ମାର କେବେ ମୃତ୍ୟୁ ନାହିଁ । କେବଳ ମାତ୍ର ଘଟ ପରିବର୍ତ୍ତନ ଘଟେ । ମହାପୁରୁଷ ସନ୍ଥ ଅଚ୍ୟୁତାନନ୍ଦ ' ଶୂନ୍ୟ ସଂହିତା 'ରେ କହିଛନ୍ତି - ' ଅବତାର ଦଶ ଏହି ଦାରୁରୂପ/ ଏହି ଦାରୁରେ ସେ ଲୀନ / ଈଶ୍ୱର ସାଖ୍ୟାତେ ଲୀଳାର ନିମନ୍ତେ/ ବିଜେ ରତ୍ନ ସିଂହାସନ ।୪ ଚାରିବେଦ ମଧ୍ୟରେ ଋଗ୍ ବେଦ ପ୍ରାଚୀନ ତମ । ସେଥିରେ ବର୍ଣ୍ଣନା ଅଛି ସିନ୍ଧୁ-ତୀର-ବାସୀ ଶ୍ରୀଜଗନ୍ନାଥ ହେଉଛନ୍ତି ଦାରୁ ବ୍ରହ୍ମ । ବେଦର ଭାଷ୍ୟକାର ତଥା ବିଜୟ ନଗର ରାଜାଙ୍କ ଅମାତ୍ୟ ସାୟାଣାଚାର୍ଯ୍ୟ କହିଛନ୍ତି ପୁରୀ ବା ପୁରୁଷୋତ୍ତମ ପୀଠର ଦାରୁ-ବ୍ରହ୍ମ ପୁରୁଷୋତ୍ତମଙ୍କର ସୂଚନା' ମିଳେ, ଯଥା - ' ଆଦୌ ଯଦ୍ ଦାରୁ ପ୍ଲବତେ ସିନ୍ଧୋଃ ଅପୁରସମ୍ /ତଦ୍ଧା ଲଭସ୍ୱ ଦୁର୍ଦାନୋ ତନେ ଯାହି ପରଂସ୍ଥଳମ୍ ।' ତୈତ୍ତିରୀୟ ଶ୍ରୁତିରେ ଦାରୁ ମୂର୍ତ୍ତିର ମିଳିଥାଏ । ଡକ୍ଟର ବାସୁଦେବ ସାହୁ ମତପ୍ରକାଶ କରି କୁହନ୍ତି - ଯଦି ବୈଦିକ କାଳର ଏହି ଦାରୁ ଜଗନ୍ନାଥଙ୍କ ପୂର୍ବ ଦାରୁ ରୂପ ବୋଲି ପ୍ରମାଣିତ ହୁଏ, ତେବେ ଜଣାଯିବ ଦାରୁ-ବ୍ରହ୍ମ ରୂପୀ ଶ୍ରୀଜଗନ୍ନାଥଙ୍କ ଅସ୍ତିତ୍ୱ ବୈଦିକ ଯୁଗରେ ଅଥାର୍ଥ ଖ୍ରୀଷ୍ଟାପୂର୍ବ ଦେଢହଜାର ବର୍ଷ ପର୍ଯ୍ୟନ୍ତ ପରିବ୍ୟାପ୍ତ। ବେଦ ପରି ଉପନିଷଦରୁ ମଧ ଶ୍ରୀଜଗନ୍ନାଥଙ୍କ ସ୍ୱରୂପର ଯଥେଷ୍ଟ ପ୍ରମାଣ ମିଳିଥାଏ । ଶ୍ୱେତାଶ୍ୱେତ୍ତର ଓ କୈବଲ୍ୟ ଉପନିଷଦରେ ଦାରୁ-ବ୍ରହ୍ମ ପୁରୁଷୋତ୍ତମଙ୍କର ସ୍ୱରୂପ ଓ ସୂଚନା' ରହିଛି।

ରହସ୍ୟମୟ ଠାକୁର ସେ । ତାଙ୍କର ରହସ୍ୟ ଭେଦ କରିବା ସହଜ ନୁହେଁ । ' ମମ ଚିତ୍ତ ସଦାହମ ' । ମୁଁ ସର୍ବଜ୍ଞ ଓ ଏକ ରୂପ ଥାଇ ଅରୂପ । ମୋତେ କେହି ଜାଣିପାରନ୍ତି ନାହିଁ । ମୁଁ ଶୁଦ୍ଧ ଚୈତନ୍ୟ ସ୍ୱରୂପ '। ବାସ୍ତବରେ ଉପନିଷଦ ବାକ୍ୟ ସମୂହରେ ପୁରୁଷୋତ୍ତମ ଚେତନାର ପୁଷ୍କଳ ଅଭିବ୍ୟକ୍ତି ସୁସ୍ପଷ୍ଟ । ଶ୍ରୀମଦ୍ ଭାଗବତ ଗୀତାର ପଞ୍ଚଦଶ ଅଧ୍ୟାୟରେ ଶ୍ରୀପୁରୁଷୋତ୍ତମ ତତ୍ତ୍ୱ ଆଲୋଚନା ପ୍ରସଙ୍ଗରେ ପୁରୁଷୋତ୍ତମ ଜଗନ୍ନାଥଙ୍କ ନାମୋଲ୍ଲେଖ ରହିଛି । ଯଥା - ' ଦ୍ୱବିମୌ ପୁରୁଷୌ ଲୋକେ କ୍ଷର ଶ୍ଚାକ୍ଷର ଏବ ଚ / କ୍ଷରଃ ସର୍ବାଣି ଭୂତାନି କୂଟସ୍ଥରକ୍ଷର ଉଚ୍ୟତେ ।' ଉତ୍ତମଃ ପୁରୁଷ ସ୍ତ୍ୱନ୍ୟଃପରମାତ୍ମେତ୍ୟୁ ଦାହୃତଃ / ଯୋ ଲୋକତ୍ରୟ ମାବିଶ୍ୟ ବିଭର୍ତ୍ତ୍ୟବ୍ୟୟ ଈଶ୍ୱରଃ / ଯସ୍ମାତ୍ କ୍ଷରମତୀ ତୋ୍ହମ୍ କ୍ଷରଦପି ଚୋତ୍ତମଃ / ଅତୋସ୍ମି ଲୋକେ ବେଦେ ଚ ପ୍ରଥିତଃ ପୁରୁଷୋତ୍ତମଃ ।'

ବାସ୍ତବରେ ଏହାର ଅର୍ଥ ହେଉଛି ସଂସାରରେ କ୍ଷର ଓ ଅକ୍ଷର ନାମରେ ଖ୍ୟାତ । ଆବ୍ରହ୍ମସ୍ତମ୍ଭ ଚରାଚର ସମଗ୍ର ବିଶ୍ୱ ସୃଷ୍ଟିକୁ କ୍ଷର କୁହାଯାଏ । କାରଣ ଏହା ବିନାଶଶୀଳ । ଭଗବାନଙ୍କର ମାୟାଶକ୍ତି ବା ଅବ୍ୟକ୍ତ ମୂଳ ପ୍ରକୃତି ହେଉଛି ଅକ୍ଷର ପୁରୁଷ । କାରଣ ଏହା ନିତ୍ୟ ଓ ଅବିନାଶୀ । ଏହି ଦୁଇଟି ଠାରୁ ଭିନ୍ନ ଓ ଶ୍ରେଷ୍ଠ ହେଉଛି ପୁରୁଷୋତ୍ତମ ଓ ସେ ହେଉଛନ୍ତି ?ପରମାତ୍ମା । ସେହିଁ ସର୍ବ ନିୟନ୍ତା , ଈଶ୍ୱର ଓ ନିର୍ବିକାର । ମୁଁ କ୍ଷର ଓ ବିନାଶଶୀଳ, ଜଡ ସୃଷ୍ଟିର ଅତୀତ । ଅବ୍ୟକ୍ତ ମାୟା ବା ମୂଳ ପ୍ରକୃତି ଠାରୁ ଉତ୍ତମ । ତେଣୁ ଲୋକ ସମୂହରେ ଓ ବେଦରେ ମୁଁ ପୁରୁଷୋତ୍ତମ ନାମରେ ପରିଚିତ ବୋଲି ଭଗବାନ ନିଜ ମୁଖରେ ପ୍ରକାଶ କରିଛନ୍ତି। ପଣ୍ଡିତ ନୀଳକଣ୍ଠ ଦାସଙ୍କ ମତରେ ସେହି ପୁରୁଷୋତ୍ତମ ହେଉଛନ୍ତି ଦାରୁ ଦେବତା ଶ୍ରୀଜଗନ୍ନାଥ ।

ତେଣୁ ସେହି ଲୀଳାମୟ ରହସ୍ୟମୟ ଠାକୁର ପୁରୁଷୋତ୍ତମ, ଦାରୁ ବ୍ରହ୍ମ ଦାରୁଦେବତା ଜଗନ୍ନାଥ ଶ୍ରୀମନ୍ଦିର ରତ୍ନସିଂହାସନ ଛାଡ଼ି ବଡ଼ଦାଣ୍ଡକୁ ଓହ୍ଲାଇ ଆସି ଆପଣାର ଜନ୍ମ ପୀଠ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରନ୍ତି । ଜାତି, ଧର୍ମ, ସଂପ୍ରଦାୟ ନିର୍ବିଶେଷରେ ଅଗଣିତ ବିଶ୍ୱବାସୀ ତାଙ୍କୁ ଦର୍ଶନ ଓ ସ୍ପର୍ଶ କରିବାର ସୌଭାଗ୍ୟ ଲାଭ କରନ୍ତି । ସତ୍ୟ, ଶାନ୍ତି ଓ ବିଶ୍ୱ ପ୍ରତୀକ ଜଗନ୍ନାଥଙ୍କୁ ଦର୍ଶନ କରି ମୋକ୍ଷ ଲାଭ କରିବାର ବିଶ୍ୱାସ ରହିଛି । ତାଙ୍କରି ଦର୍ଶନରେ ' ପୁନରୋପି ଜନ୍ମଂ, ପୁନରୋପି ମରଣଂ ' ଘୂର୍ଣ୍ଣିରୁ ରକ୍ଷା ମିଳେ...!!!

+ ଅଧ୍ୟକ୍ଷ , ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ- ୪
ମୋ: ୯୦୪୦ ୧୫୧୪୭୫

ଧ୍ୱନି ପ୍ରତିଧ୍ୱନି

♣ ବାଲେଶ୍ୱର ♣ ଶନିବାର, ୦୬ ଜୁଲାଇ, ୨୦୨୪


# ଶ୍ରୀକ୍ଷେତ୍ରରେ ଶ୍ରୀଚୈତନ୍ୟ




ଶ୍ୟାମ ସୁନ୍ଦର ସାମଲ




ଆସୁଛି ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା। ଅଗଣିତ ଭକ୍ତଜନଙ୍କୁ ଦର୍ଶନଦେବା ନିମିତ୍ତ କୋଟି କୈବଲ୍ୟନାଥ ମହାପ୍ରଭୁ ଶ୍ରୀଜଗନ୍ନାଥ ଓହ୍ଲାଇ ଆସିବେ ବଡଦାଣ୍ଡକୁ । ବଡଦାଣ୍ଡରେ ନଭଶ୍ଚୁମ୍ବି ତିନିରଥ । ଏପଟେ ପ୍ରାତଃକୃତ୍ୟାଦି ସମାପନ ହେଲାଣି । ଗହଳି କ୍ରମଶଃ ବଢ଼ିବାରେ ଲାଗିଛି । ମହାପ୍ରଭୁଙ୍କର ପାଣ୍ଡୁର ବିଜୟ (ପହଣ୍ଡି ବିଜୟ) ଦେଖିବାକୁ ସାରା ଜଗତ ବ୍ୟାକୁଳିତ । ତାଙ୍କରି ଭିତରେ ଅଛନ୍ତି ରାଜା ପ୍ରତାପରୁଦ୍ରଦେବ । ପାତ୍ର ମନ୍ତ୍ରୀଗଣ ଜଗିରହିଛନ୍ତି ମହାମହୀମ ରାଜାଙ୍କର ଦର୍ଶନରେ ଯେପରି ବ୍ୟାଘାତ ନଘଟେ । ଶ୍ରୀ ଜଗନ୍ନାଥ ମହାପ୍ରଭୁ ରତ୍ନସିଂହାସନ ତ୍ୟାଗକରି ଆସିଲେ । ଦୟିତାଗଣ ପ୍ରଭୁଙ୍କୁ ରଥାରୋହଣ କରାଇଲେ । ମହା ପ୍ରଭୁ, ମଣିମା ମଣିମା ବୋଲି ଉଚ୍ଚଧ୍ୱନୀ କରିଉଠିଲେ । ମହାରାଜ ପ୍ରତାପରୁଦ୍ର ଶ୍ରୀଜଗନ୍ନାଥଙ୍କ ରଥାଗ୍ରେ ଉପସ୍ଥିତ ରହି ସ୍ୱର୍ଣ୍ଣମାର୍ଜନୀ ଦ୍ୱାରା ପଥ ସମାର୍ଜନ କଲେ । ଚନ୍ଦନ ଜଳରେ ରାସ୍ତା ଧୋଇଦେଲେ । ରାଜ ସ୍ୱୟଂ ଏ କାର୍ଯ୍ୟ କରୁଥିବାର ଦେଖି ମହାପ୍ରଭୁ ଗୌରାଙ୍ଗ ଦେବଙ୍କର ଅନ୍ତର କରୁଣାରେ ଭରିଉଠିଲା । ଶ୍ରୀଗୌରାଙ୍ଗ ଦେବ ରାଜାଙ୍କୁ କୃପାକଲେ । ଇତ୍ୟବସରରେ ତାଙ୍କର ସ୍ୱଗଣଙ୍କୁ ସାତ ସମ୍ପ୍ରଦାୟରେ ବିଭକ୍ତ କରିଦେଲେ । ପ୍ରତି ସମ୍ପ୍ରଦାୟରେ ଜଣେ ମୂଖ୍ୟ ଗାୟକ, ଦୁଇଜଣ କରି ମୃଦଙ୍ଗ ବାୟକ ଓ ଶତ ଶତ ଦୋହାଧାରୀରେ ବିଭକ୍ତ ହେଲେ । ଚାରି ସମ୍ପ୍ରଦାୟ ରଥର ସମ୍ମୁଖରେ ଦୁଇ ସମ୍ପ୍ରଦାୟ ଉଭୟ ପାର୍ଶ୍ୱରେ ଏବଂ ଏକ ସମ୍ପ୍ରଦାୟ ପଶ୍ଚାତ୍‌ରେ ରହି କୀର୍ତ୍ତନ କରିବାକୁ ଲାଗିଲେ । ଏମାନଙ୍କ ମଧ୍ୟ ସ୍ଥଳରେ ରଥ । ସାତ ସମ୍ପ୍ରଦାୟର ଚଉଦ ମାଦଳ ବାଜିଉଠିଲା । ମାଦଳ ଧ୍ୱନୀରେ ବୈଷ୍ଣବଗଣ ପାଗଳ ହୋଇଉଠିଲେ । ସେମାନଙ୍କର ଚକ୍ଷୁଦେଇ ଅବାରିତ ଅଶ୍ରୁଝରିବାକୁ ଲାଗିଲା । ଚଉରି ଦିଗରେ କେବଳ ସଂକୀର୍ତ୍ତନ ଧ୍ୱନି । ମହାପ୍ରଭୁ କେତେବେଳେ ମୁଖରୁ ହରି ହରି ଧ୍ୱନି ବା ଜୟ ଜଗନ୍ନାଥ ବୋଲି ସାତ ସମ୍ପ୍ରଦାୟ ମଧ୍ୟରେ ପରିଭ୍ରମଣ କରିବାକୁ ଲାଗିଲେ । ହଠାତ୍ ଆଶ୍ଚର୍ଯ୍ୟ ପ୍ରକାର ଶକ୍ତିର ପ୍ରକାଶ ହେଲା । ପ୍ରଭୁ ଶ୍ରୀ ଚୈତନ୍ୟ ପ୍ରତ୍ୟେକଙ୍କ ମଧ୍ୟରେ ନର୍ତ୍ତନ କରୁଥାଆନ୍ତି । ଏହା ଏକ ରାସଲୀଳାର ପୁନଃ ପ୍ରକାଶ । ଏହାର ପ୍ରଭାବରେ ସଚଳ ରଥ ଅଚଳ ହୋଇଗଲା । ନିଳାଚଳର ସଦାଚଞ୍ଚଳ ଜଗନ୍ନାଥ ମହାପ୍ରଭୁ ଅଚଳ ହୋଇ ରହିଗଲେ ପ୍ରଭୁଙ୍କର କୀର୍ତ୍ତନ ଦର୍ଶନ କରି ତହିଁରେ ମଜ୍ଜିଗଲେ । ପ୍ରତାପରୁଦ୍ର ଦେବ ବସ୍ମିତ, ପୁଲକିତ, ଅବଶ ଓ ବିବଶ ହୋଇଗଲେ ।

ଯେ ବ୍ରହ୍ମଣ୍ୟ ଗଣଙ୍କର ପୂଜ୍ୟ, ଗୋ ବ୍ରାହ୍ମଣମାନଙ୍କର ହୀତକାରୀ ଜଗତର କଲ୍ୟାଣ ପ୍ରଦ ଗୋକୁଳର ଇନ୍ଦ୍ର, ସେ ହିଁ ଶ୍ରୀକୃଷ୍ଣ ତୁମକୁ ବାରମ୍ବାର ନମସ୍କାର । ଏହି ଦେବକୀ ନନ୍ଦନଙ୍କର ଜୟଯୁକ୍ତ ହେଉ । ଏହି ବୃଷ୍ଣିବଂଶର ପ୍ରଦୀପ ଶ୍ରୀକୃଷ୍ଣ ଚନ୍ଦ୍ର ଜୟଯୁକ୍ତ ହୁଅନ୍ତୁ ଏହି ନବଜଳଦଓ ବପୁ ଓ କୋମଳାଙ୍ଗ ଶ୍ରୀକୃଷ୍ଣ ଚନ୍ଦ୍ର ଜୟଯୁକ୍ତ ହୁଅନ୍ତୁ । ଏହି ପୃଥିବୀ ଭାରନାଶକ ମୁକୁନ୍ଦ ଜୟଯୁକ୍ତ ହୁଅନ୍ତୁ । ଯିଏ ସମସ୍ତ ଜୀବ ମଧ୍ୟରେ ଅନ୍ତର୍ଯ୍ୟାମୀ ରୂପରେ ବାସ କରି ଅଛନ୍ତି ଯେ ଦେବକୀଙ୍କ ଠାରୁ ଜନ୍ମଗ୍ରହଣ କରିଅଛନ୍ତି ଏହା କଥାର କଥା ଯାହା ଇଚ୍ଛାମାତ୍ରକେ ସ୍ଥାବର ଜଙ୍ଗମର ଦୁଃଖ ବିନାଶକାରୀ ସେହି କୃଷ୍ଣଙ୍କୁ ସହାସ୍ୟ ବଦନରେ ବ୍ରଜପୁରର ବିନତାଗଣ ଜୟ ଯୁକ୍ତ ହେଉନ୍ତୁ । ମୁଁ ବ୍ରାହ୍ମଣ ନୁହେଁ, କ୍ଷତ୍ରିୟ ନୁହେଁ, ବୈଶ୍ୟ କିମ୍ବା ଶୁଦ୍ର ନୁହେଁ, ବ୍ରହ୍ମଚାରୀ, ଗୃହସ୍ଥ, ବାସପ୍ରସ୍ଥ, ସନ୍ନ୍ୟାସ ନୁହେଁ । ମୁଁ ଶ୍ରୀକୃଷ୍ଣଚନ୍ଦ୍ରଙ୍କର ଶ୍ରୀ ଚରଣ କିଙ୍କରଙ୍କ ଦାସାନୁଦାସର ଅନୁଦାସ।

ମହାପ୍ରଭୁଙ୍କର ନୃତ୍ୟ ଦେଖି ସମସ୍ତେ ଚମତ୍କୃତ । ସ୍ୱୟଂ ଜଗନ୍ନାଥ ପୁଲକିତ ରଥ ସ୍ଥିର । ତିଳେମାତ୍ର ଅଗ୍ରସର ହେଉନାହିଁ । ପ୍ରଭୁ ଜଗନ୍ନାଥ ଯେପରି ନିର୍ନିମେଶ ନୟନର ନୃତ୍ୟାବଲୋକନ କରୁଅଛନ୍ତି ସୁଭଦ୍ରା ବଳରାମଙ୍କ ଅନ୍ତରରେ ଉଲ୍ଲାସ । ପ୍ରସନ୍ନ ହସରେ ତାଙ୍କର ମୁଖ ମଣ୍ଡଳ ଯେପରି ଉଦ୍ଭାଷିତ । ଉଦ୍ଦଣ୍ଡ ନୃତ୍ୟ କରି କରି ଅଷ୍ଟ ସାତ୍ତ୍ୱିକ ଭାବର ଉଦୟ ହେଲା । ରୋମାବଳି ପୁଲକିତ କମ୍ପିତ । ଜଗନ୍ନାଥ ଶବ୍ଦ ଆଉ ମୁଖରେ ଉଚ୍ଚାରିତ ହେଉନାହିଁ। କେବଳ ଶୁଭୁଛି 'ଜ ଜ- ଗଗ' ପିଚକାରୀ ଭଳି ନୟନାଶ୍ରୁ ପ୍ରବାହିତ। ପାର୍ଶ୍ୱରେ ଥିବା ବ୍ୟକ୍ତି ସେହି ନୟନାଶ୍ରୁରେ ସିକ୍ତ । କେତେବେଳେ ଦୀର୍ଘ ଶ୍ୱାସ ବା ଶ୍ୱାସରୁଦ୍ଧ । ମୁଖରେ ଫେଣ । ସଖୀରେ ଯେଉଁ ପ୍ରାଣନାଥଙ୍କ ନିମିତ୍ତ ଅମର ପ୍ରାଣ ବ୍ୟାକୁଳ ଥିଲା ଯାହାଙ୍କ ପାଇଁ ଏତେଦିନ ମଦନ ଦହନରେ ଦଗ୍ଧିଭୂତ ହୋଇ ଝୁରି ଝୁରି ମରୁଥିଲା ସେହି ପ୍ରାଣନାଥଙ୍କୁ ଆଜି ପାଇଗଲୁ। ଏହି ଭକ୍ତି ମହାଭାବମୟୀ ଶ୍ରୀରାଧାଙ୍କର । ଶ୍ରୀରାଧିକା ଆଉ ବୃନ୍ଦାବନ ଧାମରେ ବୃନ୍ଦାବନ ଚନ୍ଦ୍ରଙ୍କୁ ପାଇଲେ ନାହିଁ । ପାଇଲେ କରୁକ୍ଷେତ୍ରରେ । କୁରୁକ୍ଷେତ୍ରରେ ସେ ଶ୍ରୀକୃଷ୍ଣଚନ୍ଦ୍ରଙ୍କର ଦର୍ଶନ ପାଇ ସଖୀମାନଙ୍କୁ କହିଥିଲେ।

ବଳଗଣ୍ଡିରେ ରଥ ରହିଲା । ନିୟମାନୁଯାୟି ସେଠାରେ ଜଗନ୍ନାଥଙ୍କର ଭୋଗ ଲାଗିହେଲା। ଭୋଗ ସମୟରେ ଅତି ଭିଡ଼ । ସେହି ସମୟରେ ପ୍ରଭୁ ଭୂମିରେ ଶୋଇ ପଡ଼ିଲେ । ସେହି ସମୟରେ ସାର୍ବଭୌମଙ୍କର ନିର୍ଦ୍ଦେଶରେ ବୈଷ୍ଣବ ବେଶ ଧାରଣ କରି ରାଜା ପ୍ରତାପରୁଦ୍ର ପ୍ରଭୁଙ୍କର ଶ୍ରୀପଦ ଯୁଗଳ ନିଜ ଅଙ୍କରେ ସ୍ଥାପନ କରି ପାଦ ମଉାଳିଲେ । ଧୀର ଲଳୀତ ଛନ୍ଦରେ ପ୍ରତାପରୁଦ୍ର ଦେବ ଗୋପୀଗୀତ ଗାଇବାକୁ ଲାଗିଲେ।

ତବ କଥା ମୃତ ତପ୍ତଜୀବନଂ
କବିଭିରିଡିତଂ କଲ୍ମଶାପହମ୍ ।
ଶ୍ରବଣ ମଙ୍ଗଳମ୍ ଶ୍ରୀମଦାତତଂ
ଭୂବିଗୃଣତି ତେ ଭୂରିଦା ଜନାଃ ॥

ହେ ପ୍ରାଣ ବଲ୍ଲଭ, ତୁମ ବିରହରେ ଆମ୍ଭମାନଙ୍କର ମୃତ୍ୟୁ ଉପସ୍ଥିତ ହୋଇଥିଲା । ତୁମର ଅମୃତ ପାନ କରାଇ ପୁଣ୍ୟବାନ ବ୍ୟକ୍ତିଗଣ ତାହା ନିବାରଣ କରିଅଛନ୍ତି । ତୁମର କଥାମୃତ ସ୍ୱର୍ଗୀୟ ଅମୃତ ଓ ମୋକ୍ଷାମୃତ ଠାରୁ ବିଲକ୍ଷଣ । ଯେ ହେତୁ ତମୁର କଥାମୃତ ସଂସାର ତପ୍ତ ଓ ଦ୍ୱନ୍ଦ୍ ବିରହ ତପ୍ତ ବ୍ୟକ୍ତିଗଣଙ୍କୁ ଜୀବଦାନ କରେ । କରେ ଯନ୍ତ୍ରଣାମୁକ୍ତ । ଅନ୍ୟ ଅମୃତ ତାହା କରିପାରେନା । ତୁମର କଥା ମୃତ (ପାପନାଶକ) ଓ ଶ୍ରବଣ ମାତ୍ରକେ ମଙ୍ଗଳପ୍ରଦ ଓ ସର୍ବାପେକ୍ଷା ଉତ୍କର୍ଷପୂର୍ଣ୍ଣ ଓ ସର୍ବବ୍ୟାପକ । ଅତଏବ୍ ପୃଥିବୀ ମଧ୍ୟରେ ଯେଉଁ ବ୍ୟକ୍ତି ଭୂରିଦ ବା ପ୍ରୀତିଦାନ କାରୀ। ପ୍ରତାପରୁଦ୍ର ଦେବଙ୍କର ମୁଖ ନିଃଶ୍ରୁତ ସେହି ଶ୍ଳୋକ ଶୁଣିବା ମାତ୍ରକେ ମହାପ୍ରଭୁ ପ୍ରେମବଶରେ ଉଠି ତାଙ୍କୁ ଆଲିଙ୍ଗନ କରି କହିଲେ- 'ତୁମେ ମୋରେ ଦିଲ ବହୁ ଅମୂଲ୍ୟରତନ, ମୋର କିଛି ଦେବାର ନାହିଁ କଲୁ ଆଲିଙ୍ଗନ।'

କିଏ ତୁମେ ଭୂରିଦାତା, କିଏ ତୁମେ ପ୍ରାଣ ଦାତା, ସ୍ୱଇଚ୍ଛାରେ ଏଠାକୁ ଆସି ମୋତେ ଅମୂଲ୍ୟ ରତ୍ନ ଦାନ କଲ । ତାହାର ବିନିମୟରେ ମୋର କିଛି ଦେବାର ନାହିଁ । ମୁଁ ନିସ୍ୱ । ଭିକାରୀ । ତୁମେ କେବଳ ମୋର । ଏହି ପ୍ରେମାଲିଙ୍ଗନ ଗ୍ରହଣ କର ବନ୍ଧୁ । ପ୍ରଭୁ ଗୌରାଙ୍ଗ ଦେବ ବାରବାର ସେହି ଶ୍ଳୋକ ପାଠକରି ଭୂରିଦା, ଭୂରିଦା ବୋଲି ରାଜାଙ୍କୁ ଆଲିଙ୍ଗନ କରିବାକୁ ଲାଗିଲେ । ଦେଖିଲେ ନାହିଁ ଯେ ସେକିଏ, କିଦୃଶ୍ୟ ! ମହାପୁରୁଙ୍କର ମହିମା । ପୁରୁଷୋତ୍ତମଙ୍କର କରୁଣା କିଏ ଏହି ରୁଦ୍ରମୂର୍ତ୍ତୀ ଓ କରୁଣାର ଘନ ବିଗ୍ରହ। 'ପ୍ରଭୁକହେ କିଏ ତୁମି କରିଲେ ମୋରା ହିତ । ଆଚମ୍ବିତ ଆସି ପିୟାଓ କୃଷ୍ଣଲୀଳାମୃତ ॥ ରାଜା କହେ ଆମି ତୋମାର୍ ଦାସେର୍ ଅନୁଦାସ, ଭୃତ୍ୟେର ଭୃତ୍ୟ କର ମୋରେ ଏହି ମୋର ଆଶ।' ରାଜାଙ୍କର ସେବାରେ ସନ୍ତୁଷ୍ଟ ହୋଇ ମହାପ୍ରଭୁ ତାଙ୍କୁ ଆତ୍ମସାତ କରିନେଲେ । ଆଜି ଅଚଳ ଦାରୁବ୍ରହ୍ମ ଚଳନ୍ତି ବ୍ରହ୍ମଙ୍କର ଓ ଭକ୍ତଗବାନଙ୍କର ମିଳନରେ ରଥଯାତ୍ରା ସମ୍ପୂର୍ଣ୍ଣ ହୋଇଥିଲା ।


+ପୂର୍ବତନ କେନ୍ଦ୍ରାଞ୍ଚଳ ସଂଯୋଜକ, ଶ୍ରୀସତ୍ୟସାଇ ସେବା ସମିତି, କଟକ,
ମୋ : ୯୭୭୮୬୭୩୫୯୨୬


# ପୂର୍ଣ୍ଣବ୍ରହ୍ମ ଶ୍ରୀ ଜଗନ୍ନାଥ




ପୁଷ୍ପମିତ୍ର ମହାପାତ୍ର




ଜଗନ୍ନାଥ ସଂସ୍କୃତି, ଇତିହାସ କହିଲେ ଜଗନ୍ନାଥଙ୍କ ଇତିହାସ । ଶ୍ରୀ ଜଗନ୍ନାଥ ହିଁ କେବଳ ସୁପ୍ରସିଦ୍ଧ ଓଡ଼ିଶା ବାସୀଙ୍କ ଧର୍ମ ଓ ବିଶ୍ୱାସର ପ୍ରାଣକେନ୍ଦ୍ର । ସେ ଓଡ଼ିଶା ବାସୀଙ୍କ ଦୃଷ୍ଟିରେ ମଦନ ସୁନ୍ଦର ନୁହଁନ୍ତି; କାଳିଆ । ପଦ୍ମଲୋଚନ ନୁହନ୍ତି; ଚକାଡୋଳା । ଚତୁର୍ଭୁଜ ନୁହନ୍ତି; ବଳିଆର ଭୁଜ । ଏ ଦେଶରେ ଶୈବ, ସୌର, ଶାକ୍ତ, ଜୈନ, ବୌଦ୍ଧ, ଗାଣପତ୍ୟ ଓ ବୈଷ୍ଣବ ପ୍ରଭୃତି କେତେକେତେ ଧର୍ମବାଦର ବନ୍ୟା ପ୍ଲାବିତ ହୋଇ କେତେକେତେ ଧର୍ମଗୁରୁ ଓ ମତପ୍ରଚାରକ ଆସି ସ୍ୱସ୍ୱ ମତବାଦ ପ୍ରଚାର କରି ଯାଇଛନ୍ତି, ତଥାପି କେହି ଜଗନ୍ନାଥଙ୍କୁ ନିଜର କରିପାରିନାହାନ୍ତି । ଦାରୁକୁ ପଥର କରି ପାରିନାହାନ୍ତି କିମ୍ବା ରୂପରେ କୌଣସି ପରିବର୍ତ୍ତନ ଘଟାଇ ପାରିନାହାନ୍ତି କିନ୍ତୁ ଯାହାକିଛି ନୂତନ, ଯାହା କିଛି ଗ୍ରାହ୍ୟବୋଲି ତତ୍କାଳୀନ ଜନତାର ମନରେ ସ୍ୱତଃସିଦ୍ଧ ହୋଇଛି, ସେ ସବୁକୁ ଜଗନ୍ନାଥଙ୍କ ପୂଜାବିଧିରେ ଖଞ୍ଜିଦିଆଯାଇଛି । ଏଣୁ ପ୍ରାଚୀନ ତମ ଧର୍ମୀୟ ପରମ୍ପରାରୁ ଆରମ୍ଭକରି ଶ୍ରୀଚୈତନ୍ୟଙ୍କ ପ୍ରେମଧର୍ମ ପର୍ଯ୍ୟନ୍ତ ସବୁଧର୍ମର ପୂଜାବିଧି ଜଗନ୍ନାଥଙ୍କ ପୂଜାରେ ପ୍ରଚଳିତ । ଦୁଇ ବାହୁ ପ୍ରସାରଣ ପୂର୍ବକ ଜଗନ୍ନାଥ ସମସ୍ତ ଧର୍ମ ଓ ସମସ୍ତ ଦର୍ଶନକୁ ଆଲିଙ୍ଗନ କରି ନିଜର କରିନେଇଛନ୍ତି ଅଥଚ ନିଜେ ଅଚଳ ଓ ଅଟଳ ଭାବେ ଶ୍ରୀନୀଳ କନ୍ଦରରେ ପତିତପାବନ ବାନା ଉଡାଇ ରତ୍ନସିଂହାସନରେ ବିଜେ କରିଛନ୍ତି ।

ପୁରାଣ ଯୁଗରୁ ଆରମ୍ଭକରି ଚଳିତ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ ଯାଏ ପୌରାଣିକ, ଐତିହାସିକ ତଥା ଧର୍ମ ଧ୍ୱଜାଧାରୀ ପଣ୍ଡିତମାନଙ୍କ ଦ୍ୱାରା ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଧାରଣାମାନ ପୋଷଣ କରାହୋଇଛି । ହେଲେ ଆଜିଯାଏ ସୁଦ୍ଧା କେବେ କିପରି କାହାଦ୍ୱାରା ଶ୍ରୀଜଗନ୍ନାଥଙ୍କ ପୂଜାର ପ୍ରବର୍ତ୍ତନ କରାଗଲା ସେ ବିଷୟରେ କୌଣସି ସବିଶେଷ ତଥ୍ୟ ନିଃସନ୍ଦିଗ୍ଧ ଭାବେ ପ୍ରକାଶ କରିପାରିନାହାନ୍ତି । ଖାଲି ସେତିକି ନୁହେଁ, ଜଗନ୍ନାଥ ଉପାସନା ବିଭିନ୍ନ ଧର୍ମ ମତବାଦର ସମନ୍ୱୟ ପୀଠ ରୂପେ ଗ୍ରହଣ କରିବା ପାଇଁ ଶୈବ, ଶାକ୍ତ ଓ ବୈଷ୍ଣବ ଆଦି ତିନି ସମ୍ପ୍ରଦାୟର ଏକ ମିଳିତ ପ୍ରଚେଷ୍ଟା ମଧ୍ୟ ବିଭିନ୍ନ ଶାସ୍ତ୍ରମାନଙ୍କରୁ ଦୃଷ୍ଟିଗୋଚର ହୁଏ । ଫଳରେ ଜଗନ୍ନାଥ, ସୁଭଦ୍ରା ଓ ବଳଭଦ୍ର ଯଥାକ୍ରମେ ବିଷ୍ଣୁ ଶକ୍ତି ଓ ଶିବଲିଙ୍ଗରୂପେ ଏକତ୍ର ଉପାସିତ ହୋଇ ଆସିଥିବା ଦେଖାଯାଏ । ଏହିପରି ଭାବରେ ବୌଦ୍ଧ, ବୈଷ୍ଣବ, ଶୈବ, ଶାକ୍ତ ପ୍ରଭୃତି ସମସ୍ତେ ଦାରୁବ୍ରହ୍ମଙ୍କୁ ନିଜର ବୋଲି ପ୍ରମାଣିତ କରିବାକୁ ଯଥାକ୍ରମେ ଚେଷ୍ଟାକରି ଆସିଛନ୍ତି କିନ୍ତୁ ଦାରୁବ୍ରହ୍ମ କାହାରି ହୋଇନାହାନ୍ତି । ବରଂ ଏହା ଆଦିମ ଅଷ୍ଟ୍ରିକ୍-ଶବର-ଗୋଷ୍ଠୀଦ୍ୱାରା ପ୍ରଚଳିତ ବୃକ୍ଷପୂଜାର ଅବଶେଷ ଦାରୁପୂଜା ବୋଲି ପ୍ରମାଣିତ ହୋଇଛି । ଏହି ପରିପ୍ରେକ୍ଷିରେ ଦାରୁମୂର୍ତ୍ତିକୁ ସଂସ୍କୃତିର ଆଦିମ ଉସ୍ତରୂପେ ଉତ୍କଳୀୟ ଧର୍ମଧାରାରେ ବୃକ୍ଷ ଉପାସନାର ପରମ୍ପରାକୁ ଆଲୋଚନାର ପରିସର ଭୁକ୍ତ କରାଯାଇପାରେ । ଓଡ଼ିଆ ସଂସ୍କୃତିରେ ବର, ଅଶ୍ୱସ୍ଥ, ବିଲ୍ୱ, ଅଶୋକ, ଅଁଳା ଓ ତୁଳସୀବୃକ୍ଷର ଉପାସନା ବହୁ କାଳରୁ ଆଦରଲାଭ କରିଆସିଛି । ଏହି ଉପାସନା ମୁଖ୍ୟତଃ ଶବର ସଂସ୍କୃତିରୁ ଜନ୍ମଲାଭ କରିଛି । ଏଣୁ ସାଧାରଣତଃ ସେମାନେ ବୃକ୍ଷଉପାସକର ମର୍ଯ୍ୟାଦାଲାଭ କରିଛନ୍ତି । ସୌରା ସମ୍ପ୍ରଦାୟର ଶବରମାନଙ୍କ ମତରେ ଜଗତକର୍ତ୍ତା ପ୍ରଥମେ ବୃକ୍ଷ ସୃଷ୍ଟି କରିଥିଲେ । ତେଣୁ ଶବରମାନେ ବୃକ୍ଷକୁ ନିଜଗୋତ୍ରର ସଂକେତ ହିସାବରେ ପୂଜାକରିଥାଆନ୍ତି । ଶବର ବୁଝିଥିଲା ଯେ ଏ ସଂସାର ଏକ ବୃକ୍ଷ ସଦୃଶ । ମନୁଷ୍ୟର ଶରୀର ତଥା ମନ ଏକ ବୃକ୍ଷତୁଲ୍ୟ ଓ ପଞ୍ଚଇନ୍ଦ୍ରିୟମାନେ ଏହି ଶରୀର ରୂପକବୃକ୍ଷର ଶାଖାପ୍ରଶାଖା ସଦୃଶ । ଅଥର୍ବ ବେଦରେ ବୃକ୍ଷକୁ ଦେବସଦନ ବୋଲି କୁହାଯାଇଛି । ଏସବୁ କହିବାର ତାତ୍ପର୍ଯ୍ୟ ହେଉଛି, ବୃକ୍ଷ ବା ଦାରୁ ଉପାସନାର ପ୍ରାଧାନ୍ୟ ଶବର ସମ୍ପ୍ରଦାୟ ମଧ୍ୟରେ ବହୁକାଳରୁ ଚଳିଆସିଛି । ଏଥିରୁ ପ୍ରମାଣିତ ହୁଏ ଯେ ଦାରୁମୂର୍ତ୍ତି ବିକାଶର ପରମ୍ପରା ଓ ସଂସ୍କୃତି ଶାବର ସଭ୍ୟତାରୁ ଜନ୍ମଲାଭ କରିଛି । ଆଧ୍ୟାତ୍ମିକ ଚିନ୍ତାଧାରାର ଅପୂର୍ବ ସମନ୍ୱୟର ଫଳ ସ୍ୱରୂପ ଦାରବୀୟ ଜଗନ୍ନାଥ ଶବର ଉପାସିତ ଦାରୁଦେବତାର ରୂପାନ୍ତରିତ ହୋଇଛନ୍ତି । ଅନାର୍ଯ୍ୟ ଶବର ଦେବତା କିତୁଂ ଓ ଆର୍ଯ୍ୟମାନଙ୍କର ଜଗନ୍ନାଥ, ଯେକି ଦାରୁମୂର୍ତ୍ତି ସଂସ୍କୃତିର ପ୍ରତୀକ ସେ ଏକ ଅଭିନ୍ନ। ଏଥିରେ ସନ୍ଦେହର ଅବକାଶ ନାହିଁ।

ଏହି ପରିପ୍ରେକ୍ଷୀରେ ଦାରୁମୂର୍ତ୍ତି ସଂସ୍କୃତିର ପ୍ରତୀକ ଶ୍ରୀ ଜଗନ୍ନାଥ ଓ ଶବର ଦେବତା ନୀଳମାଧବ ଯେ ଏକ ଅଦ୍ୱିତୀୟ ଓ ଅଭିନ୍ନ ଏହା ସର୍ବବାଦୀ ସମ୍ମତ । ତେଣୁ ଉତ୍କଳୀୟ ସଂସ୍କୃତିରେ ଶ୍ରୀ ଜଗନ୍ନାଥଙ୍କ ଚତୁର୍ଦ୍ଧା ବିଗ୍ରହ ବ୍ରହ୍ମଦାରୁ ସଂସ୍କୃତିର ଉଜ୍ଜ୍ୱଳମୟ ପରମ୍ପରାକୁ ଯୁଗଯୁଗ ଧରି ବହନ କରିଆସିଛି । ଆଦିମ ଶବରମାନଙ୍କ ଉପାସିତ ଦାରୁ ପୂଜାର କ୍ରମ ବିକାଶ ଓ ପରିଣତି ଏ କ୍ଷେତ୍ରର ସର୍ବାଧିକ ସହାୟକ ହୋଇଛି। ଏହା ସୁସ୍ପଷ୍ଟ ଯେ ଆଜିର ରତ୍ନସିଂହାସନାଧିରୁଢ଼ ଭକ୍ତବତ୍ସଳ ଶ୍ରୀଜଗନ୍ନାଥ ପୌରାଣିକ କିମ୍ବଦନ୍ତୀର ରହସ୍ୟମୟ ନୀଳମାଧବ ପରବର୍ତ୍ତୀ କାଳରେ ଦାରୁମୂର୍ତ୍ତି ସଂସ୍କୃତିର ସାକାର ପରିକଳ୍ପା ମଧ୍ୟରେ ପ୍ରତିଷ୍ଠାଲାଭ କରିଛନ୍ତି । ଏହି ପୁରୁଷୋତ୍ତମ କ୍ଷେତ୍ରାଧିଷ୍ଠିତ ଦାରୁରୂପୀ ପ୍ରଭୁ ଶ୍ରୀଜଗନ୍ନାଥ ଉତ୍କଳୀୟ ସଂସ୍କୃତି ଓ ପରମ୍ପରାର ଏକ ବାସ୍ତବ ଭାବରେ ଶ୍ରୀକ୍ଷେତ୍ରାଧିଷ୍ଠିତ ହୋଇ ସକଳ ଗତି, ମୁକ୍ତିର ଆଧାର ରୂପେ ଅନୁଗୃହୀତ ହୋଇ ଆସିଛନ୍ତି । ସେ ସ୍ୱୟଂ ଆଦି ଅନ୍ତହୀନ ପରଂବ୍ରହ୍ମ ।

ବହୁ ପୁରାତନ କାଳରୁ ଉତ୍କଳ ଭୂମିରେ ବୈଦିକ ଧର୍ମ, ଦର୍ଶନ ବିସ୍ତାର ଲାଭ କରିଥିବା ବେଳେ କାଳକ୍ରମେ ଏହି ସନାତନ ଧର୍ମରୁ ଜାତି ପ୍ରଜାତି ଓ ବହୁ ଧର୍ମୀୟ ଧାରାକୁ ଉତ୍କଳୀୟମାନେ ଉଦାର ଚିତ୍ତରେ ସମ୍ମାନ ଦେଇ ଆସିଛନ୍ତି । ଏହି କାରଣରୁ ଉତ୍କଳ ଭୂମିରେ ଜୈନ, ବୌଦ୍ଧ, ଶାକ୍ତ, ଶୈବ, ରୁଦ୍ର, ଗାଣପତ୍ୟ, ମହିମା, ଶୂନ୍ୟବାଦ ଆଦି ସବୁ ଧର୍ମ ତତ୍ତ୍ୱ ଓ ଦର୍ଶନର ମହାମିଳନ ଘଟିଛି । ପ୍ରତିବର୍ଷ ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ଅନୁଷ୍ଠିତ ହେଉଥିବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା ଏହାର ଜ୍ୱଳନ୍ତ ଉଦାହରଣ । ଭଗବତ୍ ଆରାଧନା ଯଦି ଆତ୍ମାକୁ ମାଟିର ମାୟାଠାରୁ ଉର୍ଦ୍ଧ୍ୱଗାମୀ କରୁଥାଏ ତେବେ ସେଇ ପରମାତ୍ମାଙ୍କର ସ୍ୱରୂପ ଚିନ୍ତନ ଓ ଅର୍ଚ୍ଚନା ପାଇଁ ଆବ୍ରାହ୍ମଣ ଚଣ୍ଡାଳ ସମସ୍ତଙ୍କ ମୌଳିକ ଅଧିକାରକୁ ଏହି ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା ସ୍ୱିକୃତୀ ପ୍ରଦାନ କରିଆସିଛି । ଉତ୍କଳର ସାଂସ୍କୃତିକ ପ୍ରବାହରେ ମାନବିକ ପ୍ରାଣୋଚ୍ଛ୍ୱାସର ଭକ୍ତବତ୍ସଳ ପ୍ରଭୁ ଶ୍ରୀ ଜଗନ୍ନାଥ, ସଂସ୍କୃତିର ମହାପ୍ରବାହକୁ ଉଜ୍ଜିବୀତ କରିବାପାଇଁ ରତ୍ନସିଂହାସନରୁ ଓହ୍ଲାଇ ଆସନ୍ତି ଉଦ୍‌ଗ୍ରୀବ ଭକ୍ତମାନଙ୍କ ଗହଣକୁ । ବିସ୍ମୟ ଓ ବିସ୍ଫାରିତ ନୟନରେ ବିଶାଳ ବାହୁ ବିସ୍ତାର କରି ଆପଣାର କରିନିଅନ୍ତି ସମସ୍ତ ଭକ୍ତଜନଙ୍କୁ । ଏହିଠାରେ ହିଁ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ସ୍ଥାପିତ ହୋଇଥାଏ ଅପୂର୍ବ ସମନ୍ୱୟର ସେତୁ । ଏହି ସମନ୍ୱୟ ସଂସ୍କୃତିର ଅମୃତ ଝଙ୍କାରରେ କେବଳ ଓଡ଼ିଶା ନୁହେଁ, କି ଭାରତ ବର୍ଷନୁହେଁ ସମଗ୍ର ସୃଷ୍ଟିର ଜନଜୀବନକୁ ଯୁଗଯୁଗ ଧରି ଗଭୀର ଭାବଗତ ସ୍ତରରେ ଏକାତ୍ମ କରିଦିଏ। ଶ୍ରୀଜଗନ୍ନାଥଙ୍କ ଶରଣ ନେଲେ ଜୀବନ ଜଗନ୍ନାଥମୟ ହୋଇଥାଏ। ପ୍ରତ୍ୟେକ ଦୃଶ୍ୟରେ ପୁରୁଷୋତ୍ତମ ଜଗନ୍ନାଥଙ୍କୁ ଦର୍ଶନ କରିହୁଏ। ପ୍ରତ୍ୟେକ ଚିନ୍ତାରେ ସେ ଚିନ୍ତାମଣି ଜଗନ୍ନାଥଙ୍କୁ ଉପଲବ୍ଧ କରିହୁଏ ତାହା ହିଁ ଜୀବନର ସାର୍ଥକତା ଏବଂ ପରିପୂର୍ଣ୍ଣତା।


+ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ


# ଜଗବନ୍ଧୁ ହେ ଗୋସାଇଁ...


ବିପିନ ବିହାରୀ ରାଉତ




ଓଡ଼ିଆର ପ୍ରାଣକେନ୍ଦ୍ର ପ୍ରଭୁ ଜଗନ୍ନାଥ । ମହାପ୍ରଭୁଙ୍କୁ ବାଦ୍‌ଦେଲେ ଓଡ଼ିଆ ଜାତିର ସ୍ଥିତି, ସଂସ୍କୃତି ସବୁ ଶୂନ୍ୟ ହୋଇଯିବ । ଶ୍ରୀକ୍ଷେତ୍ରଧାମ ଦେଶର ଚାରିଧାମ - ବଦ୍ରିନାଥ, ଦ୍ୱାରକାନାଥ ଏବଂ ରାମନାଥଙ୍କ ମଧ୍ୟରୁ ଅନ୍ୟତମ ତଥା ଗୁରୁତ୍ୱପୂର୍ଣ୍ଣ । ଯେତେ ତୀର୍ଥ ବୁଲି ଆସିଲେ ବି ଶେଷ ଜଗନ୍ନାଥ ଧାମରେ ହୋଇଥାଏ । ଭକ୍ତମାନେ ପ୍ରଭୁ ଜଗନ୍ନାଥଙ୍କ ପାଖକୁ ଆସିଥାନ୍ତି ସେମାନଙ୍କର ସମସ୍ତ ଦୁଃଖ ଯନ୍ତ୍ରଣା ଲାଘବ କରି ମାନସିକ ଶାନ୍ତି ପାଇବା ପାଇଁ । ଶ୍ରୀଜଗନ୍ନାଥ କେବଳ ସଂସ୍କୃତି କି ପରମ୍ପରାର ଧାରକ ନୁହନ୍ତି । ପ୍ରଭୁଙ୍କର ଦୈନନ୍ଦିନ ରୀତିନୀତି ସହିତ ଅନେକ ବୈଜ୍ଞାନିକ ତତ୍ତ୍ୱ ଜଡ଼ିତ । ଶ୍ରୀଜଗନ୍ନାଥ ସଂସ୍କୃତିର ସମସ୍ତ ନୀତିକାନ୍ତ ଏବଂ ବାର୍ଷିକ ପର୍ବୋତ୍ସବ ମଣିଷର ମାନସିକ ସ୍ଥିତିକୁ ବେଶ୍ ପ୍ରଭାବିତ କରିଥାଏ।

'ଜଗବନ୍ଧୁ ହେ ଗୋସାଇଁ, ଜଗବନ୍ଧୁ ହେ ଗୋସାଇଁ, ....ମୋହ ଯିବା ଯାଏ ନନ୍ଦିଘୋଷ ଥିବ ରହି' - ଆଜି ବି କେବଳ ଓଡ଼ିଆମାନେ ନୁହଁନ୍ତି ସମଗ୍ର ବିଶ୍ୱର ଯେଉଁଠି ବି ଯେ କୌଣସି ହିନ୍ଦୁ ବିଚାରଧାରା ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରଦ୍ଧାଳୁ ରହିଥିବେ ସମସ୍ତେ ଉପରୋକ୍ତ ଗୀତଟିକୁ ନିଜ ହୃଦୟ ଭିତରେ ଗୁଣୁଗୁଣଉଥିବେ। ନିଜ ଆରାଧ ଭଗବାନଙ୍କ ପ୍ରତି ଆତ୍ମସମର୍ପଣ ଓ ନିଜର ଅକ୍ଷମତା ପାଇଁ ତାଙ୍କ ଦର୍ଶନ ନପାଇ ନିଜ ଭିତରେ ଆବେଗର କୋହ, ଲୁହ ଓ ଭକ୍ତି ଭାବନାକୁ ନେଇ ତିଆରି ହୋଇଥିବା ଏହି ଭଜନର ପ୍ରତିଟି ଶବ୍ଦ ଅତ୍ୟନ୍ତ ମର୍ମସ୍ପର୍ଶୀ। ଯବନ ଭକ୍ତ ସାଲବେଗ ନିଜ ଜାତି ପାଇଁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ସମୟରେ ଦର୍ଶନ ନପାଇ ସେବାୟତଙ୍କ ଠାରୁ ଯେଉଁପରି ଯନ୍ତ୍ରଣା ପାଇଥିଲେ ସେଇଠୁ ସିଧା ସମୁଦ୍ର କୂଳକୁ ଯାଇ ଏକ ବାଲିରଥ ତିଆରି କରି ଯବନ ଭକ୍ତ ସାଲବେଗ ନିଜ ନିଃସ୍ୱାର୍ଥ ଭକ୍ତି ଭାବନାକୁ ନେଇ ନିଜ ମଣିମା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଭାବ ପ୍ରବଣ ହୋଇ ଯେଉଁ ଧାଡ଼ିଟି ତାଙ୍କ ହୃଦୟ ଭିତରୁ ବାହାରି ଆସିଥିଲା ତାହା ଥିଲା 'ମୋହ ଯିବା ଯାଏ ନନ୍ଦିଘୋଷ ଥିବ ରହି'। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପତିତପାବନ ଯାତ୍ରା ପବିତ୍ର ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅବସରରେ ସହୃଦୟ ପାଠକ ମାନଙ୍କୁ ମନେପକାଇ ଦେଉଛୁ ଏକ ଅବିସ୍ମରଣୀୟ ଘଟଣାଟିକୁ। ଓଡ଼ିଆଙ୍କ ପରିଚୟର ସବୁକିଛି ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ସହୃଦୟ ପାଠକ ଓ ସିନେପ୍ରେମୀ ମାନଙ୍କ ଭିତରେ ମନ ଥିବ ଶ୍ରୀଜଗନ୍ନାଥଙ୍କ ଭକ୍ତି ଭାବନାକୁ ନେଇ କିଛି ବର୍ଷ ତଳେ ତିଆରି ହୋଇଥିଲା ଏକ ସିନେମା। ଏହି ଆବେଗଭରା ଓଡ଼ିଆ ଚଳଚ୍ଚିତ୍ର ହେଉଛି 'ଭକ୍ତ ସାଲବେଗ'। ଯେଉଁଥିରେ ଏକ ଗୀତ ଥିଲା 'ଜଗବନ୍ଧୁ ହେ ଗୋସାଇଁ'। ଗୀତଟିକୁ ଲେଖିଥିଲେ ଯବନ ଭକ୍ତ ସାଲବେଗ ଆଉ ସିନେମାରେ ତାକୁ ଗାଇଥିଲେ ଭଜନ ସମ୍ରାଟ ଭିକାରୀ ବଳ।

କୋଟି କୋଟି ଓଡ଼ିଆ ସଂଗୀତପ୍ରେମୀଙ୍କୁ ଏଠାରେ ମନେପକାଇ ଦେଉଛୁ କି ଯେ, ଏହି ହୃଦୟସ୍ପର୍ଶୀ ଗୀତର ଲେଖନୀ ସହ ଏହାର କାହାଣୀ ମଧ୍ୟ ଥିଲା ଏକ ଭିନ୍ନ ଭାବନାର। ଏହି ପାରମ୍ପରିକ ଲେଖାର ଗୀତଟିର ସ୍ୱର ପ୍ରତିଟି ଓଡ଼ିଆଙ୍କ ଘରେ ଘରେ କାଳଜୟୀ ଓ ପରିଚିତି ପାଇସାରିଛି। ଓଡ଼ିଶାର ସଙ୍ଗୀତ, ସୃଜନଶୀଳ ସାହିତ୍ୟ ସବୁକିଛିକୁ ମାର୍ଗ ଦେଖାଉଥିବା ଓଡ଼ିଶା ଅଭିଲେଖାଗାରର ସଂଗୃହୀତ ତଥ୍ୟ ଅନୁଯାୟୀ ଏକଦା ଭଜନ ସମ୍ରାଟ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭଜନ ଗାନକୁ ତଲ୍ଲୀନ ଭାବଧାରାରେ ପରିବେଷଣ କରୁଥିବା ଭିକାରୀ ବଳଙ୍କ ସଂଗୀତ ଗୁରୁ ବାଳକୃଷ୍ଣ ଦାଶ ଏହି ଗୀତଟିକୁ ଗାଇଥିଲେ। ଯେତେବେଳେ ଚଳଚ୍ଚିତ୍ର 'ଭକ୍ତ ସାଲବେଗ'ର ପ୍ରଯୋଜକ ଗୀତ ଗାଇବା ପାଇଁ ଭିକାରୀ ବଳଙ୍କ ସହ ଚୁକ୍ତି କରିଥିଲେ ସେତେବେଳେ ଜଣାପଡ଼ିଥିଲା ଯେ ଏହାର ସ୍ୱର ପ୍ରଦାନ ପାଇଁ ଅନୁମତି ନିଆ ସାରିଛି ଭୁବନେଶ୍ୱର ମିଶ୍ରଙ୍କ ଠାରୁ। ସେ ସମୟରେ ଭୁବନେଶ୍ୱର ମିଶ୍ର ମୁମ୍ବାଇରେ ଥିବାରୁ ପ୍ରଯୋଜକ ମହାଶୟ ମୁମ୍ବାଇରେ ଗୀତ ଶିଖା ସହ ସେହିଠାରେ ହିଁ ରେକର୍ଡ଼ ହେବାର ବନ୍ଦୋବସ୍ତ କରିଥିଲେ। ଭଜନ ସମ୍ରାଟ ଭିକାରୀ ବଳ ମୁମ୍ବାଇ ଯାଇଥିଲେ। ସେଠାରେ ତାଙ୍କୁ କିନ୍ତୁ ଅତି ଆନନ୍ଦରେ ଭୁବନେଶ୍ୱର ମିଶ୍ର ଏକ ପ୍ରକାର ବନ୍ଧୁ ସଂଙ୍ଖୋଳି କହିଥିଲେ ଯେ ଭିକାରୀ ବଳ ଏଇଠି ମୋ ଘରେ ହିଁ ସେ ରହିବେ ଏବଂ ମୁଁ ତାଙ୍କୁ ଘରେ ରହି ହିଁ ତମାମ ଗୀତ ଓ ଏହାର ପାରମ୍ପରିକ ସ୍ୱର ସବୁକିଛି ଶିକ୍ଷା କଦେବି। ତିନି ଚାରିଦିନ ଭିତରେ 'ଭକ୍ତ ସାଲବେଗ' ଚଳଚ୍ଚିତ୍ରର ସବୁ ଗୀତ ଶିଖା ସହ ଏହାର ରେକର୍ଡ଼ିଂ ପାଇଁ ବ୍ୟବସ୍ଥା ଆରମ୍ଭ ହେଲା। ଏହି ହୃଦୟସ୍ପର୍ଶୀ ଭାବ ଗମ୍ଭୀର ଗୀତଟିକୁ ରଚନା କରିଥିଲେ ସ୍ୱୟଂ ଶ୍ରୀଜଗନ୍ନାଥଙ୍କ ଯବନ ଭକ୍ତ ସାଲବେଗ। ଏହି ଗୀତର ପ୍ରତିଟି ଶବ୍ଦ ଭିତରେ ଯେପରି ପାରମ୍ପରିକତା ରହିବ ଏ ଦିଗକୁ ଭୁବନେଶ୍ୱର ମିଶ୍ର ବହୁତ ବଡ଼ ଗୁରୁତ୍ୱ ଦେଉଥିଲେ। ଯେଉଁଦିନ 'ଜଗବନ୍ଧୁ ହେ ଗୋସାଇଁ' ଗୀତଟି ଶିକ୍ଷା କରିଥିଲେ ଭିକାରୀ ବଳ ସେ ଭୁବନେଶ୍ୱର ମିଶ୍ରଙ୍କୁ କହିଥିଲେ 'ସାର ଏହି ଗୀତର କ୍ଷୀପ୍ରତା ବା ସ୍ପିଡ ଟିକେ ଅଧିକ ହୋଇଯାଉଛି। ସବୁ ଓଡ଼ିଆ ଲୋକ ଏହି ଗୀତଟିକୁ ଗ୍ରହଣ କରିପାରିବେ ତ ?' ପୂର୍ବରୁ ଏହି ଗୀତଟିକୁ ବିଖ୍ୟାତ ସଂଗୀତ ସାଧକ ବାଳକୃଷ୍ଣ ଦାଶ ସ୍ୱର କରି ନିଜେ ଗାଇସାରିଥିଲେ। ତେଣୁ ଏହି ଗୀତଟିକୁ ସମସ୍ତେ ଜାଣି ସାରିଥିଲେ। ସେ ସମୟରେ ଭିକାରୀ ବଳଙ୍କୁ ଏହି ଗୀତ ସମ୍ପର୍କରେ ମତାମତ ଦେବାକୁ ଯାଇ ଭୁବନେଶ୍ୱର ମିଶ୍ର କହିଥିଲେ 'ଆମେ ତ ଭାବକୁ ନଷ୍ଟ କରୁନାହୁଁ, ଏ ଗୀତରେ ଭକ୍ତର ଯେଉଁ ମିନତି ତାହା ସ୍ପିଡ ହେଲେ ଆହୁରି ଭଲ ଲାଗୁଛି। ଦେଖିବ, ଲୋକେ ଭଲ ପାଇବେ।' ତାହା ହିଁ ହେଲା, ଲୋକେ ଭକ୍ତ ସାଲବେଗ ଚଳଚ୍ଚିତ୍ରର ଜଗବନ୍ଧୁ ହେ ଗୋସାଇଁ ଗୀତକୁ ପସନ୍ଦ କରିଥିଲେ।


+ତୁଳସୀପୁର, କଟକ

## ୭୫ତମ ବନ ମହୋତ୍ସବ

ବେତନଟୀ, ୦୫/୭ (ନି.ପ୍ର): ବେତନଟୀ ବ୍ଲକ ଖଇରବଣୀ ଆଶ୍ରମ ବିଦ୍ୟାଳୟରେ ସର୍ବ ଭାରତୀୟ ସ୍ତରରେ ପାଳନ କରାଯାଉଥିବା ୭୫ ତମ ବନ ମହୋତ୍ସବ ପାଳନ କରାଯିବା ସହିତ ପିଲାମାନଙ୍କ ମଧ୍ୟରେ ପରିବେଶ ସମ୍ପର୍କିତ କୁଇଜ୍ ଓ ଚିତ୍ରାଙ୍କନ ପ୍ରତିଯୋଗୀତା କରାଯାଇ କୃତୀ ପିଲାମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ବିନୀତା ଦାଶଙ୍କ ପୌରହିତ୍ୟରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଅରୁଣ କୁମାର ଓତା ଯୋଗଦେଇ ବନମହୋତ୍ସବର ତାତ୍ପର୍ଯ୍ୟ ସମ୍ପର୍କରେ ପିଲାମାନଙ୍କୁ ସଚେତନତାର ବାର୍ତ୍ତା ଦେଇଥିଲେ । ବେତନଟୀ ବନାଞ୍ଚଳ ତରଫରୁ ବୈଶିଙ୍ଗା ବନରକ୍ଷୀ ଉତ୍ତମ କୁମାର ଦାସ, ବନ କର୍ମଚାରୀ ହରେକୃଷ୍ଣ ମାଝୀ ଯୋଗ ଦେଇ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । 'ମା ପାଇଁ ଗଛଟିଏ ' ଏହି ମର୍ମରେ ବୃକ୍ଷର ଉପକାରିତାକୁ ହୃଦୟଙ୍ଗମ କରି କେତେକ ପିଲା ପ୍ରତି ବର୍ଷ ଗୋଟିଏ ବା ଦୁଇଟି ଗଛ ଲଗାଇ ତାର ଯତ୍ନ ନେବା ପାଇଁ ପ୍ରେରଣା ଦିଆଯାଇଥିଲା। ଏଥିରେ ବିଦ୍ୟାଳୟର ଶିକ୍ଷକ/ଶିକ୍ଷିକା , ପରିଚାଳନା କମିଟିର ସଭାପତି ଏବଂ ସଦସ୍ୟ ବୃନ୍ଦ ସହଯୋଗ କରିଥିଲେ । ଶେଷରେ ଶିକ୍ଷକ ରତିକାନ୍ତ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

## ନୀଳଗିରି କୃଷିବିଭାଗ ପକ୍ଷରୁ ସହ ସମ୍ପ୍ରସାରଣ କର୍ମୀ ତାଲିମ ଶିବିର ଅନୁଷ୍ଠିତ




ନୀଳଗିରି, ୦୫/୭ (ନି.ପ୍ର): କୃଷି ଓ କୃଷକ ସଶକ୍ତିକରଣ ବିଭାଗ ବାଲେଶ୍ୱର ଆନୁକୂଲ୍ୟରେ ଜିଲ୍ଲା କୃଷି ଅଧିକାରୀ ନୀଳଗିରିଙ୍କ କାର୍ଯ୍ୟାଳୟ ପରିସରରେ ଉପଖଣ୍ଡସ୍ତରୀୟ ୨ ଦିନିଆ ସହ ସମ୍ପ୍ରସାରଣ କର୍ମୀ(କୃଷକ ସାଥୀ)ତାଲିମ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏହି ଶିବିରକୁ ଜିଲ୍ଲା ମୁଖ୍ୟ କୃଷିଅଧିକାରୀ ଲକ୍ଷ୍ମଣ ଚନ୍ଦ୍ର ମୁର୍ମୁ ଉଦ୍ଘାଟନ କରିଥିଲେ। ଜିଲ୍ଲା କୃଷି ଅଧିକାରୀ ସୁମନ୍ତ ନାୟକ ସଭାପତିତ୍ୱ କରିଥିଲେ। ୫ଓ ୬ତାରିଖ ଦୁଇଦିନ ଧରି ଅନୁଷ୍ଠିତ ଏହି ତାଲିମ ଶିବିରରେ ନୀଳଗିରି ଉପଖଣ୍ଡର ନୀଳଗିରି ଓ ଔପଦା ବ୍ଲକ୍ରୁ ୧୪୮ଜଣ ସହ ସମ୍ପ୍ରସାରଣ କର୍ମୀ (କୃଷକ ସାଥୀ) ମାନଙ୍କୁ ତାଲିମ ଦିଆଯାଇଥିଲା। ଉକ୍ତ ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ୍ କୃଷି ଅଧିକାରିଣୀ ମିତାଲୀ ନାୟକ, ସହ କୃଷିଅଧିକାରିଣୀ - ପ୍ରଜ୍ଞାଶ୍ରୀ ଚାନ୍ଦ, ତଟିନୀ ତପସ୍ୱିନୀ, ପିପିଏ ଅରୁଣ ପରିଡା, ଗୋପୀନାଥ କର, ନଳିନୀ ଶଙ୍କର ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ବନମହୋତ୍ସବ ପାଳିତ




ବାରିପଦା , ୦୫/୭ (ନି.ପ୍ର): ସ୍ଥାନୀୟ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ବନମହୋତ୍ସବ ପାଳିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ରୂପେ ଯୋଗଦାନ କରି କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ । କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ପରିଷଦର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ବିଶ୍ୱଜିତ ରଥ ଯୋଗଦେଇ ଏଭଳି କାର୍ଯ୍ୟକ୍ରମ ଆଗାମୀ ଦିନରେ ଚାଲୁ ରହିବ ବୋଲି ମତପ୍ରକାଶ କରିଥିଲେ । କୁଳସଚିବ ଶ୍ରୀ ସହଦେବ ସମାଧିଆ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଓ ବିତ୍ତ ନିୟନ୍ତ୍ରକ ଶ୍ରୀ ଶୁକଦେବ ତରେଇ ପରିଚାଳନାରେ ସହଯୋଗ କରିଥିଲେ । ବିଶ୍ୱବିଦ୍ୟାଳୟର ମାନବ ସମ୍ବଳ ବିକାଶ ସୌଧ ପରିସର ପ୍ରାନ୍ତରରେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ସମସ୍ତେ ମିଳିତ ଭାବରେ ବୃକ୍ଷରୋପଣ କରିଥିଲେ । ବାରିପଦା ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟରୁ ପ୍ରାପ୍ତ ଆମ୍ବ, ପଣସ, ପିଜୁଳି, ସପେଟା, ଲିଚୁ, ଜାମୁ, ବାହାଡ଼ା, ହରିଡ଼ା ଆଦି ଉପାଦେୟ ଗଛଚାରାମାନ ରୋପଣ କରାଯାଇଥିଲା । ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ସଂଯୋଜକ ଡ. ବସନ୍ତ କୁମାର ମହାନ୍ତ ଓ ଅଧିକାରୀ ସହକାରୀ ପ୍ରଫେସର ଡ. ବିଷ୍ଣୁପ୍ରିୟା ହାଁସଦା ଏହି କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।

## ଜାମଶୂଳୀ କଲେଜରେ ବନ ମହୋତ୍ସବ ଅବସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ




ଲଙ୍ଗଳେଶ୍ୱର/ବାଲିଆପାଳ , ୦୫/୭ (ନି.ପ୍ର): ଜାମଶୂଳୀ ସ୍ଥିତ ଲକ୍ଷ୍ମୀ ନାରାୟଣ କଲେଜର ଯୁବ ରେଡ୍ କ୍ରସ ଓ ଜାତୀୟ ସେବା ଯୋଜନା ପକ୍ଷରୁ ବନ ମହୋତ୍ସବ ଅବସରରେ ଶୁକ୍ରବାର ବୃକ୍ଷ ରୋପଣ କାର୍ଯ୍ୟକ୍ରମ ହୋଇଯାଇଛି। କଲେଜ ଅଧ୍ୟକ୍ଷା ଲିପିକା ଜାନା କାର୍ଯ୍ୟକ୍ରମ୍ କୁ ଉଦଘାଟନ କରି ବୃକ୍ଷ ରୋପଣର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଜାତୀୟ ସେବା ଯୋଜନା ମାର୍ଗ ଦର୍ଶକ ଅଧ୍ୟାପକ ଡ଼ଃ ସୁକାନ୍ତ କୁମାର ଗିରି, ସେବା ଯୋଜନା ଅଧିକାରୀ ଅଧ୍ୟାପକ ବଙ୍କିମ ଚନ୍ଦ୍ର ମୈକାପ୍, ପ୍ରୋଗ୍ରାମ ଅଫିସର ଅଧ୍ୟାପକ ନଗେନ୍ଦ୍ର ନାଥ ପାତ୍ର, ଅଧ୍ୟାପିକା ମିତା ରାଣୀ ଜେନା ପ୍ରମୁଖ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିବାବେଳେ ପ୍ରଧ୍ୟାପକ ଡ଼ଃ ଶିବ ନାରାୟଣ ମହାପାତ୍ର, ବରିଷ୍ଠ ଅଧ୍ୟାପକ ପରମାନନ୍ଦ ମହାନ୍ତି, ତାପସ ତନୟ ନନ୍ଦୀ, ରସାୟନ ବିଜ୍ଞାନ ଅଧ୍ୟାପକ ପ୍ରଭାତ ରଞ୍ଜନ ଦାସ, ଅଜିତ କୁମାର ଭୂୟାଁ, ଆଶୁତୋଷ ଯତି , ପ୍ରକାଶ ବିଶ୍ୱାଳ, ଅଲେଖ କୁମାର ସୁର, ମହେନ୍ଦ୍ର କୁମାର ସିଂହ, ଗଣେଶ ଚନ୍ଦ୍ର ଜେନା, ପ୍ରକାଶ କୁମାର ମୈକାପ୍, ମୃତ୍ୟୁଞ୍ଜୟ ଜେନା, ଡିମୋନ ଷ୍ଟ୍ରେଟର୍ ଶ୍ରୀକାନ୍ତ ମହାପାତ୍ର, ଲାଇବ୍ରେରିଆନ ପ୍ରଶାନ୍ତ କୁମାର୍ ଗିରି, ଇନ୍ଦ୍ରଜିତ ସାହୁ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। କର୍ମଚାରୀ ଓ ଛାତ୍ରଛାତ୍ରୀମାନେ କଲେଜ ଉଦ୍ୟାନରେ ବିଭିନ୍ନ ପ୍ରକାର ଗଛର ଚାରା ଲଗାଇ ଥିଲେ।

## ରାଜଭବନ ପରିସରରେ ଚାରା ରୋପଣ କଲେ ରାଜ୍ୟପାଳ

ଭୁବନେଶ୍ୱର, ୦୫/୭ (ନି.ପ୍ର): ରାଜଭବନରେ ବନମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଆଜି ରାଜଭବନ ପରିସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟପାଳ ରଘୁବର ଦାସ ଚାରା ରୋପଣ କରିଛନ୍ତି। ରାଜ୍ୟପାଳ ଶ୍ରୀ ଦାସ ଚମ୍ପାଫୁଲ ଗଛର ଚାରା ରୋପଣ କରି ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା "ଏକ ପେଡ୍ ମା କେ ନାମ୍" କାର୍ଯ୍ୟକ୍ରମକୁ ଆଧାର କରି ପ୍ରତ୍ୟେକ ବ୍ୟକ୍ତି ନିଜ ମା'ଙ୍କ ନାମରେ ଏକ ଚାରା ରୋପଣ କରି ଅଭିଯାନରେ ସାମିଲ୍ ହେବାକୁ ଆହ୍ୱାନ ଜଣାଇଛନ୍ତି।

## ଯୋଗ ମହୋତ୍ସବ ସମିତିର ବୃକ୍ଷରୋପଣ




ବାଲେଶ୍ୱର: 'ବୃକ୍ଷ ହିଁ ଜୀବନ' ବୃକ୍ଷ ବିନା ନା ପରିବେଶ ସନ୍ତୁଳିତ ହୋଇ ପାରିବ ନା ମଣିଷର ପ୍ରାଣଶକ୍ତିର ଆଧାର ପ୍ରାଣର ଶୁଦ୍ଧିକରଣ ସମ୍ଭବ ହୋଇ ପାରିବ । ସମସ୍ତ ଜୀବ ଜଗତର ଆଧାର ହେଉଛି ବୃକ୍ଷ । ବୃକ୍ଷ ରୋପଣ ସପ୍ତାହ ଉପଲକ୍ଷେ ଯୋଗ ମହୋତ୍ସବ ସମିତି, ବାଲେଶ୍ୱର ଆନୁକୂଲ୍ୟରେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ସୁନହଟ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା । ହରିପ, ବାହାପ, ଅଁଳା, ବରଳ ପ୍ରଭୃତି ଔଷଧୀୟ ବୃକ୍ଷ ସହିତ ଅନ୍ୟାନ୍ୟ ବିଭିନ୍ନ ପ୍ରକାର ବୃକ୍ଷ ଯୋଗ ସମିତିର କର୍ମକର୍ତ୍ତା ତଥା କାଳୀ ମନ୍ଦିର ଯୋଗ କେନ୍ଦ୍ରର ସାଧକ ସାଧିକା ମାନଙ୍କ ଦ୍ୱାରା ସମ୍ପନ୍ନ ହୋଇଥିଲା । ଯୋଗ କେନ୍ଦ୍ରର ସଭାପତି ଡ. ଜୟସ୍ମିତ ନାୟକ, ଉପସଭାପତି ରୀତା ରାଉତ, ସମ୍ପାଦକ ରଞ୍ଜନ କୁମାର ସାହୁଙ୍କ ସମେତ ଯୋଗ ମହୋତ୍ସବ ସମିତିର ଉପସଭାପତି ଦମୟନ୍ତୀ ମହାପାତ୍ର ସମ୍ପାଦକ ଅଜୟ ଚୌଧୁରୀ ସହ ସମ୍ପାଦକ ସଞ୍ଜିବ ତାଲଦି ସିଂ ସମେତ ବିଦ୍ୟାଳୟର ପ୍ରଧାନ ଗୁରୁଜୀ ଶ୍ରୀ ରାଜେନ୍ଦ୍ର ବାରିକ, ଗୁରୁଜୀ ସଞ୍ଜିବ ମହାପାତ୍ର, ସଂଗ୍ରାମ କେଶରୀ ମାଝୀ, ଗୁରୁଜୀ ସରୋଜ ରାଉତ, ଗୁରୁଜୀ ଚନ୍ଦନ କୁମାର ବେହେରା, ଗୁରୁମା ଅଞ୍ଜଳୀ ଦାସ, ଗୁରୁମା ସଞ୍ଜନା ନାୟକ, ରଶ୍ମିତା ପରିଡ଼ା, ଗୁରୁମା ମମିତା ନାୟକ ପ୍ରଭୃତି ଉପସ୍ଥିତ ରହିଥିଲେ । ଏହି ଅବସରରେ ବିଦ୍ୟାଳୟର ପିଲାମାନଙ୍କ ଦ୍ୱାରା ଏକ ବକ୍ତୃତା ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା । ଏଥିରେ ଉଚ୍ଚ ଶ୍ରେଣୀ କୃତକାର୍ଯ୍ୟ ହୋଇଥିବା ପ୍ରଥମ କୁମାରୀ ମଧୁସ୍ମିତା ଦାସ, ୭ମ ଶ୍ରେଣୀ ଦ୍ୱିତୀୟ କୁମାର ଦେବସ୍ମିତା ମାଇତି, ୭ମ ଶ୍ରେଣୀ ଓ ତୃତୀୟ ସ୍ଥାନ ଶ୍ରୀ ଅଭିଷେକ ମାଇତି ୭ମଶ୍ରେଣୀଙ୍କୁ ପାଠ୍ୟ ସାମଗ୍ରୀ ସହିତ ନଗଦ ରାଶି ପ୍ରଦାନ କରାଯାଇଥିଲା । ଶେଷରେ ପିଲାମାନଙ୍କୁ ବିସ୍କୁଟ ଜଳଖିଆ ଆଦି ମଧ୍ୟ ବଣ୍ଟନ କରାଯାଇଥିଲା ବୋଲି ଯୋଗ ସମିତିର ସଭାପତି ଶ୍ରୀ ସୁଜିତ କୁମାର ଜେନା ଜଣାଇଛନ୍ତି।

## ଚାଷୀଙ୍କ ସମସ୍ୟା ନେଇ ପ୍ରେକ୍ଷାଳୟରେ 'ସୀତା'

ଭୁବନେଶ୍ୱର, ୦୫/୭ (ନି.ପ୍ର): ଫ୍ରାଇଡେ ରିଲିଜ୍ ଅବସରରେ ପ୍ରେକ୍ଷାଳୟକୁ ଚାଷୀଙ୍କ ସମସ୍ୟା ନେଇ ଆସିଲା ଓଡ଼ିଆ ସିନେମା - ସଂଘର୍ଷର କାହାଣୀ 'ସୀତା । ରାଜ୍ୟର ୧୦ଟି ହଲ୍‌ରେ ରିଲିଜ୍ ହେଇଥିବାବେଳେ ଭୁବନେଶ୍ୱରର ଏକ ମଲ୍ଟିପ୍ଲେକ୍ସରେ ଅପରାହ୍ନ ୪ଟା ୧୫ରେ ପ୍ରିମିୟର ସୋ' ଅନୁଷ୍ଠିତ ହୋଇଥିଲା । ଏଥିରେ ପୂରା ପ୍ରଯୋଜନା ଟିମ୍ ଓ କଳାକାର ଙ୍କ ସହିତ ଇଣ୍ଡଷ୍ଟ୍ରିର ଅନେକ ନାମୀ ଦାମୀ ପ୍ରଯୋଜକ, ନିର୍ଦ୍ଦେଶକ, ବରିଷ୍ଠ ଅଭିନେତା ଓ ଅଭିନେତ୍ରୀ ଉପସ୍ଥିତ ରହି ଦର୍ଶକଙ୍କ ଗହଣରେ ସିନେମା ଦେଖିଥିଲେ । ସିନେମାଟି କୃଷି ଉପରେ ପର୍ଯ୍ୟବେଶିତ ଖାଣ୍ଟି ଓଡ଼ିଆ ମୌଳିକ କାହାଣୀ ଉପରେ ଆଧାରିତ । ରାଜନୈତିକ ନିଛକ କଥା ଉପରେ ଥିବାରୁ ସିନେମାର ରିଲିଜ୍ ପାଇଁ କିଛିଟା ପ୍ରତିବନ୍ଧକ ଥିଲା। ଏବେ ସରକାର ବଦଳିଲା ପରେ ରିଲିଜ୍ ପାଇଁ ସୁଯୋଗ ମିଳିଲା। ୟୁଟ୍ୟୁବ୍‌ରେ ସିନେମାର ଟିଜର ଦର୍ଶକଙ୍କ ଭଲପାଇବା ସାଉଁଟି ଚାଲି ଥିଲାବେଳେ ସିନେମା ରିଲିଜ୍‌କୁ ସମସ୍ତଙ୍କ ଅପେକ୍ଷା ରହିଥିଲା । ଅଶ୍ୱିନ ତ୍ରିପାଠୀ ଫିଲ୍ମ ପ୍ରଯୋଜିତ ସୀତାର ମୁଖ୍ୟ ଭୂମିକାରେ ଦେବଜାନୀ, ସମରେଶ ,ଚୌଧୁରୀ ବିକାଶ ଦାସ, ସୁଶାନ୍ତ ଆହୁରି ଅନେକ ନାମୀ କଳାକାର ରହିଛନ୍ତି। ଏହାର ସଂଳାପ ଡ. ରଜନୀ ରଞ୍ଜନ ଲେଖିଥିବା ବେଳେ ସଙ୍ଗୀତ ଦେଇଛନ୍ତି ଜାପାନୀ। ଗୀତ ଲେଖିଛନ୍ତି ତପୁ ନାୟକ। ଡିଓପିରେ ଅକ୍ଷୟ କୁମାର ନାୟକ ଦକ୍ଷତା ଦେଖାଇଥିବା ବେଳେ ସମ୍ପାଦନା କରିଛନ୍ତି ମାନସ କୁମାର ସାହୁ । ଏହାର ପ୍ରଯୋଜନା, କାହାଣୀ, ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଯୁବ ପ୍ରତିଭାବାନ ନିର୍ମାତା ଅଶ୍ୱିନ୍ ତ୍ରିପାଠୀ । ତେବେ ଅଶ୍ୱିନ ତ୍ରିପାଠୀ ଙ୍କ ପ୍ରତ୍ୟେକ ଚଳଚ୍ଚିତ୍ର ଦର୍ଶକ ଯେପରି ଭଲ ପାଇବା ଦେଇଛନ୍ତି ସୀତା କୁ ସବୁଠୁ ବେଶୀ ଭଲ ପାଇବା ଦେବେ ବୋଲି ନିଜେ ପ୍ରକାଶ କରିଛନ୍ତି । ପ୍ରିମିୟର ସୋ ରେ ସାସଂଦ ମୁନା ଖାଁ, ଅଭିନେତ୍ରୀ ଏଲିନା,ରିୟା,ନୈନା ଦାସ, ପ୍ରତିଭା ପଣ୍ଡା,ଅଭିନେତା ବୁଦ୍ଧାଦିତ୍ୟ ମହାନ୍ତି ,ପ୍ରିତିରାଜ, ପ୍ରଯୋଜକ ସଚ୍ଚିକାନ୍ତ ଜେନା, ଶ୍ରୀଧର ମାର୍ଥା,ତପନ ଦାସ,ଟୁଟୁ ନାଏକ,ଗଦାଧର ପୁଟୀ ,ପ୍ରଣୟ ଜେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

### ସବୁ ରାଜନୀତିକ ନିଯୁକ୍ତିକୁ ...

ନେତ୍ରୀମାନଙ୍କୁ ଥଇଥାନ କରାଯାଇଥିବାରୁ ସେମାନେ ସେଠାରେ ନିଜର କାର୍ଯ୍ୟ ଜାରି ରଖିବେ କି ସେମାନଙ୍କ ନିଯୁକ୍ତିକୁ ରଦ୍ଦ କରାଯାଇଛି ତାହା ଜଣାପଡ଼ିନି । ସେହିପରି ନଗର ଉନ୍ନୟନ ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମା ଅନୁସାରେ , ପୂର୍ବର ସମସ୍ତ ନିର୍ଦ୍ଦେଶକୁ ରଦ୍ଦ କରି ରାଜ୍ୟ ସରକାର ସମସ୍ତ ଉନ୍ନୟନ ପ୍ରାଧିକରଣର ଅଧ୍ୟକ୍ଷ ଭାବେ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କୁ ନିଯୁକ୍ତି ଦେଇଛନ୍ତି । ସରକାରଙ୍କ ଏହି ନିଷ୍ପତ୍ତି ଫଳରେ ଭୁବନେଶ୍ୱର ଉନ୍ନୟନ ପ୍ରାଧିକରଣ(ବିଡିଏ), କଟକ ଉନ୍ନୟନ ପ୍ରାଧିକରଣ(ସିଡିଏ) ବ୍ରହ୍ମପୁର ଉନ୍ନୟନ ପ୍ରାଧିକରଣ, ସମ୍ବଲପୁର ଉନ୍ନୟନ ପ୍ରାଧିକରଣ, ରାଉରକେଲା ଉନ୍ନୟନ ପ୍ରାଧିକରଣ, ପୁରୀ-କୋଣାର୍କ ଉନ୍ନୟନ ପ୍ରାଧିକରଣ, ପାରାଦୀପ ଉନ୍ନୟନ ପ୍ରାଧିକରଣ, କଳିଙ୍ଗନଗର ଉନ୍ନୟନ ପ୍ରାଧିକରଣ ଓ ତାଳଚେର-ଅନୁଗୁଳ ମେରାମୁଣ୍ଡଳୀ ଉନ୍ନୟନ ପ୍ରାଧିକରଣର ଅଧ୍ୟକ୍ଷ ଭାବେ ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀ ପାତ୍ର କାର୍ଯ୍ୟ କରିବେ । ସିଡିଏ ଅଧ୍ୟକ୍ଷ ଭାବେ ଅବସରପ୍ରାପ୍ତ ଆଇଏଏସ୍ ଅନୀଲ କୁମାର ସାମଲ କାର୍ଯ୍ୟ କରୁଥିଲେ । ସେହିପରି ପାରାଦୀପ ଉନ୍ନୟନ ପ୍ରାଧିକରଣରେ ମାତ୍ର ୩ମାସ ପୂର୍ବରୁ ବିଜେଡି ନେତା ପ୍ରମୋଦ କୁମାର ଜେନାଙ୍କୁ ଥଇଥାନ କରାଯାଇଥିଲା ।

### ବିଶ୍ୱବିଦ୍ୟାଳୟ ଅଚଳ...

ବିଶ୍ୱବିଦ୍ୟାଳୟରେ ପାଠ ପଢ଼ା ପ୍ରାୟତଃ ଭିଜିଟିଂ ଫାକ୍ଲଟିରେ ଚାଲିଛି ବୋଲି କହିଛନ୍ତି ପୂର୍ବତନ ଛାତ୍ର ନିଶାନ ପଟ୍ଟନାୟକ। ବିକ୍ରମଦେବ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ ରେଜିଷ୍ଟ୍ରାର ରଂଜନ କୁମାର ପ୍ରଧାନ କହିଛନ୍ତି, ଭିଜିଟିଂ ଫାକ୍ଲଟିରେ କ୍ଲାସ ଚାଲିଛି। ସରକାର ସ୍ଥାୟୀ ପଦ ପୂରଣ କଲେ ଅଧିକ ଭଲ ହେବ। ସେହିଭଳି ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ ତ୍ରିପାଠୀ କହିଛନ୍ତି, ଫକୀରମୋହନ ବିଶ୍ୱବିଦ୍ୟାଳୟରେ ପ୍ରାୟ ଅଧା ସ୍ଥାୟୀ ଅଧ୍ୟାପକ ପଦ ଖାଲିପଡ଼ିଛି। ସୁପ୍ରିମକୋର୍ଟ ଜୁଲାଇ ୯ ତାରିଖରେ ସରକାରଙ୍କ ପକ୍ଷରେ କି ଅଲଗା ରାୟ ଦେଉଛନ୍ତି, ତାକୁ ଦେଖିବାକୁ ପଡ଼ିବ। ୧୯୮୯ ମସିହାରେ ପ୍ରଣୀତ ବିଶ୍ୱବିଦ୍ୟାଳୟ ଆଇନକୁ ୨୦୨୦ରେ ରାଜ୍ୟ ସରକାର ସଂଶୋଧନ କରିଥିଲେ। ମାତ୍ର ଏଥିରେ ବିଶ୍ୱବିଦ୍ୟାଳୟଗୁଡ଼ିକର ସ୍ୱାୟତତ୍ତା କ୍ଷୁଣ୍ଣ ହେବା ସହ ସରକାରୀ ହସ୍ତକ୍ଷେପ ବୃଦ୍ଧି ପାଇଥିଲା। ଏ ପ୍ରକାର ସଂଶୋଧନ ୟୁଜିସି ଗାଇଡ୍‌ଲାଇନ୍-୨୦୧୮ର ବିରୋଧାଚରଣ କରୁଛି ବୋଲି ଦର୍ଶାଇ ୟୁଜିସି ଓ ଅନ୍ୟମାନେ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ।

### ଭିଜିଲାନ୍ସ ଜାଲରେ...

ଲାଞ୍ଚ ମାଗିଥିଲେ। ଏହି ଖବର ଭିଜିଲାନ୍ସ ପାଖରେ ପହଞ୍ଚିଥିଲା। ଏହା ପରେ ଭିଜିଲାନ୍ସ ଜାଲ ବିଛାଇ ଥିଲା। ଆଜି ତହସିଲଦାର ବିଚିତ୍ରାନନ୍ଦ ନାୟକ ଲାଞ୍ଚ ଅର୍ଥ ନେଇଥିଲେ। ଏହା ପରେ ରାୟଗଡ଼ାରେ ଜିଲ୍ଲାପାଳଙ୍କ ଅଫିସରେ ଏକ ବୈଠକରେ ଯୋଗ ଦେଇଥିଲେ। ତେବେ ଭିଜିଲାନ୍ସ ତାଙ୍କ ପଛରେ ପଡ଼ିଥିବା କୌଣସି ସୂତ୍ରରୁ ଜାଣି ସେ ଶୀଘ୍ର ଶୀଘ୍ର ବୈଠକରୁ ବାହାରି ଆସିଥିଲେ ଓ ଗାଡ଼ି ନେଇ ପଳାଉଥିଲେ। ଭିଜିଲାନ୍ସ ଟିମ୍ ତାଙ୍କୁ ଗୋଡ଼ାଇ ଥିଲା। ଭିଜିଲାନ୍ସ ଟିମ୍‌କୁ ଦେଖି ସେ ବାଟରେ ଲାଞ୍ଚ ଟଙ୍କା ଫୋପାଡ଼ି ଦେଇଥିଲେ। ସେହି ଟଙ୍କାକୁ ଭିଜିଲାନ୍ସ ଟିମ୍ ସଂଗ୍ରହ କରିଥିଲା। ଏହା ପରେ ଭିଜିଲାନ୍ସ ଟିମ୍ ତହସିଲଦାର ବିଚିତ୍ରାନନ୍ଦ ନାୟକଙ୍କୁ ଓଭରଟେକ୍ କରି ତାଙ୍କୁ ଅଟକାଇବାକୁ ପ୍ରୟାସ କରିଥିଲା। ସେତେବେଳେ ଭିଜିଲାନ୍ସ ଟିମ୍‌ର ଗାଡ଼ିରୁ ଓହ୍ଲାଇ ସାରିଥିବା ୩ କର୍ମଚାରୀଙ୍କ ଉପରେ ଗାଡ଼ି ମଡ଼ାଇ ଦେବାକୁ ତହସିଲଦାର ଉଦ୍ୟମ କରିଥିବା ଜଣାପଡ଼ିଛି। ତହସିଲଦାର ବିଚିତ୍ରାନନ୍ଦ ନାୟକଙ୍କୁ ପଚରାଉଚରା କରାଯାଉଥିବା ବେଳେ ତାଙ୍କଠାରୁ ମିଳିଥିବା ଟଙ୍କା ଗଣତି କରାଯାଉଛି। ମିଳିଥିବା ଖବର ଅନୁଯାୟୀ, ତାଙ୍କଠାରୁ ଲକ୍ଷେ ୧୫ ହଜାର ଟଙ୍କା ମିଳିଛି। ଅନ୍ୟପକ୍ଷରେ ଏ ଘଟଣା ନେଇ ଭିଜିଲାନ୍ସ ପକ୍ଷରୁ ଏପର୍ଯ୍ୟନ୍ତ କିଛି କୁହାଯାଇନାହିଁ।

### କାଗଜ କଲମ ଧରି ଥାନାରେ...

ସେହି ସମୟରେ ଜଣେ ବରିଷ୍ଠ ନାଗରିକଙ୍କୁ ଥାନା କର୍ମଚାରୀ ଦୁର୍ବ୍ୟବହାର କରିଥିବା ଦେଖିବାକୁ ପାଇଥିଲେ। ଏପରିକି ଏଫ୍‌ଆଇଆର ଲେଖିବାକୁ କାଗଜ କଲମ ନଥିବା କହିଥିଲେ। ଯେଉଁଥିପାଇଁ ବ୍ୟକ୍ତି ଜଣକ ବିରକ୍ତି ପ୍ରକାଶ କରି ଥାନାରୁ ଫେରି ଯାଉଥିଲେ। ସେହି ସମୟରେ ସେ ବିଧାୟକଙ୍କୁ ସବୁ କଥା କହିଥିଲେ। ପୂର୍ବରୁ ମଧ୍ୟ ପୁଲିସ୍‌ଙ୍କ ବିରୋଧରେ ଏପରି ନାନା ଅଭିଯୋଗ ଶୁଣିଥିଲେ ଶ୍ରୀ ଦାସ। ବରିଷ୍ଠ ନାଗରିକଙ୍କ ଏପରି କଥା ବିଧାୟକଙ୍କୁ ବ୍ୟଥିତ କରିଥିଲା। ତେଣୁ ସେ ସେହି ସନ୍ଧ୍ୟାରେ ୪ ପ୍ୟାକେଟ୍ କାଗଜ ଓ ୨୦ଟି କଲମ ଧରି ଥାନାରେ ପହଞ୍ଚି ଥିଲେ। କାଗଜ କଲମ ରିସିଭ୍ କରିବା ପାଇଁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ମହିଳା କର୍ମଚାରୀଙ୍କୁ ଡାକିଥିଲେ। ହେଲେ ସେହି ସମୟରେ ଥାନାରେ ଥିବା ବରିଷ୍ଠ କର୍ମଚାରୀମାନେ ବିଧାୟକଙ୍କୁ ବହୁ ବୁଝାଇଥିଲେ। ମାତ୍ର ବିଧାୟକ ନିଜ ଜିଦ୍‌ରେ ଅଟଳ ରହିଥିଲେ। କାଗଜ କଲମ ରିସିଭ୍ କଲେ ଥାନାରୁ ଯିବେ ବୋଲି ରୋକ୍‌ଠୋକ୍ ଭାବେ କହିଥିଲେ। ପରେ ଥାନାବାବୁ ବାଧ୍ୟ ହୋଇ କାଗଜ ଓ କଲମ ରିସିଭ କରିଥିଲେ। ବିଧାୟକ ଅମରେନ୍ଦ୍ର ଦାସ କହିଛନ୍ତି, ସରକାର ହେଉଛନ୍ତି ସାଧାରଣ ଲୋକଙ୍କ ସରକାର। ତାଙ୍କ ପାଇଁ ଏ ସରକାର। ତେଣୁ ତାଙ୍କୁ ସମ୍ମାନ ଦେବା ଓ ସେବା ଯୋଗାଇଦେବା ଆମ ସରକାରର ପ୍ରାଥମିକତା। ହେଲେ ଥାନାକୁ ଅଭିଯୋଗ ନେଇ ଆସୁଥିବା ଲୋକଙ୍କୁ ଠିକ୍ ଭାବେ ବ୍ୟବହାର ଦେଖାଯାଉନି। ଏଫଆଇଆର ଲେଖିବା ପାଇଁ ଲୋକମାନେ ବହୁ ହଇରାଣ ହରକତ ହେଉଛନ୍ତି। ସେମାନଙ୍କୁ କାଗଜକଲମ ଯୋଗାଇ ଦେଉନାହାନ୍ତି। ତେଣୁ ଥାନାକୁ କାଗଜ ଓ କଲମ ଯୋଗାଇ ଦେଇଛି ବୋଲି ଶ୍ରୀ ଦାସ କହିଛନ୍ତି। ଏହି ଘଟଣା ନେଇ ଜଗତସିଂହପୁର ଏସ୍‌ପି ରାହୁଲ ପି.ଆର କହିଛନ୍ତି, ଘଟଣା ସମ୍ପର୍କରେ ଅନୁଧ୍ୟାନ କରି ଆବଶ୍ୟକ ପଦକ୍ଷେପ ନିଆଯିବ।

### ରଥଯାତ୍ରାରେ ଶ୍ରୀକ୍ଷେତ୍ରରେ...

ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୭ ତାରିଖରେ କନ୍ଧମାଳ, ଗଞ୍ଜାମ, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୧୨ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେହିପରି ମୟୂରଭଞ୍ଜ, କେନ୍ଦୁଝର, କଟକ, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଜପତି, ରାୟଗଡ଼ା ଓ କଳାହାଣ୍ଡି ଜିଲ୍ଲାରେ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

### ଓଡ଼ିଶା ଆସିବେ ...

ମହାବଳଙ୍କୁ ଅଣାଯିବ। ଏଥିସହ ରାଜ୍ୟର ବିଭିନ୍ନ ଅଭୟାରଣ୍ୟ, ଚିଡ଼ିଆଖାନା ଓ ଅନ୍ୟ ବାସସ୍ଥଳୀରୁ ୮୧୦ଟି ଚିତ୍ରା ହରିଣ, ୩୨ଟି ସମ୍ବର, ୧୮ଟି କୃଷ୍ଣସାର ମୃଗ, ୩୦ଟି ମଗର, ୨୦ଟି ଲୁଣିପାଣି କୁମ୍ଭୀର ଭଳି ଆହୁରି କିଛି ବନ୍ୟଜନ୍ତୁଙ୍କୁ ରାଜ୍ୟର ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ଛଡ଼ାଯିବାକୁ ଯୋଜନା ରହିଥିବା ଜଣାପଡ଼ିଛି ।ଏନେଇ ପିସିସିଏଫଙ୍କ ପକ୍ଷରୁ ବିଭିନ୍ନ ଅଭୟାରଣ୍ୟ ଓ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କୁ ଚିଠି ଲେଖାଯାଇଛି।

### ରତ୍ନଭଣ୍ଡାର ଯାଞ୍ଚ...

ମହାପାତ୍ର, ସୌମେନ୍ଦ୍ର ମୁଦୁଲି, ପୁରୀ ଜିଲ୍ଲାପାଳ ଓ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ମୁଖ୍ୟ ପ୍ରଶାସକଙ୍କୁ ସାମିଲ କରାଯାଇଛି । ନୂଆ କମିଟି ଗଠନ ହେବା ପରେ ଜଷ୍ଟିସ୍ ବିଶ୍ୱନାଥ ରଥ କହିଛନ୍ତି, ୧୯୭୮ ମସିହା ପରେ ରତ୍ନ ଭଣ୍ଡାର ପୁଣି ଖୋଲିବାକୁ ଯାଉଛି, ତେଣୁ ମହାପ୍ରଭୁଙ୍କ ଆର୍ଶୀବାଦ ଆବଶ୍ୟକ। ଆସନ୍ତାକାଲି ଏନେଇ ବୈଠକ ବସିବ, କିପରି ରତ୍ନ ଭଣ୍ଡାର ଖୋଲାଯିବ, କଣ ପଦକ୍ଷେପ ନିଆଯିବ ତାକୁ ନେଇ ନିଷ୍ପତ୍ତି ହେବ। ରତ୍ନ ଭଣ୍ଡାର ଖୋଲାଗଲା ପରେ ଏହାର ପ୍ରକୃତ କାମ ଆରମ୍ଭ ହେବ ବୋଲି କହିଛନ୍ତି ଜଷ୍ଟିସ୍ ରଥ। ରତ୍ନ ଭଣ୍ଡାରରୁ ଅଳଙ୍କାର ଚିହ୍ନଟ ଓ ଗଣତିକୁ ଖୁବ୍ ଶୀଘ୍ର ସାରିବାକୁ ପ୍ରାଧାନ୍ୟ ଦିଆଯିବ ବୋଲି ସେ ଦୋହରାଇଛନ୍ତି। ଏହି କମିଟି ଗଠନ ପରେ ଗଣମାଧ୍ୟମକୁ ସୂଚନା ଦେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ, ଖୁବଶୀଘ୍ର ରତ୍ନଭଣ୍ଡାର ଖୋଲିବ । ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ କମିଟି ଗଠନ ହୋଇଛି । ଆସନ୍ତା ୬ତାରିଖରେ କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବ । ରତ୍ନଭଣ୍ଡାର କେବେ ଖୋଲିବ ସେହି ବୈଠକରେ ସ୍ଥିର କରାଯିବ । ସବୁବର୍ଗର ଲୋକଙ୍କ ଅପେକ୍ଷା ରହିଛି । ୪୫ବର୍ଷ ପରେ ରତ୍ନଭଣ୍ଡାର ଖୋଲିବ । ଶେଷଥର ଲାଗି ୧୯୭୮ ମସିହାରେ ରତ୍ନ ଗଣତି ହୋଇଥିଲା । ରଥଯାତ୍ରା ପରେ ମନ୍ଦିର ଖାଲି ରହୁଥିବାରୁ ସେହି ସମୟ ପ୍ରକୃଷ୍ଟ । ଏହି ନୂଆ କମିଟି ଗଠନ ପୂର୍ବରୁ ଜଷ୍ଟିସ ପଶାୟତ କମିଟିକୁ ଭଙ୍ଗ କରାଯାଇଛି ।

### କୁଚିଣ୍ଡା ସମେତ...

ସବ୍-ଡିଭିଜନର ଗୌରବ ବଢାଇବା ପାଇଁ ଆମେ ସମସ୍ତେ କାର୍ଯ୍ୟକର୍ତ୍ତାମାନେ ନମ୍ରତାର ସହ ପରିଶ୍ରମ କରିବା । ଘରେ ଘରେ ରୋଜଗାରର ଦାୟିତ୍ୱ ନେବା । ଦାୟିତ୍ୱ ସମ୍ପନ୍ନତାର ସହ ନମ୍ରତା ବଜାୟ ରଖି ଅକଥନୀୟ ପରିଶ୍ରମ କରି ଲୋକକଲ୍ୟାଣ ପାଇଁ ସର୍ବସ୍ୱ ଉତ୍ସର୍ଗ କରିବା । କଳା, ସଂସ୍କୃତି, କ୍ରୀଡାରେ ପରିପୂର୍ଣ୍ଣ କୁଚିଣ୍ଡାର ସର୍ବାଙ୍ଗୀନ ବିକାଶ କରିବା ପାଇଁ ବିଜେପି ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଏହା ପୂର୍ବରୁ କେନ୍ଦ୍ରମନ୍ତ୍ରୀ ସମ୍ବଲପୁର ଏବଂ କୁଚିଣ୍ଡାରେ ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କ ସହ ପୃଥକ ପୃଥକ ବୈଠକ କରିଥିଲେ । ବୈଠକରେ ବର୍ଷାରମ୍ଭ ସମୟରେ ପ୍ରଶାସନର ପ୍ରସ୍ତୁତି ସହ ବିଶୁଦ୍ଧ ପାନୀୟଜଳ, ସ୍ୱଚ୍ଛତାକୁ ଗୁରୁତ୍ୱ, ଡ୍ରେନେଜ ବ୍ୟବସ୍ଥା, ରାସ୍ତାଘାଟ, ରାସ୍ତାପାର୍ଶ୍ୱ ଆଲୋକୀକରଣ ପାଇଁ ମାଷ୍ଟରପ୍ଲାନ ପ୍ରସ୍ତୁତ କରିବା ଉପରେ ସମୀକ୍ଷା କରାଯାଇଥିଲା ।

### ହାଥରସ ଦଳାଚକଟା ଘଟଣା...

ଜଣାଇଛନ୍ତି। ଏଥିସହ ଆହତମାନଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା କଥା ପଚାରି ବୁଝିଛନ୍ତି। ସେ ଏହି ପ୍ରସଙ୍ଗକୁ ସଂସଦରେ ଉପସ୍ଥାପନ କରିବେ ବୋଲି କହିଛନ୍ତି। ପ୍ରକାଶ ଥାଉକି, ଗତ ବୁଧବାର ଆତ୍ମଘୋଷିତ ଜଣେ ଭୋଲେ ବାବାଙ୍କ ସତସଙ୍ଗ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯାଇ ଶତାଧିକ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକ ଆହତ ହୋଇଛନ୍ତି। ପ୍ରବଚନ ପରେ ବାବାଙ୍କ ପାଦ ଧୂଳି ଆଣିବାକୁ ଯାଇ ଏପରି ଦୁଃଖଦ ଘଟଣା ଘଟିଥିବା କୁହାଯାଉଛି। ସେପଟେ ଏହି ମାମଲାରେ ଆତ୍ମଘୋଷିତ ବାବା ଫେରାର୍ ହୋଇଯାଇ ଥିବାବେଳେ ତାଙ୍କୁ ସେବା ଯୋଗାଉଥିବା ୨୦ ଜଣ ବ୍ୟକ୍ତିଙ୍କୁ ଗିରଫ କରିଛି ପୁଲିସ।

ଶନିବାର, ଜୁଲାଇ ୦୬, ୨୦୨୪

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ସମଗ୍ର ରାଜ୍ୟରେ ଉଦଳା ରୋଟାରି କ୍ଲବର ରହିଛି ସ୍ୱତନ୍ତ୍ର ପରିଚୟ : ପ୍ରହ୍ଲାଦ ଦାସ

ଉଦଳା , ୦୫/୭ (ନି.ପ୍ର): ନିକଟରେ ଉଦଳା ରୋଟାରି କ୍ଲବର ୨୦୨୪ – ୨୫ ବର୍ଷ ନିମନ୍ତେ ନୂତନ କର୍ମକର୍ତା ଚୟନ ପର୍ବ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ପ୍ରହ୍ଲାଦ କୁମାର ଦାସ ସଭାପତି, ଚିତରଂଜନ ବାରିକ ସମ୍ପାଦକ, ପ୍ରତାପ କୁମାର ମହାନ୍ତି କୋଷାଧକ୍ଷ ଭାବରେ ମନୋନିତ ହୋଇଛନ୍ତି । ଏହି ଅବସରରେ ଚଳିତ ଜୁଲାଇ ୩ ତାରିଖ ବୁଧବାର ଦିନ କ୍ଲବ ପରିସରରେ ଏକ ସ୍ୱତନ୍ତ୍ର ଉତ୍ସବ ଆୟୋଜିତ ହୋଇଥିଲା । ସମସ୍ତ ସଦସ୍ୟ ଏକତ୍ରିତ ହେବା ପରେ ପ୍ରାକ୍ତନ ସଭାପତି ମନୋରଂଜନ ପାଢ଼ି ନୂତନ ସଭାପତି ପ୍ରହ୍ଲାଦ କୁମାର ଦାସଙ୍କୁ, ପ୍ରାକ୍ତନ ସଂପାଦକ ସୁଶାନ୍ତ ପଟ୍ଟନାୟକ ନୂତନ ସଂପାଦକ ଚିତରଂଜନ ବାରିକଙ୍କୁ ଓ ପ୍ରାକ୍ତନ କୋଷାଧକ୍ଷ ଦିଲିପ ପାଟଯୋଶି ନୂତନ କୋଷାଧକ୍ଷ ପ୍ରତାପ କୁମାର ମହାନ୍ତିଙ୍କୁ ପୁଷ୍ପଗୁଚ୍ଛ ଅର୍ପଣ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜରାଇଥିଲେ । ପରେ ଅନୁଷ୍ଠିତ ସାଧାରଣ ସଭାରେ ସଭାପତି ପ୍ରହ୍ଲାଦ କୁମାର ଦାସ ଅଧକ୍ଷତା କରି ସମଗ୍ର ଓଡ଼ିଶାରେ ଉଦଳା ରୋଟାରିକ୍ଲବର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହେବା ସହିତ ଏହାର ପ୍ରଶଂସା କିପରି ସବୁଠି ଶୁଣିବାକୁ ମିଳୁଛି ବିସ୍ତୃତ ବର୍ଣ୍ଣନା କରିଥିଲେ । ସଂପାଦକ ଚିତରଂଜନ ବାରିକ ଲୋକାଭିମୁଖୀ ଓ ସ୍ଥାନୀୟ ଜନସାଧାରଣଙ୍କ ସାମାଜିକ, ଅର୍ଥନୈତିକ ବିକାଶ କ୍ଷେତ୍ରରେ ଶିକ୍ଷା, ସ୍ୱାସ୍ଥ୍ୟ, ପର୍ଯ୍ୟଟନ ଓ ବୈଷୟିକ ତାଲିମର ଆବଶ୍ୟକତା ରହିଛି ବୋଲି କହିବା ସହିତ ଏଥିପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ପୂର୍ଣ୍ଣଚନ୍ଦ୍ର ସାହୁ କ୍ଲବର ନିତିଦିନିଆ କାମ ଯଥା– ସ୍ୱାକ୍ଷରତା ଅଭିଯାନ, ବୃକ୍ଷରୋପଣ, ଅଙ୍ଗଦାନ ସଚେତନତା, ରକ୍ତଦାନ ଶିବିର ଇତ୍ୟାଦିକୁ ଅଧିକ ବ୍ୟାପକ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ଅଜୟ ବେହେରା ବାଇକ ଆମ୍ବୁଲାନ୍ସକୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସମ୍ପୂର୍ଣ୍ଣ ଉପଯୋଗ କରାଇବା ନିମନ୍ତେ ମତ ରଖିଥିଲେ । ଏହାପରେ ଚଳିତ ବର୍ଷ କ୍ଲବର ମହିଳା ସଦସ୍ୟା ଭାବରେ ରାଜଲକ୍ଷ୍ମୀ ମହାନ୍ତି ଓ ଅଂଜଳି ମହାନ୍ତି ଯୋଗ ଦେଇଥିବାରୁ ପୁଷ୍ପଗୁଚ୍ଛ ଅର୍ପଣ ପୂର୍ବକ ତାଙ୍କୁ ସ୍ୱାଗତ ଜଣାଯାଇଥିଲା । ଆଜିର ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ଇଂ. ସୁବାଷ ଚନ୍ଦ୍ର ପଣ୍ଡା, ଡ଼ା. ସଚିଦାନନ୍ଦ ପରିଡ଼ା, ଅଶୋକ କୁମାର ମହାନ୍ତି, ବ୍ରହ୍ମାନନ୍ଦ ନାୟକ, ପୂର୍ଣ୍ଣ ଚନ୍ଦ୍ର ବିଶ୍ୱାଳ, ପ୍ରେମଲତା ପଣ୍ଡା, ଦୀପକ ଦାସ, ଦୁଳମଣି ପୁହାଣ, ସୁଦର୍ଶନ ପ୍ରଧାନ, ଲୋକପାଳ ବେହେରା, ମନୋଜ କମିଳା ପ୍ରମୁଖ ସହଯୋଗ କରିଥିଲେ ।




## ରଥଯାତ୍ରା ନିମନ୍ତେ ସ୍ୱତନ୍ତ୍ର ଟ୍ରେନ୍

ପୂର୍ବ ତଟ ରେଳପଥ ଦ୍ୱାରା ଉତ୍ସର୍ଗୀକୃତ ସେବା

**01. ରଥଯାତ୍ରା ନିମନ୍ତେ ପୁରୀ ପହଞ୍ଚୁଥିବା ସତନ୍ତ୍ର ଟ୍ରେନ୍ (ତା. 06.07.2024 ଠାରୁ 13.07.2024 ରିଖ)**

| ଟ୍ରେନ୍ ନଂ. | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପ୍ରସ୍ଥାନ ତାରିଖ | ପ୍ରାରମ୍ଭିକ ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|
| 08495 | ପାରାଦ୍ୱୀପ-ପୁରୀ | 06 ଠାରୁ 13.07.24 | 2100 | 0310 |
| 08433 | ଅନୁଗୁଳ-ପୁରୀ | 06 ଠାରୁ 13.07.24 | 2330 | 0355 |
| 08491 | ଭଦ୍ରକ-ପୁରୀ | 06 ଠାରୁ 13.07.24 | 2100 | 0335 |
| 08357 | ଖୋର୍ଦ୍ଧା ରୋଡ୍-ପୁରୀ | 07.07.24 | 0510 | 0620 |
| 08359 | ଖୋର୍ଦ୍ଧା ରୋଡ୍-ପୁରୀ | 07.07.24 | 1410 | 1530 |
| 08335 | ଦଶପଲ୍ଲା-ପୁରୀ | 07.07.24 | 0200 | 0445 |
| 08337 | ଦଶପଲ୍ଲା-ପୁରୀ | 07 ଠାରୁ 13.07.24 | 0800 | 1055 |
| 08339 | ଦଶପଲ୍ଲା-ପୁରୀ | 07.07.24 | 1100 | 1400 |
| 08435 | ଅନୁଗୁଳ-ପୁରୀ | 07.07.24 | 0130 | 0740 |
| 08493 | ଭଦ୍ରକ-ପୁରୀ | 07.07.24 | 0200 | 0825 |
| 08333 | ସୋମ୍ପେଟା-ପୁରୀ | 07.07.24 | 0515 | 1205 |
| 08497 | ପାରାଦ୍ୱୀପ-ପୁରୀ | 07 ଠାରୁ 13.07.24 | 0230 | 0810 |
| 08425 | ପଲାସା-ପୁରୀ | 06 ଠାରୁ 13.07.24 | 2100 | 0130 |
| 08341 | କେନ୍ଦୁଝରଗଡ଼-ପୁରୀ | 06 ଠାରୁ 13.07.24 | 2000 | 0145 |
| 08345 | ଗୁଣୁପୁର-ପୁରୀ | 06.07.24 | 2300 | 0415 |
| 08331 | ପଲାସା-ପୁରୀ | 07.07.24 | 0015 | 0535 |
| 08343 | କେନ୍ଦୁଝରଗଡ଼-ପୁରୀ | 07 ଠାରୁ 13.07.24 | 0415 | 0945 |
| 08347 | ବିଶାଖାପାଟଣା-ପୁରୀ | 06.07.24 | 1400 | 2245 |
| 08349 | ଜଗଦଲପୁର-ପୁରୀ | 06.07.24 | 1045 | 0045 |
| 08351 | ଜୁନାଗଡ଼ ରୋଡ୍-ପୁରୀ | 06.07.24 | 0900 | 2130 |
| 08355 | ସୋନପୁର-ପୁରୀ | 06.07.24 | 1500 | 0120 |
| 08353 | ସମ୍ବଲପୁର-ପୁରୀ | 06.07.24 | 2300 | 0755 |

**02. ରଥଯାତ୍ରା ନିମନ୍ତେ ପୁରୀରୁ ଛାଡୁଥିବା ସତନ୍ତ୍ର ଟ୍ରେନ୍ (ତା. 07.07.2024 ଠାରୁ 14.07.2024 ରିଖ)**

| ଟ୍ରେନ୍ ନଂ. | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ପୁରୀରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ଆଗମନ ସମୟ |
|---|---|---|---|---|
| 08492 | ପୁରୀ-ଭଦ୍ରକ | 07 ଠାରୁ 14.07.24 | 1500 | 2135 |
| 08494 | ପୁରୀ-ଭଦ୍ରକ | 07.07.24 | 2100 | 0255 |
| 08496 | ପୁରୀ-ପାରାଦ୍ୱୀପ | 07 ଠାରୁ 14.07.24 | 1530 | 2230 |
| 08498 | ପୁରୀ-ପାରାଦ୍ୱୀପ | 07 ଠାରୁ 14.07.24 | 2130 | 0300 |
| 08434 | ପୁରୀ-ଅନୁଗୁଳ | 07 ଠାରୁ 14.07.24 | 1545 | 2045 |
| 08436 | ପୁରୀ-ଅନୁଗୁଳ | 07.07.24 | 2220 | 0230 |
| 08360 | ପୁରୀ-ଖୋର୍ଦ୍ଧା ରୋଡ୍ | 08.07.24 | 0330 | 0500 |
| 08426 | ପୁରୀ-ପଲାସା | 07 ଠାରୁ 14.07.24 | 1640 | 0025 |
| 08332 | ପୁରୀ-ପଲାସା | 08.07.24 | 0400 | 1005 |
| 08334 | ପୁରୀ-ସୋମ୍ପେଟା | 07.07.24 | 2300 | 0500 |
| 08342 | ପୁରୀ-କେନ୍ଦୁଝରଗଡ଼ | 07 ଠାରୁ 14.07.24 | 1745 | 2345 |
| 08344 | ପୁରୀ-କେନ୍ଦୁଝରଗଡ଼ | 07 ଠାରୁ 14.07.24 | 2330 | 0445 |
| 08346 | ପୁରୀ-ଗୁଣୁପୁର | 07.07.24 | 2120 | 0730 |
| 08336 | ପୁରୀ-ଦଶପଲ୍ଲା | 07.07.24 | 1845 | 2130 |
| 08338 | ପୁରୀ-ଦଶପଲ୍ଲା | 08 ଠାରୁ 14.07.24 | 0040 | 0330 |
| 08340 | ପୁରୀ-ଦଶପଲ୍ଲା | 08.07.24 | 0300 | 0540 |
| 08358 | ପୁରୀ-ଖୋର୍ଦ୍ଧା ରୋଡ୍ | 07.07.24 | 0830 | 0950 |
| 08348 | ପୁରୀ-ବିଶାଖାପାଟଣା | 08.07.24 | 0145 | 1030 |
| 08350 | ପୁରୀ-ଜଗଦଲପୁର | 08.07.24 | 0015 | 1510 |
| 08352 | ପୁରୀ-ଜୁନାଗଡ଼ ରୋଡ୍ | 07.07.24 | 1925 | 0850 |
| 08356 | ପୁରୀ-ସୋନପୁର | 08.07.24 | 0140 | 1040 |
| 08354 | ପୁରୀ-ସମ୍ବଲପୁର | 08.07.24 | 0230 | 1030 |

**03. ତା. 14 ଏବଂ 15.07.2024 ରିଖ (ବାହୁଡ଼ା ଯାତ୍ରା) ଦିନ ପୁରୀ ପହଞ୍ଚୁଥିବା ସତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ. | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପ୍ରସ୍ଥାନ ତାରିଖ | ପ୍ରାରମ୍ଭିକ ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|
| 08495 | ପାରାଦ୍ୱୀପ-ପୁରୀ | 14 ଏବଂ 15.07.24 | 2100 | 0310 |
| 08433 | ଅନୁଗୁଳ-ପୁରୀ | 14 ଏବଂ 15.07.24 | 2330 | 0355 |
| 08491 | ଭଦ୍ରକ-ପୁରୀ | 14 ଏବଂ 15.07.24 | 2100 | 0335 |
| 08357 | ଖୋର୍ଦ୍ଧା ରୋଡ୍-ପୁରୀ | 15.07.24 | 0510 | 0620 |
| 08359 | ଖୋର୍ଦ୍ଧା ରୋଡ୍-ପୁରୀ | 14.07.24 | 1410 | 1530 |
| 08335 | ଦଶପଲ୍ଲା-ପୁରୀ | 15.07.24 | 0200 | 0445 |
| 08337 | ଦଶପଲ୍ଲା-ପୁରୀ | 14 ଏବଂ 15.07.24 | 0800 | 1055 |
| 08339 | ଦଶପଲ୍ଲା-ପୁରୀ | 15.07.24 | 1100 | 1400 |
| 08435 | ଅନୁଗୁଳ-ପୁରୀ | 15.07.24 | 0130 | 0740 |
| 08493 | ଭଦ୍ରକ-ପୁରୀ | 15.07.24 | 0200 | 0825 |
| 08333 | ସୋମ୍ପେଟା-ପୁରୀ | 15.07.24 | 0515 | 1205 |
| 08497 | ପରାଦ୍ୱୀପ-ପୁରୀ | 14 ଏବଂ 15.07.24 | 0230 | 0820 |
| 08425 | ପଲାସା-ପୁରୀ | 14 ଏବଂ 15.07.24 | 2100 | 0130 |
| 08341 | କେନ୍ଦୁଝରଗଡ଼-ପୁରୀ | 14 ଏବଂ 15.07.24 | 2000 | 0145 |
| 08345 | ଗୁଣୁପୁର-ପୁରୀ | 14.07.24 | 2300 | 0415 |
| 08331 | ପଲାସା-ପୁରୀ | 15.07.24 | 0015 | 0535 |
| 08343 | କେନ୍ଦୁଝରଗଡ଼-ପୁରୀ | 14 ଏବଂ 15.07.24 | 0415 | 0945 |
| 08347 | ବିଶାଖାପାଟଣା-ପୁରୀ | 14 ଏବଂ 16.07.24 | 1400 | 2245 |
| 08349 | ଜଗଦଲପୁର-ପୁରୀ | 14.07.24 | 1045 | 0045 |
| 08351 | ଜୁନାଗଡ଼ ରୋଡ୍-ପୁରୀ | 14.07.24 | 0900 | 2100 |
| 08355 | ସୋନପୁର-ପୁରୀ | 14.07.24 | 1500 | 0120 |
| 08353 | ସମ୍ବଲପୁର-ପୁରୀ | 14.07.24 | 2300 | 0745 |

**04. ତା. 15 ଏବଂ 16.07.2024 ରିଖ (ବାହୁଡ଼ା ଯାତ୍ରା) ଦିନ ପୁରୀରୁ ଛାଡୁଥିବା ସତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ. | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ପୁରୀରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ଆଗମନ ସମୟ |
|---|---|---|---|---|
| 08492 | ପୁରୀ-ଭଦ୍ରକ | 15 ଏବଂ 16.07.24 | 1500 | 2135 |
| 08494 | ପୁରୀ-ଭଦ୍ରକ | 15 ଏବଂ 16.07.24 | 2100 | 0255 |
| 08496 | ପୁରୀ-ପାରାଦ୍ୱୀପ | 15 ଏବଂ 16.07.24 | 1530 | 2230 |
| 08498 | ପୁରୀ-ପାରାଦ୍ୱୀପ | 15 ଏବଂ 16.07.24 | 2130 | 0300 |
| 08434 | ପୁରୀ-ଅନୁଗୁଳ | 15 ଏବଂ 16.07.24 | 1540 | 2045 |
| 08436 | ପୁରୀ-ଅନୁଗୁଳ | 15 ଏବଂ 16.07.24 | 2220 | 0230 |
| 08426 | ପୁରୀ-ପଲାସା | 15 ଏବଂ 16.07.24 | 1640 | 0025 |
| 08332 | ପୁରୀ-ପଲାସା | 16.07.24 | 0400 | 1005 |
| 08334 | ପୁରୀ-ସୋମ୍ପେଟା | 15.07.24 | 2300 | 0500 |
| 08342 | ପୁରୀ-କେନ୍ଦୁଝରଗଡ଼ | 15 ଏବଂ 16.07.24 | 1745 | 2345 |
| 08344 | ପୁରୀ-କେନ୍ଦୁଝରଗଡ଼ | 15 ଏବଂ 16.07.24 | 2330 | 0445 |
| 08346 | ପୁରୀ-ଗୁଣୁପୁର | 15.07.24 | 2120 | 0730 |
| 08336 | ପୁରୀ-ଦଶପଲ୍ଲା | 15.07.24 | 1845 | 2130 |
| 08338 | ପୁରୀ-ଦଶପଲ୍ଲା | 16.07.24 | 0040 | 0330 |
| 08340 | ପୁରୀ-ଦଶପଲ୍ଲା | 16.07.24 | 0300 | 0540 |
| 08358 | ପୁରୀ-ଖୋର୍ଦ୍ଧା ରୋଡ୍ | 15.07.24 | 0830 | 0950 |
| 08360 | ପୁରୀ-ଖୋର୍ଦ୍ଧା ରୋଡ୍ | 16.07.24 | 0330 | 0500 |
| 08348 | ପୁରୀ-ବିଶାଖାପାଟଣା | 16 ଏବଂ 18.07.24 | 0145 | 1030 |
| 08350 | ପୁରୀ-ଜଗଦଲପୁର | 16.07.24 | 0015 | 1510 |
| 08352 | ପୁରୀ-ଜୁନାଗଡ଼ ରୋଡ୍ | 15 ଏବଂ 17.07.24 | 1925 | 0850 |
| 08356 | ପୁରୀ-ସୋନପୁର | 16.07.24 | 0140 | 1040 |
| 08354 | ପୁରୀ-ସମ୍ବଲପୁର | 16.07.24 | 0230 | 1030 |

**05. ତା. 16 ଏବଂ 17.07.2024 ରିଖ (ସୁନାବେଶ) ଦିନ ପୁରୀ ପହଞ୍ଚୁଥିବା ସତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ. | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପ୍ରସ୍ଥାନ ତାରିଖ | ପ୍ରାରମ୍ଭିକ ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|
| 08495 | ପାରାଦ୍ୱୀପ-ପୁରୀ | 16.07.24 | 2100 | 0310 |
| 08433 | ଅନୁଗୁଳ-ପୁରୀ | 16.07.24 | 2330 | 0355 |
| 08491 | ଭଦ୍ରକ-ପୁରୀ | 16.07.24 | 2100 | 0335 |
| 08351 | ଜୁନାଗଡ଼ ରୋଡ୍-ପୁରୀ | 16.07.24 | 0900 | 2100 |
| 08357 | ଖୋର୍ଦ୍ଧା ରୋଡ୍-ପୁରୀ | 17.07.24 | 0510 | 0620 |
| 08359 | ଖୋର୍ଦ୍ଧା ରୋଡ୍-ପୁରୀ | 17.07.24 | 1410 | 1530 |
| 08335 | ଦଶପଲ୍ଲା-ପୁରୀ | 17.07.24 | 0200 | 0445 |
| 08337 | ଦଶପଲ୍ଲା-ପୁରୀ | 16 ଏବଂ 17.07.24 | 0800 | 1055 |
| 08339 | ଦଶପଲ୍ଲା-ପୁରୀ | 17.07.24 | 1100 | 1400 |
| 08435 | ଅନୁଗୁଳ-ପୁରୀ | 16 ଏବଂ 17.07.24 | 0130 | 0740 |
| 08493 | ଭଦ୍ରକ-ପୁରୀ | 16 ଏବଂ 17.07.24 | 0200 | 0825 |
| 08333 | ସୋମ୍ପେଟା-ପୁରୀ | 17.07.24 | 0515 | 1205 |
| 08497 | ପାରାଦ୍ୱୀପ-ପୁରୀ | 16 ଏବଂ 17.07.24 | 0230 | 0820 |
| 08425 | ପଲାସା-ପୁରୀ | 16.07.24 | 2100 | 0120 |
| 08341 | କେନ୍ଦୁଝରଗଡ଼-ପୁରୀ | 16.07.24 | 2000 | 0145 |
| 08345 | ଗୁଣୁପୁର-ପୁରୀ | 16.07.24 | 2300 | 0415 |
| 08331 | ପଲାସା-ପୁରୀ | 17.07.24 | 0015 | 0535 |
| 08343 | କେନ୍ଦୁଝରଗଡ଼-ପୁରୀ | 16 ଏବଂ 17.07.24 | 0415 | 0945 |
| 08349 | ଜଗଦଲପୁର-ପୁରୀ | 16.07.24 | 1045 | 0045 |
| 08355 | ସୋନପୁର-ପୁରୀ | 16.07.24 | 1500 | 0120 |
| 08353 | ସମ୍ବଲପୁର-ପୁରୀ | 16.07.24 | 2300 | 0745 |

**06. ତା. 17 ଏବଂ 18.07.2024 ରିଖ (ସୁନାବେଶ) ଦିନ ପୁରୀରୁ ଛାଡୁଥିବା ସତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ. | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ପୁରୀରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ଆଗମନ ସମୟ |
|---|---|---|---|---|
| 08492 | ପୁରୀ-ଭଦ୍ରକ | 17.07.24 | 1505 | 2135 |
| 08494 | ପୁରୀ-ଭଦ୍ରକ | 17.07.24 | 2100 | 0255 |
| 08496 | ପୁରୀ-ପାରାଦ୍ୱୀପ | 17.07.24 | 1530 | 2230 |
| 08498 | ପୁରୀ-ପାରାଦ୍ୱୀପ | 17.07.24 | 2130 | 0300 |
| 08434 | ପୁରୀ-ଅନୁଗୁଳ | 17.07.24 | 1540 | 2045 |
| 08436 | ପୁରୀ-ଅନୁଗୁଳ | 17.07.24 | 2220 | 0230 |
| 08426 | ପୁରୀ-ପଲାସା | 17.07.24 | 1640 | 0025 |
| 08332 | ପୁରୀ-ପଲାସା | 18.07.24 | 0400 | 1005 |
| 08334 | ପୁରୀ-ସୋମ୍ପେଟା | 17.07.24 | 2300 | 0500 |
| 08342 | ପୁରୀ-କେନ୍ଦୁଝରଗଡ଼ | 17.07.24 | 1745 | 2345 |
| 08344 | ପୁରୀ-କେନ୍ଦୁଝରଗଡ଼ | 17.07.24 | 2330 | 0445 |
| 08346 | ପୁରୀ-ଗୁଣୁପୁର | 17.07.24 | 2120 | 0730 |
| 08336 | ପୁରୀ-ଦଶପଲ୍ଲା | 17.07.24 | 1845 | 2130 |
| 08340 | ପୁରୀ-ଦଶପଲ୍ଲା | 18.07.24 | 0300 | 0540 |
| 08358 | ପୁରୀ-ଖୋର୍ଦ୍ଧା ରୋଡ୍ | 17.07.24 | 0830 | 0950 |
| 08360 | ପୁରୀ-ଖୋର୍ଦ୍ଧା ରୋଡ୍ | 18.07.24 | 0330 | 0500 |
| 08350 | ପୁରୀ-ଜଗଦଲପୁର | 18.07.24 | 0015 | 1510 |
| 08356 | ପୁରୀ-ସୋନପୁର | 18.07.24 | 0140 | 1040 |
| 08354 | ପୁରୀ-ସମ୍ବଲପୁର | 18.07.24 | 0230 | 1030 |

**07. ତା. 17 ଏବଂ 18.07.2024 ରିଖ (ଅଧରପଣା) ଦିନ ପୁରୀ ପହଞ୍ଚୁଥିବା ସତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ. | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପ୍ରସ୍ଥାନ ତାରିଖ | ପ୍ରାରମ୍ଭିକ ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|
| 08495 | ପାରାଦ୍ୱୀପ-ପୁରୀ | 17.07.24 | 2100 | 0310 |
| 08433 | ଅନୁଗୁଳ-ପୁରୀ | 17.07.24 | 2330 | 0355 |
| 08491 | ଭଦ୍ରକ-ପୁରୀ | 17.07.24 | 2100 | 0335 |
| 08337 | ଦଶପଲ୍ଲା-ପୁରୀ | 18.07.24 | 0800 | 1055 |
| 08435 | ଅନୁଗୁଳ-ପୁରୀ | 18.07.24 | 0130 | 0740 |
| 08493 | ଭଦ୍ରକ-ପୁରୀ | 18.07.24 | 0200 | 0825 |
| 08497 | ପାରାଦ୍ୱୀପ-ପୁରୀ | 18.07.24 | 0230 | 0810 |
| 08425 | ପଲାସା-ପୁରୀ | 17.07.24 | 2100 | 0130 |
| 08341 | କେନ୍ଦୁଝରଗଡ଼-ପୁରୀ | 17.07.24 | 2000 | 0145 |
| 08343 | କେନ୍ଦୁଝରଗଡ଼-ପୁରୀ | 18.07.24 | 0415 | 0945 |
| 08357 | ଖୋର୍ଦ୍ଧା ରୋଡ୍-ପୁରୀ | 18.07.24 | 0510 | 0620 |

**08. ତା. 18 ଏବଂ 19.07.2024 ରିଖ (ଅଧରପଣା) ଦିନ ପୁରୀରୁ ଛାଡୁଥିବା ସତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ. | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ପୁରୀରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ଆଗମନ ସମୟ |
|---|---|---|---|---|
| 08492 | ପୁରୀ-ଭଦ୍ରକ | 18 ଏବଂ 19.07.24 | 1500 | 2135 |
| 08494 | ପୁରୀ-ଭଦ୍ରକ | 18.07.24 | 2100 | 0255 |
| 08496 | ପୁରୀ-ପାରାଦ୍ୱୀପ | 18 ଏବଂ 19.07.24 | 1530 | 2230 |
| 08498 | ପୁରୀ-ପାରାଦ୍ୱୀପ | 18.07.24 | 2130 | 0300 |
| 08434 | ପୁରୀ-ଅନୁଗୁଳ | 18.07.24 | 1545 | 2045 |
| 08436 | ପୁରୀ-ଅନୁଗୁଳ | 18.07.24 | 2220 | 0230 |
| 08426 | ପୁରୀ-ପଲାସା | 18.07.24 | 1640 | 0025 |
| 08342 | ପୁରୀ-କେନ୍ଦୁଝରଗଡ଼ | 18 ଏବଂ 19.07.24 | 1745 | 2345 |
| 08344 | ପୁରୀ-କେନ୍ଦୁଝରଗଡ଼ | 18.07.24 | 2330 | 0445 |
| 08338 | ପୁରୀ-ଦଶପଲ୍ଲା | 19 ଏବଂ 20.07.24 | 0040 | 0330 |
| 08358 | ପୁରୀ-ଖୋର୍ଦ୍ଧା ରୋଡ୍ | 18.07.24 | 0830 | 0950 |
| 08362 | ପୁରୀ-ଭଦ୍ରକ | 19.07.24 | 1505 | 2135 |
| 08434 | ପୁରୀ-ଅନୁଗୁଳ | 19.07.24 | 1540 | 2045 |
| 08370 | ପୁରୀ-ବ୍ରହ୍ମପୁର | 19.07.24 | 2300 | 0500 |
| 08336 | ପୁରୀ-ଦଶପଲ୍ଲା | 19.07.24 | 1845 | 2130 |
| 08399 | ପୁରୀ-ଖୋର୍ଦ୍ଧା ରୋଡ୍ | 20.07.24 | 0045 | 0230 |

**09. ରଥଯାତ୍ରା ସମୟରେ ଅନ୍ୟ ସତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ. | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପ୍ରସ୍ଥାନ ତାରିଖ | ପ୍ରାରମ୍ଭିକ ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|
| 02419 | ମାଲ୍‌ଦା-ମାଳତୀପାଟପୁର | 04 ଏବଂ 11.07.24 | 0930 | 0355 |
| 03101 | ସିଆଲଦା-ଖୋର୍ଦ୍ଧା ରୋଡ୍ | 06 ଏବଂ 13.07.24 | 0005 | 0830 |
| 08376 | ରାଉରକେଲା-ପୁରୀ | 06 ଏବଂ15.07.24 | 2150 | 1645 |
| 08379 | ବାଦାମପାହାଡ଼-ପୁରୀ | 06 ଏବଂ 14.07.24 | 0600 | 2115 |
| 08381 | ବାଙ୍ଗିରିପୋଷି-ପୁରୀ | 07 ଏବଂ 14.07.24 | 0730 | 1815 |
| 08383 | ରାୟପୁର-ପୁରୀ | 06 ଏବଂ 14.07.24 | 0600 | 2300 |
| 08385 | ରାଉରକେଲା-ପୁରୀ | 06 ଏବଂ 14.07.24 | 1130 | 2315 |
| 08387 | ବାଲେଶ୍ୱର-ପୁରୀ | 06 ଏବଂ 14.07.24 | 1740 | 2345 |

**10. ରଥଯାତ୍ରା ସମୟରେ ଅନ୍ୟ ସତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ. | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପ୍ରସ୍ଥାନ ତାରିଖ | ପ୍ରାରମ୍ଭିକ ଷ୍ଟେସନରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ଆଗମନ ସମୟ |
|---|---|---|---|---|
| 03420 | ମାଳତୀପାଟପୁର- ମାଲ୍‌ଦା | 05 ଏବଂ 12.07.24 | 0600 | 2345 |
| 03102 | ଖୋର୍ଦ୍ଧା ରୋଡ୍-ସିଆଲଦା | 06 ଏବଂ 13.07.24 | 1640 | 0200 |
| 08377 | ପୁରୀ-ରାଉରକେଲା | 08 ଏବଂ 16.07.24 | 0200 | 1530 |
| 08380 | ପୁରୀ-ବାଦାମପାହାଡ଼ | 08 ଏବଂ 16.07.24 | 0230 | 1815 |
| 08382 | ପୁରୀ-ବାଙ୍ଗିରିପୋଷି | 08 ଏବଂ 16.07.24 | 0130 | 1345 |
| 08384 | ପୁରୀ-ରାୟପୁର | 08 ଏବଂ 16.07.24 | 0245 | 1600 |
| 08386 | ପୁରୀ-ରାଉରକେଲା | 08 ଏବଂ 16.07.24 | 0315 | 1600 |
| 08388 | ପୁରୀ-ବାଲେଶ୍ୱର | 08 ଏବଂ 16.07.24 | 0115 | 0800 |

ରଥଯାତ୍ରା ସମୟରେ ସଂରକ୍ଷିତ ସୁବିଧା ସ୍ୱତନ୍ତ୍ର ଭଡ଼ା ବିଶିଷ୍ଟ ଟ୍ରେନ୍‌ଗୁଡ଼ିକ ବ୍ୟତୀତ ପୁରୀରୁ ଏବଂ ପୁରୀକୁ ଯାତାୟାତ କରିବାକୁ ଥିବା ସମସ୍ତ ରଥଯାତ୍ରା ସ୍ୱତନ୍ତ୍ର ଟ୍ରେନ୍ ଅଣସଂରକ୍ଷିତ ସ୍ୱତନ୍ତ୍ର ଭଡ଼ା ଟ୍ରେନ୍ ରୂପେ ଚଳାଚଳ କରିବ । ପଲାସା ମାର୍ଗ ଦେଇ ପୁରୀକୁ/ପୁରୀରୁ ଆସିବାକୁ କିମ୍ବା ଯିବାକୁ ଥିବା ସମସ୍ତ ବିଶେଷ ଟ୍ରେନ୍ ଖୋର୍ଦ୍ଧା ରୋଡ୍ ନଯାଇ ଭାୟା-ଅନୁଗୁଳ ଏବଂ ହରିପୁରଗ୍ରାମ ମାର୍ଗ ଦେଇ ଯାତାୟାତ କରିବ ।

UTS ON MOBILE ଅଣସଂରକ୍ଷିତ କାଗଜବିହୀନ ଟିକେଟ୍ ପାଇଁ

ECOR YATRA APP    UTS ON MOBILE

or DOWNLOAD from Play Store

ଡାଏଲ୍ କରନ୍ତୁ 139 — ଟ୍ରେନ୍ ସହିତ ଜଡ଼ିତ କୌଣସି ସହାୟତା ସୂଚନା ଏବଂ ଅଭିଯୋଗ ନିମନ୍ତେ ଏକିକୃତ ନମ୍ବର

**Rath Yatra on Mobile App**

ସମସ୍ତ ସୂଚନା ପାଇଁ ECoR Rath Yatra ମୋବାଇଲ୍ ଆପ୍ ECOR YATRA ପରିଦର୍ଶନ କରନ୍ତୁ

Google Play Store ରୁ ଏହି ଆପ୍ ଡାଉନଲୋଡ୍ କରନ୍ତୁ



**ପୂର୍ବ ତଟ ରେଳପଥ**

D-5/24-25

www.facebook/@EASTCOASTRailway1  www.twitter/@EastCoastRail  www.instagram.com/cproecor


## ଏଆଇଏଫଟି ପକ୍ଷରୁ ଭିନ୍ନକ୍ଷମ ମାନଙ୍କୁ ଛତୁ ଚାରା ବଣ୍ଟନ ଓ ତାଲିମ କାର୍ଯ୍ୟକ୍ରମ




ବାରିପଦା , ୦୫/୭ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଓ ଆମେରିକାନ୍ ଇଣ୍ଡିଆ ଫାଉଣ୍ଡେସନ୍ ଟ୍ରଷ୍ଟ ସହଯୋଗରେ ଭିନ୍ନକ୍ଷମଙ୍କ ଜୀବିକା ନିର୍ବାହକୁ ସୁଦୃଢ଼ କରିବା ନିମନ୍ତେ ରଘୁନାଥପୁର ସ୍ଥିତ ସରସ୍ୱତୀ ଲେପ୍ରୋସୀ କଲୋନୀ ବାସିନ୍ଦାଙ୍କୁ ଛତୁ ମଞ୍ଜି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବିଭୂତି ଭୂଷଣ ନାୟକ (ଭା.ପ୍ର.ସେ.) ଯୋଗଦେଇ ଭିନ୍ନକ୍ଷମ ମାନଙ୍କୁ ଛତୁ ଚାଷ ଏବଂ ନିଜର ଆର୍ଥୀକ ସ୍ଥିତିକୁ ସୁଦୃଢ଼ କିପରି କରିପାରିବେ ସେ ନେଇ ସମସ୍ତଙ୍କୁ ଉତ୍ସାହିତ କରି ଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ନାରାୟଣ ବେହେରା ଭିନ୍ନକ୍ଷମଙ୍କ ପ୍ରଗିତ ଓ ଆର୍ଥୀକ ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଏଆଇଏଫଟିର ବରିଷ୍ଠ ରାଜ୍ୟ କାର୍ଯ୍ୟକ୍ରମ ପରିଚାଳକ ଶ୍ରୀ ରାଜ କମଲ ଶର୍ମା ଓ ସାଧନା ସ୍ୱେଚ୍ଛାସେବୀ ଅନୁଷ୍ଠାନର ନିର୍ଦ୍ଦେଶକ ଶ୍ରୀ ରଞ୍ଜିତ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି, ଛତୁ ଚାଷ ପରି ଲାଭଜନକ କୃଷି କାର୍ଯ୍ୟକ୍ରମ କରିବା ପାଇଁ ଆବଶ୍ୟକ ଦକ୍ଷତା ଏବଂ ଜ୍ଞାନ ପ୍ରଦାନ କରି ଦିବ୍ୟାଙ୍ଗ ମାନଙ୍କୁ ସଶକ୍ତ କରିବା, ଆର୍ଥୀକ ସ୍ଥିତିରେ ସୁଧାର ଆସିବ ଏବଂ ସେମାନଙ୍କର ସାମଗ୍ରିକ କଲ୍ୟାଣ ତଥା ସାମାଜିକ ଅନ୍ତର୍ଭୂକ୍ତି କରଣରେ କପରି ଯୋଗଦାନ ମିଳିବ ସେ ନେଇ ନିମନ୍ତେ ସମସ୍ତଙ୍କୁ ଉତ୍ସାହିତ କରି ଥିଲେ । ଏହି କାର୍ଯ୍ୟକ୍ରମଟି ଏଆଇଏଫଟି ଟିମ୍ ଦ୍ୱାରା ପରିଚାଳନା କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଶ୍ରୀ ଶିଶିର କୁମାର ମୋହନ୍ତ ସମସ୍ତଙ୍କୁ ଛତୁ ଚାଷର ସଠିକ ନିର୍ଦ୍ଦେଶାବଳୀ ବିଷୟରେ ବୁଝାଇଥିଲେ । ଏହି କାର୍ଯ୍ୟକ୍ରମଟି ଏଆଇଏଫଟି ଟିମ୍ ଦ୍ୱାରା ପରିଚାଳନା କରାଯାଇଥିଲା ।

## ୫୦ ଶଯ୍ୟା ବିଶିଷ୍ଟ ଆୟୁଷ ହସପିଟାଲ ନିର୍ମାଣରେ ଅନିଶ୍ଚିତତା

### କ୍ରିୟାନୁଷ୍ଠାନ କମିଟି ଓ ବିକାଶ ମଞ୍ଚ ପକ୍ଷରୁ ଆନ୍ଦୋଳନ ଚେତାବନୀ



ବାଲେଶ୍ୱର, ୦୫/୭ (ନି.ପ୍ର): ଗତ ୨୦୧୯ ମସିହାରେ ବାଲେଶ୍ୱରରେ ଏକ ୫୦ ଶଯ୍ୟା ବିଶିଷ୍ଟ ଆୟୁଷ ହସପିଟାଲ୍ ପ୍ରତିଷ୍ଠା ପାଇଁ ସରକାରୀ ମଞ୍ଜୁରୀ ମିଳିଥିଲା । କିନ୍ତୁ ପ୍ରଶାସନିକ ସ୍ତରରେ ଜମି ଚିହ୍ନଟ ଓ ମଞ୍ଜୁରୀ ଅର୍ଥର ପରିମାଣକୁ ନେଇ ବାରମ୍ବାର ଅର୍ଥ ଅଟକଳର ସଂଶୋଧନ କାରଣରୁ ଏହା ବିଳମ୍ବିତ ହୋଇଥିଲା । କିନ୍ତୁ ରେମୁଣା ତହସିଲ ଅଧିନରେ ଥିବା ଅଚ୍ୟୁତପୁର ମୌଜାର ପ୍ଲଟ୍ ନମ୍ବର - ୧୩୫ରେ ୫ ଏକର ଜମି ପ୍ରଶାସନ ପକ୍ଷରୁ ଚିହ୍ନଟ ପରେ ଏଥିପାଇଁ ଆର୍ଥିକ ମଂଜୁରୀ ମଧ ସରକାରଙ୍କଠାରୁ ମିଳିସାରିଛି । ଇତିମଧରେ ରାସ୍ତା ଓ ଗୃହନିର୍ମାଣ ବିଭାଗ, ବାଲେଶ୍ୱର ଡିଭିଜନ୍-୨ ପକ୍ଷରୁ ଟେଣ୍ଡର ପ୍ରକ୍ରିୟା ସମାପ୍ତ ହୋଇଛି । କିନ୍ତୁ ଗତମାସ ୧୮ ତାରିଖ ଦିନ ସଂପୃକ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ବାଲେଶ୍ୱର ଆୟୁର୍ବେଦିକ ମେଡିକାଲ୍ ଅଫିସରଙ୍କୁ ନିର୍ଦ୍ଦିଷ୍ଟ ଜମିର ଚିହ୍ନଟ ପ୍ରକ୍ରିୟାକୁ ପ୍ରଶ୍ନକରି ଏହି ପ୍ରସ୍ତାବିତ ହସପିଟାଲ ନିର୍ମାଣ କାର୍ଯ୍ୟ ହୋଇପାରିବ ନାହିଁ ବୋଲି ଜଣାଇଛନ୍ତି । ଏହି ହସପିଟାଲ ନିର୍ମାଣ ପାଇଁ ଦୀର୍ଘଦିନ ପାଇଁ ଦାବି କରିଆସୁଥିବା 'ଆୟୁଷ ବିକାଶ ମଞ୍ଚ' ଓ 'ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟି' ପୁନଶ୍ଚ ନିର୍ମାଣ କାର୍ଯ୍ୟ ବିଳମ୍ବିତ ଆଶଙ୍କାକରି ଘୋର ଉଦ୍‌ବେଗ ପ୍ରକାଶ କରିଛନ୍ତି । ଉଭୟ ସଂଗଠନ ପକ୍ଷରୁ ଏକ ପ୍ରତିନିଧି ଦଳ ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସଙ୍କୁ ସାକ୍ଷାତ କରି ଉକ୍ତ ନିର୍ମାଣ କାର୍ଯ୍ୟକୁ ତୁରନ୍ତ ତ୍ୱରାନ୍ୱିତ କରିବାକୁ ଅନୁରୋଧ କରିଛନ୍ତି । ରାଜ୍ୟର ଅନ୍ୟ ଜିଲ୍ଲାମାନଙ୍କରେ ଏହି ହସପିଟାଲ କାର୍ଯ୍ୟକ୍ଷମ ହୋଇସାରିଥିବାବେଳେ ପ୍ରଶାସନିକ ସମନ୍ୱୟ ଅଭାବରୁ ବାଲେଶ୍ୱରରେ ଆୟୁଷ ହସପିଟାଲ ନିର୍ମାଣ ହୋଇପାରିନଥିବା ସଂପର୍କରେ ବିଧାୟକଙ୍କୁ ପ୍ରତିନିଧିମାନେ ଅବଗତ କରାଇଥିଲେ । ଉକ୍ତ ହସପିଟାଲ ପ୍ରତିଷ୍ଠା ହେଲେ ପଞ୍ଚକର୍ମ ଚିକିତ୍ସାର ସୁବିଧା ଜନସାଧାରଣ ପାଇପାରନ୍ତେ ବୋଲି ସେମାନେ କହିଥିଲେ । ଜିଲ୍ଲାବାସୀଙ୍କ ସ୍ୱାର୍ଥ ପାଇଁ ଏହି ହସପିଟାଲର ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରାଯିବ ବୋଲି ବିଧାୟକ ଶ୍ରୀ ଦାସ ପ୍ରତିନିଧିମାନଙ୍କୁ ପ୍ରତିଶ୍ରୁତି ଦେଇଥିବା ସଂପର୍କରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ ପ୍ରେସ୍ ଇସ୍ତାହାରରେ କୁହାଯାଇଛି । ଯଦି ତୁରନ୍ତ ଏହି ନିର୍ମାଣ କାର୍ଯ୍ୟ ଆରମ୍ଭ ନ ହୁଏ ତେବେ ଜନସାଧାରଣ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଦିଗରେ ଦାବି କରିଆସୁଥିବା ଉଭୟ ସଂଗଠନର ସଦସ୍ୟମାନେ ଗଣତାନ୍ତ୍ରିକ ଧାରାରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି । ଏହି ପ୍ରତିନିଧି ଦଳରେ କ୍ରିୟାନୁଷ୍ଠାନ କମିଟିର ସଭାପତି ତଥା ବିକାଶ ମଞ୍ଚର ଉପଦେଷ୍ଟା ନିରଞ୍ଜନ ପରିଡ଼ାଙ୍କ ସମେତ ଡା. ପ୍ରଭାକର ରଥ, ଡା. ଜୟନ୍ତ ପ୍ରଧାନ, ଡା. ତ୍ରିଲୋଚନ ଧଳ, ଡା. ପ୍ରମୋଦ ରାଉତ, ଡା. ପ୍ରଭାତ ରଞ୍ଜନ ପ୍ରଧାନ ଓ ଡା. ସୁଧାଂଶୁ ଦାସ ପ୍ରମୁଖ ବିଧାୟକଙ୍କୁ ସାକ୍ଷାତ କରିଥିଲେ ।

## ଅବସରକାଳୀନ ସମ୍ବର୍ଦ୍ଧନା

ବେତନଟୀ , ୦୫/୭ (ନି.ପ୍ର): ବେତନଟୀ ବ୍ଲକ ଅନ୍ତର୍ଗତ ସାନଖିରପଦା ଠାରେ ଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜୟନ୍ତ କୁମାର ପରିଡ଼ା ଜୁନ୍ ୩୦ ତାରିଖରେ ଅବସର ନେବା ପରେ ତାଙ୍କ ଉଦ୍ଦେଶ୍ୟରେ ବିଦ୍ୟାଳୟ ପରିସରରେ ଏକ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ବେତନଟୀ କଲେଜର ଅବସର ପ୍ରାପ୍ତ ଅଧାପକ ଅଲେଖ କୁମାର ବିଶ୍ୱାଳ ମୂଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷକତା ଜୀବନରେ ଶ୍ରୀ ପରିଡାଙ୍କ ସ୍ୱଭାବ, ଛାତ୍ରବତ୍ସଳତା, ସମୟାନୁବର୍ତ୍ତିତା ସମ୍ପର୍କରେ ନିଜ ଅଭିଜ୍ଞତା ଉପସ୍ଥାପନ କରିଥିଲେ ।ଏହି ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ସୁମତୀ ଭୁୟାଁ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ଅନ୍ୟତମ ଅତିଥି ଭାବେ ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଅରୁଣ କୁମାର ଓଡା, ଲମ୍ବୋଦର ପଣ୍ଡା, ହରିଶ ଚନ୍ଦ୍ର ବେହେରା, କମଳାକାନ୍ତ ବେହେରା, ଭରତ ଚନ୍ଦ୍ର ଓଝା, ସର୍ବେଶ୍ୱର ପରିଡା, ପରିଚାଳନା କମିଟି ସଭାପତି ମଦନ ମୁର୍ମୁ, ସିଦ୍ଧେଶ୍ୱର ବେହେରା, ଗଣେଶ୍ୱର ଓଝା ପ୍ରମୁଖ ଯୋଗ ଦେଇ ଜୟନ୍ତ ସାରଙ୍କ ଗୁଣ ବଖାଣିଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ,ପରିଚାଳନା କମିଟି ସଦସ୍ୟ ବୃନ୍ଦ , ବିଦ୍ୟାର୍ଥୀ ମାନେ ସହଯୋଗ କରିଥିବା ବେଳେ ହିମାଂଶୁ ମଣ୍ଡଳ ଓ ଗଙ୍ଗାଧର ମହାନ୍ତି ମଞ୍ଚ ପରିଚାଳନା କରିଥିଲେ ।

## ମଲ୍ୟାଣି କ୍ରିକେଟ୍ ଟିମ୍ ସଦସ୍ୟଙ୍କ ଦ୍ୱାରା ବୃକ୍ଷରୋପଣ



ନୀଳଗିରି , ୦୫/୭ (ନି.ପ୍ର): ଜାମୁଡ଼ିହା ପଞ୍ଚାୟତ ମଲ୍ୟାଣି ଗ୍ରାମରେ ଥିବା କ୍ରିକେଟ ପଡ଼ିଆ ପାର୍ଶ୍ୱରେ ମଲ୍ୟାଣି କ୍ରିକେଟ ଟିମର ଯୁବକ ମାନଙ୍କ ଦ୍ୱାରା ସୋମବାର ଦିନ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଖେଳ ପଡିଆର ଚାରି ପାଖରେ ବୃକ୍ଷ ନଥିବାରୁ ଗ୍ରୀଷ୍ମ ଦିନ ରେ ଅନୁଷ୍ଠିତ ହେଉଥିବା ଟର୍ଣ୍ଣମେଣ୍ଟ ଦେଖିବାକୁ ଆସୁଥିବା ଦର୍ଶକ ମାନେ ପ୍ରଚଣ୍ଡ ରୌଦ୍ର ତାପ ର ଶିକାର ହେଉ ଥିଲେ ।ଏହାକୁ ଦୃଷ୍ଟି ରେ ରଖି ,ମଲ୍ୟାଣି କ୍ରିକେଟ ଟିମ୍ ର ୨୫ ରୁ ଉର୍ଦ୍ଧ୍ୱ ଯୁବକ ପଡିଆର ଚାରିପାଖରେ ପ୍ରାୟ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ଆଗାମୀ ଦିନରେ ପଡ଼ିଆ ର ଚାରି ପାର୍ଶ୍ୱରେ ୪୦୦ ଚାରା ଗଛ ଲଗାଇବାର ଲକ୍ଷ୍ୟ ଧାର୍ଯ୍ୟ କରଯାଇଛି ବୋଲି ଯୁବ ପରିବେଶ ପ୍ରେମୀ ତଥା ଟିମ୍ ଲିଡର ଜଗଦେବ ଖିଲାର କହିଛନ୍ତି ।ଏହାକୁ ଦେଖି ଗ୍ରାମର ଗୁରୁଜନ ଏବଂ ପରିବେଶବିତ୍ ମାନେ କ୍ରିକେଟ ଟିମ୍ ର ସମସ୍ତ ଖେଳାଳୀ ମାନଙ୍କୁ ପ୍ରଶଂସା କରିବା ସହିତ ଏମିତି ସାମାଜିକ କଲ୍ୟାଣ କାମ କରିବାକୁ ପ୍ରେରଣା ଦେଇଛନ୍ତି ।

## କୌଣସି ରାସ୍ତା କଞ୍ଚା ରହିବ ନାହିଁ:ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ



ବାଲେଶ୍ୱର, ୦୫/୭ (ନି.ପ୍ର): ଆଜି ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସ୍ଥାନୀୟ ସର୍କିଟ ହାଉସ ଠାରେ ଏକ ସମୀକ୍ଷା ବୈଠକ କରିଥିଲେ । ପ୍ରଥମେ ପର୍ଯ୍ୟାୟରେ ଆର.ଡ଼ି ଓ ଦିତୀୟ ପର୍ଯ୍ୟାୟରେ ବିଦ୍ୟୁତ ସରବରାହ ସଂସ୍ଥା ଟାଟା ପାୱାର ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ । ନିଳଗିରି, ବସ୍ତା, ସଦର, ରେମୁଣା, ଔପଦା ବ୍ଲକରେ ଆର.ଡ଼ି ବିଭାଗର ଚାଲୁଥିବା କାର୍ଯ୍ୟର ସମୀକ୍ଷା କରିବା ସହିତ ସମସ୍ତ ରାସ୍ତାକୁ ପକ୍କା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ନିଳଗିରି ବିଧାୟକ ସନ୍ତୋଷ ଖଟୁଆ, ସଦର ବିଧାୟକ ମାନସ କୁମାର ଦତ୍ତ, ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଓ ବସ୍ତା ବିଧାୟକ ପ୍ରାର୍ଥୀ ରବିନ୍ଦ୍ର ଅଣ୍ଡିଆ ଅଂଶଗ୍ରହଣ କରି ନିଜ ନିଜ ଅଞ୍ଚଳର ସମସ୍ୟା ସଂପର୍କରେ ଅବଗତ କରାଇଥିଲେ । ଚାଲୁଥିବା ନିର୍ମାଣ କାର୍ଯ୍ୟକୁ ଅବଧି ମଧରେ ଶେଷ କରିବା ପାଇଁ ଓ ନୂଆ କାମକୁ ତୁରନ୍ତ ଆରମ୍ଭ କରିବା ସହିତ କାର୍ଯ୍ୟରେ ସତତା ଓ ପାରଦର୍ଶିତା ଅବଲମ୍ବନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଆଲୋଚନା ସମୟରେ ଆର.ଡ଼ି ବିଭାଗର ସମସ୍ତ ଅଧିକାରୀ ଅଂଶଗ୍ରହଣ କରିଥିଲେ । ଏହାପରେ ବିଦ୍ୟୁତ ସରବରାହ ସଂସ୍ଥା ଟାଟା ପାୱାର ଅଧିକାରୀଙ୍କ ସହିତ ବିଦ୍ୟୁତ୍ ସରବରାହ, ଉପଭୋକ୍ତାଙ୍କ ଅଭିଯୋଗ, ନିରବଚ୍ଛିନ୍ନ ଯୋଗାଣ, ବିଷୟରେ ଆଲୋଚନା କରିଥିଲେ । ଅହେତୁକ ବିଦ୍ୟୁତ୍ କାଟ ନକରିବାକୁ ନିର୍ଦ୍ଦେଶ ଦେଇଥିଲେ । ଉପଭୋକ୍ତାଙ୍କୁ ଉତ୍ତମ ସେବା ଯୋଗାଇଦେବାକୁ ପ୍ରାଧାନ୍ୟ ଦେବାକୁ କହିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo